

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୧ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 11 JANUARY 2023
Vol.No. 34 ■ No. 11 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଆଜି ବିଶ୍ୱକପ୍ ଉଦଘାଟନୀ ଉତ୍ସବ

## ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଦୁଲୁକିବ ବାରବାଟୀ ଷ୍ଟାଡିୟମ



ଭୁବନେଶ୍ୱର,୧୦/୦୧ (ନି.ପ୍ର): ଓଡ଼ିଶାର କ୍ରୀଡ଼ା ଇତିହାସରେ ଯୋଡ଼ି ହେବାକୁ ଯାଉଛି ଆଉ ଏକ ଅଧ୍ୟାୟ ।ଉଦଘାଟନୀ କାର୍ଯ୍ୟକ୍ରମ ପାଇଁ ସଜେଇ ହୋଇଛି ଐତିହାସିକ ବାରବାଟୀ ଷ୍ଟାଡିୟମ୍ । ମାତ୍ର କିଛି ଘଂଟାର ଅପେକ୍ଷା । ବାଜିବ ହକି ବିଶ୍ୱ କପର ବିଗୁଲ୍ । ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏହାର ଶୁଭାରମ୍ଭ ଦେଖିବ ସାରା ବିଶ୍ୱ । ଏଥିରେ ମୁଖ୍ୟ ଆକର୍ଷଣ ସାଜିବେ ବଲିଉଡ ଷ୍ଟାର ଆଇକନ୍ । ଉଦଘାଟନୀ ଉତ୍ସବରେ ଧମାଲ କରିବେ ରଣବୀର ସିଂ ଓ ଦିଶା ପଟାନୀ । କିଛି ଦିନ ହେଲା କଳାକାର ମାନେ ନିଜର ଅଭ୍ୟାସ ଜାରି ରଖିଛନ୍ତି । ପ୍ରୀତମ୍‌ଙ୍କ ସଙ୍ଗୀତର ଯାଦୁରେ ଝୁମିବେ ଉପସ୍ଥିତ ଦର୍ଶକ । ଉଦଘାଟନୀ ଉତ୍ସବରେ ୩୦ ହଜାର ଦର୍ଶକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି । ହକି ଉଦଘାଟନୀ ଉତ୍ସବ ପାଇଁ ବାରବାଟୀ ଷ୍ଟାଡିୟମ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି । ଷ୍ଟାଡିୟମ ଓ ଆଖପାଖ ଅଂଚଳରେ ମୁତୟନ ହେବେ ପ୍ରାୟ ୫୦ ପ୍ଲାଟୁନ ପୁଲିସ ଫୋର୍ସ । ସୁରକ୍ଷା ଦାୟିତ୍ୱ ତଦାରଖ ପାଇଁ ୪୦ ଜଣ ଡିଏସ୍ପି ସ୍ତରୀୟ ଅଧିକାରୀ, ୫୫ଜଣ ଇନସପେକ୍ଟର ସ୍ତରୀୟ ଅଧିକାରୀ, ୩ଶହ ଜଣ ଏସଆଇଙ୍କ ସହିତ ୩ଶହରୁ ଅଧିକ କନେଷ୍ଟବଳ ନିୟୋଜିତ ହେବେ । ତା ସହିତ ୫ଶହରୁ ଅଧିକ ହୋମଗାର୍ଡଙ୍କୁ ବି ନିଯୁକ୍ତ ହେବେ । ଉଦଘାଟନୀ ଉତ୍ସବ ପାଇଁ ବାରବାଟୀ ଷ୍ଟାଡିୟମକୁ ତ୍ରିସ୍ତରୀୟ ସୁରକ୍ଷା ବଳୟ ଭିତରେ ରଖାଯିବ । ଦ୍ୱିତୀୟ ସ୍ତରରେ ସୁରକ୍ଷା ବଳୟ ବିଭିନ୍ନ ଗେଟର ଭିତରପଟ ଓ ଗ୍ୟାଲେରୀ ରହିବ । ଟ୍ରାଫିକ ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଉଦଘାଟନୀ ଉତ୍ସବର ଏହି ପ୍ରସ୍ତୁତି ଭିତରେ ହକି ବିଶ୍ୱକପ ପାଇଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମ ବିଶ୍ୱକପ୍ ମ୍ୟାଚ୍ ପାଇଁ ପ୍ରସ୍ତୁତ ରହିଛି । ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବ ହକି ବିଶ୍ୱକପ । ପ୍ରଥମ ଦିନରେ ଗ୍ରୁପ ଷ୍ଟେଜର ୪ଟି ମ୍ୟାଚ୍ ଖେଳାଯିବ । ଭୁବନେଶ୍ୱର ଏବଂ ରାଉରକେଲାରେ ଦୁଇଟି ଲେଖାଏଁ ମ୍ୟାଚ୍ ଖେଳାଯିବ ।

# ଓସିଏସ୍ ପରୀକ୍ଷାର୍ଥୀ ଓଡ଼ିଆ କିମ୍ବା ଇଂରାଜୀକୁ ବିକଳ୍ପ ମାଧ୍ୟମ ଭାବେ ଚୟନ କରିପାରିବେ

ଭୁବନେଶ୍ୱର,୧୦/୦୧ (ନି.ପ୍ର): ଓଡ଼ିଶା ସିଭିଲ୍ ସେବା-୨୦୨୨-୨୩ ପରୀକ୍ଷା ଦେବା ପାଇଁ ଅନ୍‌ଲାଇନ୍ ଆବେଦନ କରିବାବେଳେ ପରୀକ୍ଷାର୍ଥୀମାନେ ଇଂରାଜୀ କିମ୍ବା ଓଡ଼ିଆ ଭାଷାକୁ ବିକଳ୍ପ ମାଧ୍ୟମ ଭାବେ ଚୟନ କରିପାରିବେ । କିନ୍ତୁ ଆବେଦନ ପତ୍ରରେ ଓଡ଼ିଆ କିମ୍ବା ଇଂରାଜୀ ଭାଷାକୁ ବିକଳ୍ପ ମାଧ୍ୟମ ଭାବରେ ଥରେ ଉଲ୍ଲେଖ କରିସାରିବା ପରେ ଏହାକୁ ପରିବର୍ତ୍ତନ କରାଯାଇପାରିବ ନାହିଁ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅଧିସୂଚନା ସଂଖ୍ୟା ୨୯୨୪୬ ତା, ୧୮/୧୦/୨୦୨୨ରିଖ ଅନୁଯାୟୀ ଓଡ଼ିଶା ସିଭିଲ୍ ସେବା-୨୦୨୨ ପରୀକ୍ଷାରେ ପରୀକ୍ଷାର୍ଥୀମାନେ ପ୍ରାରମ୍ଭିକ ମୁଖ୍ୟ ଲିଖିତ ପରୀକ୍ଷା ଓ ବ୍ୟକ୍ତିଗତ ସାକ୍ଷାତକାର ପରୀକ୍ଷା ପାଇଁ ଇଂରାଜୀ କିମ୍ବା ଓଡ଼ିଆ ଭାଷାକୁ ବିକଳ୍ପ ମାଧ୍ୟମ ଭାବରେ ଚୟନ କରିପାରିବେ । ଏହି ବ୍ୟବସ୍ଥା ପ୍ରବନ୍ଧ ଲେଖିବା ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ । ମାତ୍ର ଭାଷା ବିଷୟରେ ଏହି ବିକଳ୍ପ ରହିବ ନାହିଁ ।

# ଚୀନରେ ମାଡୁଛି କରୋନା, ବଢୁଛି ଭୟ

ନୂଆଦିଲ୍ଲୀ,୧୦/୦୧ : ଚୀନରେ କରୋନାର ସ୍ଥିତି ଦିନକୁ ଦିନ ବିଗିଡିବାରେ ଲାଗିଛି । ଜିନପିଙ୍ଗ ସରକାର ଦେଶରୁ ସମସ୍ତ କଟକଣା ହଟାଇବାପରେ ସଂକ୍ରମଣ ବୃଦ୍ଧି ଆଶଙ୍କା ବେଶ ଅଧିକ ହୋଇଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଜାନୁଆରୀ ୧୩ ସୁଦ୍ଧା ଚୀନରେ ସଂକ୍ରମଣ ଶୀର୍ଷ ଛୁଇଁବ । ଏହା ଯୋଗୁଁ ପ୍ରତିଦିନ ସଂକ୍ରମଣ ୩୭ଲକ୍ଷ ଟପିବା ଆଶଙ୍କା ରହିଛି । ଏଥିସହ ଦୈନିକ ୨୫ହଜାର ଲୋକଙ୍କ ମୃତ୍ୟୁ ହେବା ଆଶଙ୍କା ମଧ୍ୟ ରହିଛି । ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଚୀନରେ କେବଳ ଭାରତୀୟ ଔଷଧର କଳାବଜାରୀ ହେଉନି ବଂର ନକଲି ଔଷଧ ମଧ୍ୟ ବିକ୍ରି ଆରମ୍ଭ ହୋଇଥିବା ଜଣାପଡିଛି । ୧୭ଟି ଦେଶ ଚୀନ ଯାତ୍ରୀଙ୍କ ଉପରେ କଟକଣା ଲଗାଇଛନ୍ତି । ଗୋଟେ ପଟେ ଚୀନରେ ସଂକ୍ରମଣ ବୃଦ୍ଧି ଅନ୍ୟପଟେ ଜାପାନରେ ମଧ୍ୟ କ୍ରମଶ ସମାନ ସ୍ଥିତି ଦେଖାଗଲାଣି । ୭ଦିନ ଭିତରେ ଜାପାନରେ ୧୨ଲକ୍ଷ ଲୋକ ସଂକ୍ରମିତ ହୋଇଥିବା ସୂଚନା ରହିଛି । ଜାନୁଆରୀ ୯ ତାରିଖରେ ଏକ ଲକ୍ଷ ସଂକ୍ରମିତ ଚିହ୍ନଟ ହୋଇଛି ।

# ଆକ୍ସନମୋଡ଼ରେ ଉତ୍ତରାଖଣ୍ଡ ସରକାର : ଯୋଶୀମଠରେ ଚାଲିଲା ବୁଲଡୋଜର



ନୂଆଦିଲ୍ଲୀ,୧୦/୦୧ : ସବୁଦିନ ପରି ମଙ୍ଗଳବାର ମଧ ଉତ୍ତରାଖଣ୍ଡ ଯୋଶୀମଠରେ ସୂର୍ଯ୍ୟଉଦୟ ହୋଇଛି କିନ୍ତୁ ନୂଆ ଦିନ ନୂଆ ଆଶା ଓ ସମ୍ଭାବନା ବଦଳରେ ଦୁଖ ଓ କଷ୍ଟ ଆଣିଛି । ଏହି କଷ୍ଟରେ ମର୍ମାହତ ହୋଇଛନ୍ତି ଯୋଶୀମଠବାସୀ । କାରଣ ଯେଉଁସ୍ଥାନରେ ସେମାନେ ଦୀର୍ଘବର୍ଷ ତଥା ପୀଢିପୀଢି ଧରି ରହିଆସୁଥିଲେ ସେହି ସ୍ଥାନକୁ ଛାଡିଚାଲିଯିବାକୁ ପଡୁଛି । କିଛି ଦିନ ହେବ ସହରର ଘର ଦବିବାରେ ଲାଗିଛି । କାନ୍ଥଠୁ ରାସ୍ତା ସବୁ କିଛି ଫାଟି ଆଁ କରିଛି । ଭୟ ଓ ଆତଙ୍କ ଭିତରେ ଲୋକମାନେ ପଳାୟନ କରୁଥିଲେ କିନ୍ତୁ ମଙ୍ଗଳବାର ସ୍ଥାନୀୟ ପ୍ରଶାସନ ସେହି ଘର ଗୁଡିକକୁ ଭାଙ୍ଗୁଛନ୍ତି ଯେଉଁଗୁଡିକ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ପୈତୃକସ୍ଥଳୀ ଛାଡିବା ସମୟରେ କୋହଭରା ଆଖି ଅନେକ କିଛି ବୟାନ କରୁଥିଲା । ସ୍ଥାନୀୟ ଲୋକଙ୍କ ସୁରକ୍ଷା ପାଇଁ ସ୍ଥାନୀୟ ପ୍ରଶାସନ ଘର ଓ ହୋଟେଲକୁ ଭାଙ୍ଗୁଛନ୍ତି ସତ କିନ୍ତୁ ଏହା ଭିତରେ ଅନେକ ଅଭିଯୋଗ ମଧ ଉଠିଛି । ହୋଟେଲ ବ୍ୟବସାୟୀ କହୁଛନ୍ତି ବିନା ନୋଟିସରେ ସରକାରଙ୍କ ଏଭଳି ନିଷ୍ପତି ସେମାନଙ୍କ ମାନସିକ ଓ ଆର୍ଥିକସ୍ତରରେ ବଡ ଝଟକା ଦେଇଛି । ସୁପ୍ରିମକୋର୍ଟ ଆବେଦନ ଉପରେ ତୁରନ୍ତ ଶୁଣାଣୀ ପାଇଁ ମନା କରିଛନ୍ତି । ଜାନୁଆରୀ ୧୬ରେ ହେବ ପରବର୍ତୀ ଶୁଣାଣୀ । ଯୋଶୀମଠକୁ ଦେଖାଦେଇଥିବା ବିପଦ ନେଇ ଉତରାଖଣ୍ଡ ଜ୍ୟୋତିଷ ପୀଠର ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି । ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ▶▶ପୃଷ୍ଠା ୭

# ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ନଥିଲେ ୧୫ରୁ ଜୋରିମାନା



ଭୁବନେଶ୍ୱର,୧୦/୦୧ (ନି.ପ୍ର): ଆସନ୍ତା ୧୫ ତାରିଖରୁ ଗାଡ଼ିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଯାଂଚ କରାଯିବ। ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ନଥିଲେ ଜାନୁଆରୀ ୧୫ ତାରିଖରୁ ୫ ହଜାରରୁ ୧୦ ହଜାର ପର୍ଯ୍ୟନ୍ତ ଚାଲାଣ କଟିବ । ଅତିରିକ୍ତ ପରିବହନ କମିଶନର (ଏନ୍‌ଫୋର୍ସମେଂଟ୍) ଲାଲ ମୋହନ ସେଠୀ ଏକ ପ୍ରେସ୍ ରିଲିଜ୍ ଜରିଆରେ ଏହି ସୂଚନା ଦେଇଛନ୍ତି। ୧.୪.୧୯ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଗାଡ଼ି ତଥା ଯେଉଁ ଗୁଡ଼ିକର ଶେଷ ନମ୍ବର ୧,୨,୩,୪,୫ ଓ ୬ରେ ଶେଷ ହୋଇଥିବ, ସେଗୁଡ଼ିକରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଲାଗି ନଥିଲେ ଆସନ୍ତା ୧୫ ତାରିଖରୁ ଚାଲାଣ କଟାଯିବ। କାରଣ ଏହି ସବୁ ନମ୍ବର ପାଇଁ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଲଗାଇବାର ଧାର୍ଯ୍ୟ ସମୟ ଶେଷ ହୋଇଯାଇଛି। ୨୦୨୨ ଡିସେମ୍ବର ୩୧ ସୁଦ୍ଧା ଏହି ସବୁ ନମ୍ବର ଥିବା ଗାଡ଼ିଗୁଡ଼ିକୁ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଲଗାଇବାକୁ କୁହାଯାଇଥିଲା। ଓଡ଼ିଶା ରେଜିଷ୍ଟ୍ରେସନ୍ ମାର୍କ ଓ ରେଜିଷ୍ଟ୍ରେସନ୍ ନମ୍ବର ୭ ଏବଂ ୮ ସହିତ ଶେଷ ହେଉଥିବା ଗାଡ଼ି ଗୁଡ଼ିକରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଲଗାଇବାର ଶେଷ ତାରିଖ ହେଉଛି ଜାନୁଆରୀ ୩୧। ସେହିପରି ୯ ଓ ୦ ସହିତ ଶେଷ ହେଉଥିବା ଗାଡ଼ି ଗୁଡିକରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଲଗାଇବାର ଶେଷ ତାରିଖ ହେଉଛି ଫେବ୍ରୁଆରୀ ୨୮। ଏହି ଧାର୍ଯ୍ୟ ସମୟ ଶେଷ ହେଲେ ଏହି ସବୁ ଗାଡ଼ି ଗୁଡ଼ିକର ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଯାଂଚ କରାଯିବ। ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର୍ (ଏନ୍‌ଫୋର୍ସମେଂଟ) ଲାଲ ମୋହନ ସେଠୀ କହିଛନ୍ତି, ୯.୧.୨୩ ସୁଦ୍ଧା ସମୁଦାୟ ୩୫,୫୬,୮୧୯ ଗାଡ଼ି ମାଲିକ ସ୍ଲଟ୍ ବୁକ୍ କରିଛନ୍ତି। ଏଥିରୁ ୨୭,୨୪,୯୯୪ଟି ଗାଡ଼ିରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଲଗାଯାଇଛି।

# ଆଫଗାନରେ ମହିଳାଙ୍କ ପ୍ରତି ବଢୁଛି ଯାତନା



ନୂଆଦିଲ୍ଲୀ, ୧୦/୦୧ : ଆଫଗାନିସ୍ତାନରେ ପୁଣି ନିୟମ କଡ଼ାକଡ଼ି କଲା ତାଲିବାନ । ଆଫଗାନ ଝିଅମାନେ ଏବେ କେବଳ ପ୍ରାଇମେରୀ ଯାଏଁ ପାଠ ପଢିପାରିବେ । ପୂର୍ବରୁ ତାଲିବାନ ଝିଅମାନଙ୍କ କଲେଜପାଠ ପଢା ଉପରେ ବ୍ୟାନ ଲଗାଇଥିବାବେଳେ ଏବେ ପୁଣି ନୂଆ ଫରମାନ ଜାରି କରଛି । ଉଭୟ ସରକାରୀ ଓ ଘରୋଇ ସ୍କୁଲ ପାଇଁ ଏହି ଆଦେଶ ଜାରି କରିଛି । କେବଳ ସେତିକି ନୁହେଁ ଯେଉଁମାନେ ସ୍କୁଲ ଯିବେ ସେମାନେ ଇସଲାମିକ ନିୟମ ଅନୁସାରେ ପୋଷାକ ପରିଧାନ କରିବାକୁ ବାଧ । ଯେବେଠୁ ଆଫଗାନରେ ତାଲିବାନ ସରକାର ଆସିଛି ସେବେଠୁ ଏଠାରେ ମହିଳାଙ୍କ ଜୀବନ ଦୁର୍ବିସହ ହୋଇପଡିଛି । କ୍ରମଶଃ ମହିଳାଙ୍କ ଅଧିକାରକୁ ଶେଷ କରାଯାଉଛି । ଏହାକୁ ନେଇ ଅର୍ନ୍ତରାଷ୍ଟ୍ରୀୟ ମଞ୍ଚରେ ତାଲିବାନକୁ କଡ଼ା ସମାଲେଚେନା କରାଯାଉଛି । ଆଫଗାନକୁ କବଜା କରିବା ପରେ ତାଲିବାନ ଆଶ୍ୱସନା ଦେଇଥିଲା ଯେ ମହିଳାଙ୍କ ଅଧିକାର ହନନ କରାଯିବନି ବୋଲି କହିଥିଲା । ତାଲିବାନ କେବଳ ମହିଳାଙ୍କ ଶିକ୍ଷା ଅଧିକାରକୁ ଛଡାଉନି ବଂର ସେମାନଙ୍କ ରୋଜଗାର ବାଟରୁ ମଧ ଜୋରଜବରଦସ୍ତି ବାହାର କରୁଛି । ବିନା ପୁରୁଷରେ କୌଣସି ମହିଳା ପାର୍କ,ବଜାର ଯାଇପାରିବେନି । ଆଫଗାନରେ ତାଲିବାନର ବର୍ବରତାକୁ ରୋକିବା ପାଇଁ ୟୁଏନ ସମେତ ବିଭିନ୍ନ ଦେଶ ଭିନ୍ନ ଭିନ୍ନ ପ୍ରକାରରେ ଚାପ ପ୍ରୟୋଗ କରୁଛନ୍ତି । ଆଫଗାନକୁ ଆର୍ଥିକ ସହାୟତା ଦେବା ଉପରେ ରୋକ ଲଗାଇଛି ୟୁଏନ ।

# ଶୀତଦିନେ ଟି-ସାର୍ଟ ପିନ୍ଧିବାର କାରଣ କହିଲେ ରାହୁଲ

ନୂଆଦିଲ୍ଲୀ,୧୦/୦୧ : ଯେତେବେଳେ ସାରା ଭାରତ ହାଡଭଙ୍ଗା ଶୀତରେ ଥରୁଛି ସେତେବେଳେ ରାହୁଲ ଗାନ୍ଧୀ ଟି-ସାର୍ଟ ପିନ୍ଧି ଭାରତ ଯୋଡ ଯାତ୍ରା କରୁଛନ୍ତି । ଯାହାକୁ ନେଇ ରାହୁଲଙ୍କ ସମାଲୋଚକ ବିଭିନ୍ନ ପ୍ରଶ୍ନ ଉଠାଇଛନ୍ତି । ଏବେ ଏହାକୁ ନେଇ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ରଖିଛନ୍ତି ରାହୁଲ ଗାନ୍ଧୀ । ଭାରତଯୋଡ଼ ଯାତ୍ରା କନ୍ୟାକୁମାରୀରୁ ଆରମ୍ଭ କରିଥିଲେ ରାହୁଲ । ସେତେବେଳେ ପାଗ ଗରମ ଥିଲା । ▶▶ପୃଷ୍ଠା ୭

# ପିଶାଚ ପାଲଟିଲେ ବାପା ଓ ସାବତ ମାଆ : କଲେଜ ପଢୁଆ ଝିଅକୁ ମାରି ପୋଡିଦେଲେ



ଭୁବନେଶ୍ୱର,୧୦/୦୧ (ନି.ପ୍ର): ସାବତ ମାଆ କଥାରେ ପଡି ଝିଅକୁ ପିଟି ପିଟି ମାରିଦେଲେ ବାପା । କେବଳ ଏତିକି ନୁହେଁ ପ୍ରମାଣ ନଷ୍ଟ ପାଇଁ ବି ଉଦ୍ୟମ କଲେ । ଆଉ ହାଡ ଓ ପାଉଁଶ ଗାଏବ କରିବାକୁ ଉଦ୍ୟମ କଲେ । ପୁରୀ ଗୋପା ଥାନାରେ ଏଭଳି ଅଭିଯୋଗ ହୋଇଛି । ମୃତ ଝିଅ ହେଲେ ଏହି ଥାନା ଅଂଚଳ ବିଜିପୁର ଗାଁର ସୋନାଲି ମହାରଣା । ସୋନାଲିଙ୍କ ବଡଭଉଣୀ ଏ ନେଇ ଥାନାରେ ଯେଉଁ ଅଭିଯୋଗ କରିଛନ୍ତି . ଜଣେ ତାହା ଜାଣିଲେ ଆଜିର ଦିନରେ ଯେ ଏଭଳି ହୁଏ ତାହା ବିଶ୍ୱାସ କରିପାରିବେନି । ରଞ୍ଜିତାଙ୍କ ଅଭିଯୋଗ ଅନୁସାରେ ୨୦୧୮ରେ ମାଙ୍କ ମୃତ୍ୟୁ ପରେ ସେ ରୋଜଗାର ପାଇଁ ବାହାରକୁ ଚାଲିଯାଇଥିଲେ । ୨୦୨୦ ମସିହାରେ ▶▶ପୃଷ୍ଠା ୭

# ୧୭ତମ 'ପ୍ରବାସୀ ଭାରତୀୟ ଦିବସ- ୨୦୨୩'ର ଉଦ୍‌ଯାପନ ସମାରୋହରେ କେନ୍ଦ୍ରମନ୍ତ୍ରୀ



ଇନ୍ଦୋର,୧୦/୦୧ (ନି.ପ୍ର): ମଧ୍ୟପ୍ରଦେଶର ଇନ୍ଦୋରରେ ମଙ୍ଗଳବାର ଆୟୋଜିତ ୧୭ତମ 'ପ୍ରବାସୀ ଭାରତୀୟ ଦିବସ ୨୦୨୩' ସମ୍ମିଳନୀର ଉଦଯାପନ ସମାରୋହରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରବାସୀ ଭାରତୀୟଙ୍କ ସହ ମିଳିତ ଭାବରେ ଭାରତକୁ ଏକ ଦାୟିତ୍ୱବାନ ଦେଶ ଭାବରେ ପରିଣତ କରିବା ପାଇଁ ଆହ୍ୱାନ କରିଛନ୍ତି । ଦେଶର ମାନବ ସମ୍ବଳର ଦକ୍ଷତା ଏବଂ ଗତିଶୀଳତା ବୃଦ୍ଧି ତଥା ମାନବତାର ସେବା ପାଇଁ ଏକ ନୂତନ ଭାରତୀୟ ମଡେଲ ସୃଷ୍ଟି କରିବାରେ ପ୍ରବାସୀ ଭାରତୀୟଙ୍କ ଭୂମିକା ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିଛନ୍ତି । ସେ କହିଛନ୍ତି ଯେ ଆମର ପ୍ରବାସୀ ଭାରତୀୟ, ଭାରତୀୟ ସଭ୍ୟତାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଦେଶର ବୃହତ ଯାତ୍ରାରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଆମ ଦେଶରେ ଥିବା ମାନବ ସମ୍ବଳ ପରିଶ୍ରମୀ, ସଚ୍ଚୋଟ ଓ ଦାୟିତ୍ୱବାନ । କୁଶଳୀ ମାନବ ଶକ୍ତିର ବୈଶ୍ୱିକ ପେଣ୍ଠସ୍ଥଳୀ ଭାବରେ ଭାରତ ଉଭା ହୋଇପାରିବ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ ଦେବା ପାଇଁ ଜାତୀୟ ଶିକ୍ଷା ନୀତି -୨୦୨୦ ଏବଂ ନୂତନ ଦକ୍ଷତା ବିକାଶ ମାଧ୍ୟମରେ ▶▶ପୃଷ୍ଠା ୭

# ସମ୍ବଲପୁର, ଜୟପୁର, ବ୍ରହ୍ମପୁର ଓ ବାରିପଦାଠାରେ ହେବ ଆଂଚଳିକ କୃଷି ମେଳା

ଭୁବନେଶ୍ୱର,୧୦/୦୧ (ନି.ପ୍ର): ଚଳିତ ବର୍ଷ ଆଂଚଳିକ ସ୍ତରରେ ଆଉ ଚାରିଟି କୃଷି ମେଳାର ଆୟୋଜନ କରାଯିବ। ପୂର୍ବରୁ ରାଜ୍ୟସ୍ତରୀୟ କୃଷି ମହୋତ୍ସବ 'କୃଷି ଓଡ଼ିଶା' ଭୁବନେଶ୍ୱରଠାରେ ଆୟୋଜିତ ହେଉଥିଲା। କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପରାମର୍ଶ କ୍ରମେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ସମ୍ବଲପୁର, କୋରାପୁଟ, ଗଞ୍ଜାମ ଓ ମୟୂରଭଞ୍ଜ ଜିଲ୍ଲାରେ ଆଂଚଳିକ କୃଷି ମେଳାର ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି । ସମ୍ବଲପୁରଠାରେ ଚଳିତ ଜାନୁଆରୀ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ କୃଷି ମେଳା ଆୟୋଜନ କରାଯିବ। ସେହିପରି ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରଠାରେ କୃଷି ମେଳା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଜାନୁଆରୀ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ଏବଂ କୋରାପୁଟ ଜିଲ୍ଲା ଜୟପୁରଠାରେ କୃଷି ମେଳା ଫେବୃଆରୀ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଓ ମୟୂରଭଞ୍ଜ ଜିଲ୍ଲା ବାରିପଦାଠାରେ ଆଂଚଳିକ କୃଷି ମେଳା ଫେବୃଆରୀ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି। ଆଂଚଳିକ କୃଷି ମେଳାର ଆୟୋଜନ ଦ୍ୱାରା ରାଜ୍ୟର କୋଣ-ଅନୁକୋଣର ଲକ୍ଷ ଲକ୍ଷ ଚାଷୀ ସହଜରେ ଓ ସୁବିଧାରେ କୃଷି ମେଳାରେ ଯୋଗଦେଇ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ହୋଇଥିବା ବିକାଶ ଏବଂ ଉପଯୋଗ ହେଉଥିବା ଆଧୁନିକ ଜ୍ଞାନକୌଶଳ ଓ ପ୍ରଯୁକ୍ତିବିଦ୍ୟା ସହ କୃଷି ଯନ୍ତ୍ରପାତିଗୁଡ଼ିକର ବ୍ୟବହାର ସଂପର୍କରେ ଜାଣିବାର ସୁବିଧା ପାଇବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । କୃଷି ମେଳାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅନ୍ତର୍ଗତ କୃଷି ଓ ଖାଦ୍ୟ ଉତ୍ପାଦନ, ଉଦ୍ୟାନ କୃଷି ଏବଂ ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ସମେତ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ପକ୍ଷରୁ ବିଭିନ୍ନ ଷ୍ଟଲ ଖୋଲାଯିବ। ଏଥି ସହିତ ବିଭିନ୍ନ ଦିବସରେ ଆଲୋଚନା ଚକ୍ର ସମେତ କୃଷି ବିଶେଷଜ୍ଞ ଓ ଚାଷୀମାନଙ୍କ ସହିତ ଭାବବିନିମୟ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ମେଳା ଅବସରରେ ଅଗ୍ରଣୀ ଚାଷୀ ଭାଇଭଉଣୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

# କାଲି ଦିନ ୧ଟାରୁ ରାଜ୍ୟର ସବୁ ସ୍କୁଲ୍ ବନ୍ଦ

ଭୁବନେଶ୍ୱର,୧୦/୦୧ (ନି.ପ୍ର): ବିଶ୍ୱକପ୍ ହକିର ଉଦଘାଟନୀ ଉତ୍ସବ ପାଇଁ ଆସନ୍ତାକାଲି (ବୁଧବାର) ଅପରାହ୍ନ ୧ଟା ଠାରୁ ରାଜ୍ୟର ସମସ୍ତ ସ୍କୁଲ ବନ୍ଦ ରହିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ବିଶ୍ୱକପ୍ ହକି-୨୦୨୩ କଟକ ସହରର ବାରବାଟୀ ଷ୍ଟାଡିୟମ୍ ଠାରେ ଆସନ୍ତାକାଲି ଜାନୁଆରୀ ୧୧ ତାରିଖରେ ଉଦ୍‌ଘାଟିତ ହେବ। ଏହି ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ ତଥା ପରମ୍ପରା ଉପରେ ଆକର୍ଷଣୀୟ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯିବ। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନେ ଉକ୍ତ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିପାରିବେ। ଏଣୁ ରାଜ୍ୟ ସରକାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ତଥା ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଅପରାହ୍ନ ୧ଟାରୁ ଛୁଟି ଘୋଷଣା କରିଛନ୍ତି। ସମସ୍ତ ବେସରକାରୀ ତଥା ପବ୍ଲିକ୍ ସ୍କୁଲ (ସେଲ୍‌ଫ ଫାଇନାନ୍ସ) ବିଦ୍ୟାଳୟଗୁଡ଼ିକରେ ମଧ ଏହି ନିର୍ଦ୍ଦେଶନାମା ଲାଗୁ ହେବ।

# ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ନୂଆପଡ଼ା, ୧୦/୦୧ (ନି.ପ୍ର): ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ନୂଆପଡ଼ାର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ବୁଦ୍ଧିକୋମନା ସ୍ଥିତ ପ୍ରାଚୀ ଫାର୍ମ ହାଉସ ଠାରେ ଜିଲ୍ଲା ସଭାପତି ସୁଶିଲ କୁମାର ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଭା ଆରମ୍ଭରେ ଜିଲା ସମ୍ପାଦକ ଲ୍ଲୋନ ବାଗ ସ୍ୱାଗତ ଭାଷଣ ଦେବା ସହିତ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବୈଠକରେ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଆଶୁ ସମାଧାନ କରିବାକୁ ସ୍ଥିରୀକୃତ ହେଲା । ସଂଘକୁ ଆଗାମୀ ଦିନରେ କେମିତି ସୁଦୃଢ଼ କରାଯିବ ସେ ଉପରେ ନିଜ ମତ ରଖିଥିଲେ ପୂର୍ବତନ ରାଜ୍ୟ ସଭାପତି ମଦନ ସୁନ୍ଦର ହୋତା । ଅନ୍ୟ ମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ପତି, ରାମଚନ୍ଦ୍ର ସାହୁ, ବ୍ରଜକିଶୋର ମିଶ୍ର ମଂଚାସୀନ ରହି ନିଜର ସୁଚିନ୍ତିତ ମତାମତ ଦେଇଥିଲେ । ବୈଠକରେ ଖଡ଼ିଆଳ ବ୍ଲକ ସଭାପତି ପୀତବାସ ଜଗତ, ସିନାପାଲି ବ୍ଲକ ସଭାପତି କମଲ ସିଂ ମାଝୀ, କୋମନା ବ୍ଲକ ସଭାପତି ତେଜୁରାମ ତାଣ୍ଡି, ବୋଡ଼େନ ବ୍ଲକ ସଭାପତି ଶ୍ୟାମ କୁମାର ଦଣ୍ଡସେନା, ଜିଲ୍ଲା ପ୍ରତିନିଧି ଇନ୍ଦ୍ର ବାଗ, ଉମାକାନ୍ତ ମେହେର, ଲୋକରଞ୍ଜନ ସୁନାନି, ଗଗନ ଅଗସ୍ତି, ଶକୁନ୍ତଳା ତ୍ରିପାଠୀ, ଝୁନି ଚଲାନ, ମାନିନୀ ମେହେର, ନରେଶ ସୁନାନି ଓ ଅନ୍ୟ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ । ସଭା ଶେଷରେ ଜିଲା ସାଙ୍ଗଠନିକ ସମ୍ପାଦକ ହରେକୃଷ୍ଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ମାତା ସାବିତ୍ରୀ ବାଇ ଫୁଲେଙ୍କ ଜନ୍ମ ଦିବସ

ବଲାଙ୍ଗୀର, ୧୦/୦୧ (ନି.ପ୍ର): ଜିଲ୍ଲା ଦଳିତ ଶିକ୍ଷକ ସଂଘ ତରଫରୁ ବଲାଙ୍ଗିର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଶିକ୍ଷା ଓ ଶିକ୍ଷକ ଦିବସ ପାଳନ ହୋଇଯାଇଛି । ଉକ୍ତ ଦିବସ ପାଳନ ଉତ୍ସବରେ ଜିଲ୍ଲା ଦଳିତ ଶିକ୍ଷକ ସଂଘର ସଭାପତି ବାସୁଦେବ ମୁଗ୍ରୀ ସଭାପତିତ୍ୱ କରିଥିଲେ । ମୁରିବାହାଲ କଲେଜ ର ଅଧକ୍ଷ ରମେଶ ଚନ୍ଦ୍ର ମହାନନ୍ଦ ମୁଖ୍ୟ ଅତିଥି, ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ର ସହକାରୀ ପ୍ରଫେସର ବଂଶିଧର ଦୀପ ମୁଖ୍ୟବକ୍ତା, ପାଟଣାଗଡ କଲେଜର ଅଧାପିକା ମୈତ୍ରୀ କୁମ୍ଭାର, ସାଲେଭଟା ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାନନ୍ଦ , ଜିଲ୍ଲା ପ୍ରାଥମିକ ସଂଘର ସଭାପତି ରତିନ୍ଦ୍ର ରାଏ, ଜେଡିବିଏମ୍ ର ସଭାପତି ନଟରାଜ ନାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବକ୍ତାମାନେ ସାବିତ୍ରୀ ବାଇ ଫୁଲେଙ୍କ ଜିବନୀ ଓ କାର୍ଯ୍ୟକଳାପ ଉପରେ ବକ୍ତବ୍ୟ ରଖିଥିଲେ । ମୈତ୍ରୀ କୁମ୍ଭାର ସଭା ପରିଚାଳନା କରିଥିବା ବେଳେ ଓ ସୂର୍ଯ୍ୟମଣି ସୁନା ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରହ୍ମବରଦା ଥାନାକୁ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

ଧର୍ମଶାଳା, ୧୦/୦୧ (ନି.ପ୍ର): ରାଜ୍ୟ ଗୃହ ବିଭାଗ ଦ୍ୱାରା ଘୋଷିତ ୩୦ ଗୋଟି ଥାନାକୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିର୍ତ କରିଛନ୍ତି । ଏହି ଅବସରରେ ଯାଜପୁର ଜିଲାର ୩ଟି ଥାନା ଲୋକାର୍ପିତ ହୋଇଛି । ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ବ୍ରହ୍ମବରଦା ଫାଣ୍ଡିକୁ ଥାନାର ମାନ୍ୟତା ମିଳିଛି । ଆଜି ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ ଏହାକୁ ଉଦଘାଟନ କରିଥିଲେ । ଏହି ଅବସରରେ ବ୍ରହ୍ମବରଦା ଥାନା ପରିସରରେ ଏକ ଉଦଘାଟନୀ ସଭା ଅନୁଷ୍ଠିତ ହୋଇଥିଲା । କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଏସ୍ ଟପୋଙ୍କ ସଭାପତିତ୍ୱରେ ଅତିଥିଭାବେ ରାଜ୍ୟସଭା ସାଂସଦ ସୁଲତା ଦେଓ,ବରୀ ବିଧାୟିକା ସୁନନ୍ଦା ଦାସ,୩୬ ନଂ ଜୋନ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ,ବରିଷ୍ଠ ନେତା ଦେବେନ୍ଦ୍ର ଦାସ,୩୧ ନଂ ଜୋନା ଜିଲା ପରିଷଦ ସଭ୍ୟ ବିନୋଦ ମାଝି,୧୫ ନଂ ଜୋନର ଜିଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀ,ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶିନୀ ଦେଓ ଓ ସମିତିସଭ୍ୟା ରୁକସାନା ପରୱିନ ପ୍ରମୁଖ ଯୋଗ ଦେଇ ଉଦଘାଟନ କରିଥିଲେ । ଯାଜପୁର ସଦର ଥାନା ଅଧିକାରୀ ମାନସ ରଂଜନ ଚକ୍ର ଓ ବ୍ରହ୍ମବରଦା ଥାନା ଅଧିକାରୀ ଏସ୍ ଦାଶରଥୀ ପାତ୍ରଙ୍କ ସମେତ ୯ଗୋଟି ପଂଚାୟତର ସରପଂଚ, ସମିତିସଭ୍ୟ/ସଭ୍ୟା,ସ୍ଥାନୀୟ ମୁରବୀ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ରହିଥିଲେ । ବହୁ ଦିନ ହେବ ଫାଣ୍ଡିକୁ ଥାନାରେ ମାନ୍ୟତା ମିଳିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟସଭା ସାଂସଦ ଓ ବିଧାୟିକା କୃତଜ୍ଞତା ଜଣାଇଥିଲେ । ସ୍ଥାନୀୟ ଜନସାଧାରଣଙ୍କୁ ନ୍ୟାୟ ଦେବା ସହ ଟ୍ରାଫିକ୍ ସମସ୍ୟା ଓ ରାତ୍ରୀ ପାଟ୍ରୋଲିଂକୁ ଗୁରୁତ୍ୱ ଦିଆଯିବ ବୋଲି କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଟପୋ ମତବ୍ୟକ୍ତ କରିଥିଲେ । ସାଧାରଣ ଲୋକଙ୍କ ସହଯୋଗ ରହିବା ଦରକାର,ଫଳରେ ପୁଲିସ ଜନସାଧାରଣଙ୍କ ନିକଟତର ହୋଇପାରି ବୋଲି ଯାଜପୁର ରୋଡ ଏସ୍‌ଡିପିଓ ଶ୍ରୀ ପଟ୍ଟନାୟକ ବକ୍ତବ୍ୟ ମାଧ୍ୟମରେ ମତ ପ୍ରକାଶ କରିଥିଲେ । ଶେଷରେ ଯାଜପୁର ରୋଡ ଏସଡିପିଓ ସଂଜୟ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଥାନା ଅଧିନରେ ମୋଟ ୯ଗୋଟି ପଂଚାୟତ ରହିଛି । ଧର୍ମଶାଳା ବ୍ଲକର ମଙ୍ଗଳପୁର ପଂଚାୟତ, ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକର ବ୍ରହ୍ମବରଦା, ମହେଶ୍ୱରପୁର, ବନ୍ଧଡିହ, ଅର୍ଥଙ୍ଗା, ମଙ୍ଗରାଜପୁର,ରାଉତରାପୁର ଓ ବରୀ ନିର୍ବାଚନ ମଣ୍ଡଳୀ ଯାଜପୁର ବ୍ଲକର ରୁଦ୍ରପୁର ଓ ଝାଲପଡା ପଂଚାୟତ ରହିଛି । ଏହି ଥାନାରେ ବର୍ତ୍ତମାନ ଜଣେ ଆଇଆଇସି,ଜଣେ ଏଏସ୍‌ଆଇ ଓ ୪ଜଣ କନେଷ୍ଟବଳ ରହିଛନ୍ତି । ଖୁବ୍ ଶୀଘ୍ର ଆବଶ୍ୟକୀୟ କର୍ମଚାରୀ ଓ ଏହାର ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମ ପରିଚାଳନାରେ ଧର୍ମଶାଳା ଥାନାର ଏସ୍‌ଆଇ ବିଭୁତି ଭୂଷଣ ମହାପାତ୍ର,କୋତପୁର ଫାଣ୍ଡି ଅଧିକାରୀ ଲମ୍ବୋଦର ପୃଷ୍ଟି,ବ୍ରହ୍ମବରଦା ଥାନାର ଏଏସ୍‌ଆଇ ସନ୍ତୋଷ କୁମାର ସେଠୀ,ବଳରାମ ସାହୁ,ବି ପଲେଇ,ଭରତ ଦାସ ଓ ଗୁମି ବିରୁଆ ପ୍ରମୁଖ ସହଯୋଗ କରିଥିଲେ ।

# ନୂଆବର୍ଷରେ ନୂଆ ସଂକଳ୍ପ ବ୍ରହ୍ମଗିରି ଖୋଜୁଛି ନୂଆ ବିକଳ୍ପ

ପୁରୀ, ୧୦/୦୧ (ନି.ପ୍ର): ନୂଆବର୍ଷ ଠାରୁ ବ୍ରହ୍ମଗିରି ରାଜନୀତି ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଆଗାମୀ ନିର୍ବାଚନରେ ବ୍ରହ୍ମଗିରିରୁ କିଏ କେଉଁ ଦଳର ଟିକେଟ୍ ପାଇବେ ତାକୁ ନେଇ ଯୋରଦାର ଆଲୋଚନା ହେଉଛି । ପୁରୁଣା ନେତାଙ୍କ ବିଭାଜନ ରୂପି ରାଜନୀତି ବ୍ରହ୍ମଗିରି ବାସୀଙ୍କୁ ଅତିଷ୍ଠ କରିଥିବା ବେଳେ ନୂଆବର୍ଷରୁ ବ୍ରହ୍ମଗିରିର କେତେକ ସ୍ଥାନରେ ଲୋକମାନେ ଏକାଠି ହୋଇ ନୂଆ ବିକଳ୍ପ ନେତା ପାଇଁ ସଙ୍କଳ୍ପ ନେଇଥିବା କୁହାଯାଇଛି । ପୁରୁଣା ନେତାଙ୍କ ପ୍ରଭାବରେ ଗ୍ରାମ ଗ୍ରାମରେ ଅଶାନ୍ତି ସୃଷ୍ଟି ହେଉଥିବା ବେଳେ ନୂଆନେତା ବ୍ରହ୍ମଗିରି ବାସୀଙ୍କୁ ନୂଆ ଦିଗ ଦେଖାଇବେ ବୋଲି ଆଶା ବାନ୍ଧିଛନ୍ତି । ସଞ୍ଜୟଙ୍କ ବିସ୍ଫୋରକ ବୟାନ ପରେ ରାଜ୍ୟ ରାଜନୀତି ଚହଲି ଯାଇଥିବା ବେଳେ ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଚାପ ସୃଷ୍ଟି କରାଯାଇ ଚୁପ କରାଯାଇଥିବା ସାଧାରଣରେ ଆଲୋଚନା ହେଉଛି । ନୂଆ ବିକଳ୍ପ ନେତା ଭାବେ ଉଭା ହୋଇଛନ୍ତି ଲୁଲୁଙ୍କ ତନୟା ଉପାସନା ମହାପାତ୍ର । ଏବେ ଏବେ ନୂଆ ବୈଠକ କରି ସମୀକରଣ ସୃଷ୍ଟି କରୁଥିବା ପୂର୍ବତନ ବ୍ଲକ ଚେୟାରମ୍ୟାନ ରାମଚନ୍ଦ୍ର ପ୍ରଧାନଙ୍କ ପୁତ୍ର ରମେଶ ଚନ୍ଦ୍ର ପ୍ରଧାନ । ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରି ବିଜୁବାବୁଙ୍କୁ ଅତିଥି କରିଥିବା ସେତେବେଳର ଛାତ୍ରନେତା ତଥା ୨ଥର ଜିଲ୍ଲା ପରିଷଦ ସଭ୍ୟ ବିଜୟୀ ହୋଇଥିବା କୈଳାସ ଚନ୍ଦ୍ର ପରିଡ଼ା ରହିଛନ୍ତି । କଂଗ୍ରେସରୁ କିଏ ନୂଆ ପ୍ରାର୍ଥୀ ହେବ ତାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଛି । ସଞ୍ଜୟଙ୍କୁ ମଧ ଭୁବନେଶ୍ୱର ବିଧାନସଭା ଆସନ ଦିଆଯିବା ପାଇଁ ଗୋଟିଏ ଗୋଷ୍ଠୀ ଲବି ଆରମ୍ଭ କରିଛନ୍ତି । ଅନ୍ୟ ଏକ ଗୋଷ୍ଠୀ ସଞ୍ଜୟଙ୍କୁ ସାଂସଦ ପ୍ରାର୍ଥୀ କରାଯିବା ପାଇଁ ପ୍ରସ୍ତାବ ଦେଇଥିବା ବେଳେ ପିନାକୀ ଆଉ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଆଲୋଚନା ଜୋର ଧରିଛି । ନୂଆବର୍ଷ ଠାରୁ ପୋଷ୍ଟର ରାଜନୀତି ଆରମ୍ଭ ହୋଇଛି । କୈଳାସ ପରିଡ଼ାଙ୍କ ପୋଷ୍ଟର ଓ ଗେଟ୍ ମଙ୍ଗଳାଘାଟ ଛକ,ଗିରଳ ଛକ, ଡାବା ଛକ, ଖଜୁରିଆ ଛକ, ପଣସପଦା,ଚାରିଛକ,ପୁରୀ ସଦରର ପାଟେଳି, ଦୋବନ୍ଧା ଓ ଭାଇଲିପୁରୁ ଠାରେ ଶଙ୍ଖ ଚିହ୍ନ ସହ ନୀବନ ପଟ୍ଟନାୟକ,ପିନାକୀ ସହ କୈଳାସଙ୍କ ଫଟୋ ଥିବା ଦେଖିବାକୁ ମିଳିଛି । ସେହିପରି ଉପାସନା ମହାପାତ୍ର ରୋଡ଼ଙ୍ଗ ଛକ ସହ ୨୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଗେଟ୍ ଓ ବ୍ୟାନର ମାରିଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ପୁରୁଣା ବିଧାୟକ ସଞ୍ଜୟଙ୍କ କେତେକ ସ୍ଥାନରେ ଗେଟ୍ କରିଛନ୍ତି । ଗତ ୫ବର୍ଷ ଭିତରେ ବିଜେପିର ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହପାତ୍ର ଲୋକଙ୍କ ସୁଖଦୁଃଖରେ ଭାଗି ନହେବା ଯୋଗୁ ସେ ଆଉ ବ୍ରହ୍ମଗିରି ବୁଲୁ ନଥିବା ଦେଖିବାକୁ ମିଳିଛି । ସଞ୍ଜୟ ଓ ଲଳିତେନ୍ଦୁ ଚିଲିକାରେ ସ୍ଥାୟୀ ବ୍ରିଜ୍ କରିବା ପାଇଁ ଅସର୍ମଥ ହେବାରୁ ଲୋକେ ତାଙ୍କ ପ୍ରତି ବିମୁଖ ଥିବା ଆଲୋଚନା ହେଉଛି । ବ୍ରହ୍ମଗିରିରେ ଏବେ ନୂଆ ଆଶାୟୀ ପ୍ରାର୍ଥୀଙ୍କ ପ୍ରଚାର ଓ ବୈଠକ ଯୋରଦାର ହେଉଥିବା ପରିଲକ୍ଷିତ ହେଉଛି ।

## ଦେଶି ମଦ ଚାଲାଣ ବେଳେ ଚଢ଼ାଉ: ଜଣେ ଗିରଫ

ଜୟପୁର, ୧୦/୦୧ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ବିଭାଗ ଚଢ଼ାଉ କରି ଜଣକୁ ଗିରଫ କରିଛି । ଅବକାରି ବିଭାଗ ସୁଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡାର ରାଜେଶ ହିଆଲ ଏକ ବାଇକରେ ଦେଶି ମଦ ଧରି ସହର କୁ ଆସୁଥିବା ବେଳେ ଅବକାରି ବିଭାଗ ସୁଚନା ପାଇ ଚଢ଼ାଉ କରିଛି । ସହରର ପାରାବେଢ଼ା ଟ୍ରାଫିକ ଛକ ନିକଟରେ ଅବକାରି ବିଭାଗ ଚଢ଼ାଉ କରି ଜଣକୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତ ଜଣକ ହେଲା କଳାଗୁଡାର ରାଜେଶ ହିଆଲ ।

# ବିଜେପି ରାଷ୍ଟ୍ରୀୟ ଉପ ସଭାପତିଙ୍କ କୋରାପୁଟ ଗସ୍ତ

ଜୟପୁର, ୧୦/୦୧ (ନି.ପ୍ର): ବିଜେପି ରାଷ୍ଟ୍ରୀୟ ଉପ ସଭାପତି ତଥା ପୁବତନ ସାଂସଦ ବୈଜନ୍ତ ପଣ୍ଡାଙ୍କ କୋରାପୁଟ ଜିଲା ଗସ୍ତ କରିଛନ୍ତି । ସ୍ୱତନ୍ତ୍ର ହେଲିକେପ୍ଟରରେ ଜୟପୁର ଏୟାର ପୋର୍ଟ ରେ ପହଂଚିଥିଲେ । ସେଠାରେ କୋରାପୁଟ ଜିଲା ସଭାପତି ସୁମନ୍ତ ପ୍ରଧାନ, ବିଜେପି ନେତା ଗୌତମ ସାମନ୍ତରାୟ ସହ ନେତା ଓ କର୍ମି ମାନେ ପହଂଚି ସ୍ୱାଗତ କରିଥିଲେ । ଉପର କୋଲାବ ଶିବ ମନ୍ଦିରରରେ ମହାଦେଇପୁଟ ମଣ୍ଡଳର ପ୍ରବାସ ବୈଠକରେ ଯୋଗଦେଇଥିଲେ । ବିଜେପି କାଯ୍ୟାଳୟରେ ଯୋଗଦେଇ ଫାମ୍ପୁଣି ଏବଂ ଜୟପୁର ନଗର ମଣ୍ଡଳର ସମିତି ବୈଠକରେ ଉପସ୍ଥିତ ରହି କର୍ମିକୁ ଉତ୍ସାହିତ କରିଥିଲେ । ଆଗାମି ନିର୍ବାଚନରେ ଭାରତିୟ ଜନତା ପାର୍ଟି ବିପୁଳ ସଂଖ୍ୟାରେ ଜୟଯୁକ୍ତ ହେବ ବୋଲି ବିଜେପି ରାଷ୍ଟ୍ରୀୟ ଉପ ସଭାପତି ତଥା ପୁବତନ ସାଂସଦ ବୈଜନ୍ତ ପଣ୍ଡା ସୁଚନା ଦେଇଛନ୍ତି ।

# ସନ୍ତାନ ପ୍ରାପ୍ତି ପାଇଁ ସାତ ଭଉଣୀ ପୂଜା

ପୁରୀ, ୧୦/୦୧ (ନି.ପ୍ର): ଶ୍ରୀକ୍ଷେତ୍ରକୁ ନେଇ ରହିଛି ଅନେକ କିମ୍ବଦନ୍ତୀ । ସେଥି ମଧ୍ୟରୁ ମାକଣ୍ଡେଶ୍ୱର ସାହି ସ୍ଥିତ ମାର୍କଣ୍ଡ ପୁଷ୍କରଣୀ ନିକଟରେ ସପ୍ତ ମାତୃକା ବା ସାତ ଭଉଣୀ ମନ୍ଦିର ବିଦ୍ୟାମାନ । ଏହି ମନ୍ଦିରରେ ନିସନ୍ତାନ ଦମ୍ପତି ମାନସିକ କରି ପୂଜାର୍ଚ୍ଚନା କଲେ ସନ୍ତାନ ପ୍ରାପ୍ତି ହୋଇଥାଏ ଏବଂ ଗୁଣିଗାରେଡ଼ି ଭଲ ହେବା ସହ ଗ୍ରହରିଷ୍ଟ ହୋଇଥାଏ ବୋଲି ବିଶ୍ୱାସ ରହିଛି । ମାର୍କଣ୍ଡ ପୁଷ୍କରଣୀ ସ୍ଥିତ ମାର୍କଣ୍ଡେୟ ମନ୍ଦିର ଅପର ପାର୍ଶ୍ୱରେ ମା ସପ୍ତମାତୃକା ମନ୍ଦିରରେ ମାଙ୍କ ମୂର୍ତ୍ତି ବିରାଜମାନ ହୋଇଛନ୍ତି । ସାତ ଭଉଣୀ ଠାକୁରାଣୀ ହେଉଛନ୍ତି ମା ଚାମୁଣ୍ଡା,ମା ଇନ୍ଦ୍ରାଣୀ, ମା ବାରାହୀ, ମା ବୈଷ୍ଣବୀ,ମା କୌମାରୀ, ମା ମାହେଶ୍ୱରୀ, ମା ବ୍ରହ୍ମାଣୀ ଉତରମୁଖା ଭାବେ ଦଣ୍ଡାୟମାନ ହୋଇ ଥିବାବେଳେ ପ୍ରଭୁ ଶ୍ରୀଗଣେଶ ପୂର୍ବମୁଖା ଓ ପ୍ରଭୁ ଶଙ୍କର ପର୍ଶ୍ଚିମମୁଖା ଭାବେ ବିରାଜମାନ କରିଛନ୍ତି । ସେଠି ମଧ ନବଗ୍ରହ ପୂଜା ପାଉଛନ୍ତି । ମାଙ୍କ ପ୍ରତିଦିନ ଆଳତି,ବାଲଭୋଗ ସହ ପୂଜାର୍ଚ୍ଚନା ପୂଜକ କରୁଛନ୍ତି । ଚୈତ୍ରମାସ ପ୍ରତି ମଙ୍ଗଳବାର ସାତ ଭଉଣୀଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଏ । ଅନେକ ମହିଳା ଏହି ପୂଜା କରିବା ସହ ଦର୍ଶନ କରିଥାନ୍ତି । ସେହି ମାସରେ ମାଙ୍କ ଠାରେ ଆମିଷ ଭୋଗ କରାଯାଇଥାଏ । ଏହାସହ ଆଶ୍ୱିନ ମାସରେ ସପ୍ତମୀ,ଅଷ୍ଟମୀ ଓ ନବମୀରେ ଆମିଷ ଭୋଗ କରାଯାଇଥାଏ । ମାଘ ସପ୍ତମୀରେ ସ୍ୱତନ୍ତ୍ର ପୂଜା ସହ ଚଣ୍ଡୀ ପାଠ କରାଯାଏ । ସରସ୍ୱତୀ ପୂଜାରେ ମାଙ୍କ ପୀଠରେ ମାଘସ୍ନାନ କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ । ମାଙ୍କ ସମ୍ମୁଖରେ ଏକ ବଡ଼ ସିଂହ ମୂର୍ତ୍ତି ଦଣ୍ଡାୟମାନ ହୋଇଥିବା ବେଳେ ମନ୍ଦିର ଦ୍ୱାର ମୁଖରେ ଛାୟା ମାୟା ବିରାଜମାନ ହୋଇଛନ୍ତି । ମାର୍କଣ୍ଡ ପୁଷ୍କରଣୀ ଖୋଳା ହେବା ପୂର୍ବରୁ ମାଙ୍କୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ପରେ ପୁଷ୍କରଣୀର ଖନନ କାର୍ଯ୍ୟ କରାଯାଇଥିଲା ବୋଲି କଥିତ ଅଛି । ମା'ଙ୍କ ମନ୍ଦିର ନିକଟରେ ଏକ ବିରାଟ ଝଙ୍କାଳିଆ ବଟବୃକ୍ଷ ରହିଛି । ମାନସିକଧାରୀ ଶ୍ରଦ୍ଧାଳୁମାନେ ମନସ୍କାମନା ପୂର୍ଣ୍ଣ ହେବା ପରେ ସେଠାରେ ଯାଚେଂଙ୍ଗା ଭୋଗ କରିଥାନ୍ତି । ବହୁ ତୀର୍ଥଯାତ୍ରୀ, ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ପ୍ରତିଦିନ ଏଠାରେ ଲାଗି ରହିଥାଏ ।

# ପାଣିକୋଇଲି ମା' ତାରିଣୀ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର ଅନୁଷ୍ଠିତ

କୋରେଇ, ୧୦/୦୧ (ନି.ପ୍ର): ପାଣିକୋଇଲି ସ୍ଥିତ ମା ତାରିଣୀ +୨ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର ଉଦ୍ଘାଟିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରାର୍ଥସାରଥି ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷାର ଆବଶ୍ୟକତା ସର୍ମ୍ପକରେ ସୂଚନା ପ୍ରଦାନ କରିଥିଲେ । + ୩ର ଅଧ୍ୟକ୍ଷ ରମେଶ ଚନ୍ଦ୍ର ଦଳାଇ ଯୋଗଦେଇ ଏହି ବାଳିକା ଆତ୍ମରକ୍ଷା ଶିକ୍ଷା ୨୦୧୨ ଦିଲ୍ଲୀର ନିର୍ଭୟା ଘଟଣା ପର ଠାରୁ ଭାରତ ସରକାର ସମସ୍ତ ମହାବିଦ୍ୟାଳୟରେ ଆତ୍ମରକ୍ଷା ଶିବିର କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି କହିଥିଲେ । ସଂଯୋଜକ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଗୌରହରି ମହାପାତ୍ର ଶିବିର ସର୍ମ୍ପକୀତ ତଥ୍ୟ ଉପସ୍ଥାପନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି, ମଦନ ମୋହନ ପାତ୍ର, ଅଜିତ ଜେନା, ଅଧ୍ୟାପିକା କଲ୍ୟାଣୀ ସାମଲ, ପ୍ରଭାମୟୀ ସମାଲ ପ୍ରମୁଖ ଯୋଗଦେଇଥିଲେ । ଆତ୍ମରକ୍ଷାର ମୁଖ୍ୟ ପ୍ରଶିକ୍ଷିକା ଭାବେ ସନ୍ତୋଷୀ ରାଣୀ ପଣ୍ଡା, ସହଯୋଗୀ ପ୍ରଶିକ୍ଷିକା ସ୍ମୃତିରାଣୀ ବିଶ୍ୱାଳ ଯୋଗଦେଇ ଛାତ୍ରୀ ମାନଙ୍କୁ ୮ ଦିନ ବ୍ୟାପି ହେବାକୁ ଥିବା ଶିବିରରେ ନିୟମିତ ଯୋଗଦେବା ପାଇଁ ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । କ୍ରୀଡା ଶିକ୍ଷକ ସୁରେନ୍ଦ୍ର ରାଉତ, ଶାନ୍ତନୁ କୁମାର ପହୀ, ଶାରଳା ଦାସ, ହିମାଦ୍ରୀ ଦାସ, ମହେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ବାଣିଜ୍ୟ ବିଭାଗର ଅଧ୍ୟାପକ ସମରେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ସିପିଆଇ ମୁଦୁଲି ଗୁଡା ଶାଖା ସମ୍ମିଳନୀ

ଜୟପୁର, ୧୦/୦୧ (ନି.ପ୍ର): ବୈପାରିଗୁଡା ବ୍ଲକ୍ ଅନ୍ତର୍ଗତ ସିପିଆଇ ମୁଦୁଲି ଗୁଡା ଶାଖା ସମ୍ମିଳନୀ ଶ୍ରୀ ଲଇଛନ ମୁଦୁଲି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭା ଆରମ୍ଭରେ ବୟୋଜ୍ୟେଷ୍ଠ ସାଥି ନରସିଂହ କମାର ଲାଲ୍ ପତାକା ଉତୋଳନ କରିବା ପରେ ମୃତ ସାଥିମାନଙ୍କ ସ୍ମୃତି ରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସଭାକୁ ସମ୍ବୋଧିତ କରି ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଥିଲେ ଯେ ଦେଶର ଐକ୍ୟ ଅଖଣ୍ଡତା ସଂହତି, ଧର୍ମନିରପେକ୍ଷତା ଏବଂ ସର୍ବୋପରି ସମ୍ବିଧାନ ର ସୁରକ୍ଷା ପାଇଁ ଆର୍ ଏସ୍ ଏସ୍ ନିର୍ଦ୍ଦେଶନାରେ ପରିଚାଳିତ ଫାଶୀବାଦୀ ଶକ୍ତି ବିଜେପି କୁ କେନ୍ଦ୍ର ଶାସନରୁ ହଟେଇବା ପାଇଁ ପଡ଼ିବ । ବେକାରୀ ସମସ୍ୟା ସମାଧାନ, ଦରଦାମ୍ ବୃଦ୍ଧି, ଗ୍ରାମାଂଚଳରେ ସମସ୍ତ ଙ୍କୁ କାମ ଯୋଗାଇଦେବା ପାଇଁ ଯୋଜନା କରିବା ପାଇଁ ସରକାର ଉପରେ ଚାପ ସୃଷ୍ଟି ପାଇଁ ଲଗାତାର ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଇଥିଲେ । ଖୁବ ଶୀଘ୍ର ସଭ୍ୟ ନବୀକରଣ ସହ ନୂତନ ସଭ୍ୟ ସଂଗ୍ରହ ଅଭିଯାନ ସାରିବା ସହ ବୈପାରିଗୁଡା ଠାରେ ଜୋନ୍ ସମ୍ମିଳନୀ କରିବା ପାଇଁ ସ୍ଥିର ହୋଇଛି । ଗ୍ରାମ ମାନଙ୍କ ରେ ବାର୍ଦ୍ଧକ୍ୟ, ବିଧବା ଭତା, ନିର୍ମାଣ ଶ୍ରମିକ ରେଜିଷ୍ଟ୍ରେସନ ଆଦି ପ୍ରତ୍ୟେକ ଜନହିତକର କାର୍ଯ୍ୟରେ ସଭ୍ୟ ସାଥି ଯୋଗ ଦେବା ପାଇଁ ବକ୍ତା ମାନେ କହିଛନ୍ତି । ଆଜି ର ସଭାରେ ଶ୍ରୀ ଗୁରୁ ଜାନୀ ସମ୍ପାଦକ ଓ ଲକ୍ଷ୍ମଣ ବଡନାୟକ ସହ ସମ୍ପାଦକ ଏବଂ ଚନ୍ଦନ ବଡନାୟକ କୋଷାଧକ୍ଷ ଭାବେ ମନୋନୀତ ହେବା ସହ ୧୪ ଜଣିଆ କମିଟି ଗଠନ କରାଯାଇଛି । ଆଜିର ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ବଳରାମ ନାୟକ,ପ୍ରଭୁନନ୍ଦ ମୁଦୁଲି, ବୁଦ୍ରା ବଡନାୟକ, ନନ୍ଦ ହରିଜନ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

## ଗାଁ ଦାଣ୍ଡରେ ବୁଲୁଛି ଦନ୍ତାହାତୀ, ଜଗିଛି ବନ ବିଭାଗ ଓ ପୋଲିସ

ପୁରୀ, ୧୦/୦୧ (ନି.ପ୍ର): ଜଙ୍ଗଲ ଛାଡ଼ି ଏବେ ହାତୀ ସହରମୁହାଁ ହୋଇଛି । ପୁରୀ ସଦରବ୍ଲକ ଅନ୍ତର୍ଗତ ଚନ୍ଦନପୁର ନିକଟ ପ୍ରତାପ ପୁରୁଷୋତମପୁରୁ ହୋତାସାହି ଓ ଗାଁ ଦଣ୍ଡାରେ ଦନ୍ତାହାତୀ ବୁଲୁଥିବା ଗ୍ରାମବାସୀମାନେ ସକାଳୁ ଦେଖିଥିଲେ । ଏହା ପ୍ରଚାର ହେବା ପରେ ଲୋକମାନେ ତାଟି କବାଟ ପକାଇବା ସହ ହାତୀର ଗତି ବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ଖବର ପାଇବା ପରେ ଚନ୍ଦନପୁର ଥାନା ପୋଲିସ ଓ ବନ ବିଭାଗର ଏକ ସ୍ୱତନ୍ତ୍ର ଦଳ ଘଟଣା ସ୍ଥଳକୁ ଯାଇ ଅନୁଧ୍ୟାନ କରୁଛନ୍ତି । ହାତୀଟି ଗତକାଲି ରାତିରେ ଡ଼େଲାଙ୍ଗ ଅଞ୍ଚଳରୁ ଚାଲି ଆସିଥିବା ଅନୁମାନ କରାଯାଉଛି । ହାତୀକୁ ଦିନରେ ବ୍ୟତିବ୍ୟସ୍ତ ନକରିବା ପାଇଁ ବନ ବିଭାଗ ପକ୍ଷରୁ କୁହାଯାଇଛି । ମଝିରେ ମଝିରେ ହାତୀ ଗଛ ଡ଼ାଳ ଭାଙ୍ଗୁଥିବା ଓ ମଡ଼ ମଡ଼ ଶବ୍ଦ କରୁଥିବା ଗ୍ରାମବାସୀମାନେ କହୁଛନ୍ତି ।

# ଗୁରୁଯୁଙ୍ଗଠାରେ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୩ ଆଡମ୍ବରରେ ପାଳିତ

ଭବାନୀପାଟଣା, ୧୦/୦୧ (ନି.ପ୍ର): ପଂଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୩ମହା ଆଡମ୍ବର ରେ ଗୁରୁଯୁଙ୍ଗ ପଂଚାୟତ ସ୍କୁଲ ପଡିଆରେ ପାଳିତ ହୋଇଥିଲା, ଏହି ଉତ୍ସବ ରେ ସ୍ଥାନୀୟ ସରପଂଚ ସୁଷମା ସାହୁ, ଅଭିମନ୍ୟୁ ନାଏକ ପି ଇ ଓ. ନାଏବ ସରପଂଚ ଅମ୍ବିକା ବେହେରା, ଏମ ବି କେ ଲବଣି ସାହୁ, ଜି ଆର ଏସ ଲିଙ୍ଗରାଜ ଛତ୍ରିଆ, ୱାର୍ଡ ମେମ୍ବର ପରମାନନ୍ଦ ବାଗ, ଗିରିଧାରୀ ପାୟସିଂ, ସମିତି ସଭ୍ୟା ପ୍ରତିନିଧି ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଚଳ ସାହୁ, ସି ଆର ପି, ଅଙ୍ଗନବାଡି କର୍ମୀ ଅଶୋକା ମଞ୍ଜାରୀ ନାଏକ, ସଂଯୁକ୍ତା ଛୁରା, ସାଧାବି ୟୁଆଡ଼ଖିରୋଦ ସାହୁ ଯୋଗାଣ ସହାୟକ ସମେତ ମହିଳା ଗୋଷ୍ଠୀର ସହ ସହ ମହିଳା, ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ, ପ୍ରଥମେ ଦୀପ ଜ୍ୟାଳନ କରି ପୂଜାର୍ଚ୍ଚନା କରାଯାଇ, ଉତ୍ସବ ଆରମ୍ଭ କରାଯାଇଥିଲା, ପ୍ରାରମ୍ଭିକ ବକ୍ତବ୍ୟ ସରପଂଚ ସମସ୍ତଙ୍କୁ ସ୍ୱାଗତ କରିବା ସହ ମଂଚାସୀନ କରାଯାଇଥିଲା, ଅତିଥି ମାନେ କଳାହାଣ୍ଡି ଉତ୍ସବର ମୂଳଲକ୍ଷ୍ୟ ଉପରେ କହିଲେ ଯେ କଳାହାଣ୍ଡି ରେ ବିଭିନ୍ନ କ୍ଷେତ୍ର ରେ ବିଭିନ୍ନ କଳା ନିପୁଣ ଥିଲେ ମଧଲୋକଲୋଚନ କୁ ଆସି ପାରୁନାହିଁ, କଣ୍ଠଶିଳ୍ପୀ, ଗାଣ୍ଠିକ ବାଦ୍ୟ କର ନୃତ୍ୟ ଶିଳ୍ପୀ, ଚିତ୍ରଶିଳ୍ପୀ, ଇତ୍ୟାଦି ଙ୍କୁ ଏହି ମଂଚରେ ପରିବେଷଣ କରି ବା ପରେ ବ୍ଲକ ସ୍ତରୀୟ ଓ ଜିଲ୍ଲା ସ୍ତରୀୟ ରେ ସଂମ୍ମାନିତ କରିବା ଏହାର ଲକ୍ଷ ଏବଂ କଳାହାଣ୍ଡିର ବିଭିନ୍ନ ଦର୍ଶନୀୟ ସ୍ଥାନ ଫୁର୍ଲିଝରଣ, ରାବଣ ଦର, ବେଲଖଣ୍ଡି ଇତ୍ୟାଦି ଏବଂ କଳାହାଣ୍ଡି ଜିଲ୍ଲାର ପରମପର ନୂଆଖାଇ, ଛାତରଯାତ୍ରା, ଦୁର୍ଗାପୂଜା, ପୁଷ୍ପଉନି ଟୋକି ପର୍ବ ଇତ୍ୟାଦି କଳାହାଣ୍ଡି ଜିଲ୍ଲାର ଐତିହ ସ୍ମୃତି ସମସ୍ତ ଆଦିବାସୀ ପରମ୍ପରା, ଘୁମୁରା, ସିଂହ ବଜା ଏସବୁ କୁ ଲୋକ ଲୋଚନ କୁ ଆଣି ତାର ସୁରକ୍ଷା, ସୁବିଧା କରିବାକୁ, କଳାହାଣ୍ଡି ଉତ୍ସବ ରେ ପ୍ରକାଶ କରିବା, ଏହି ଅବସରରେ ରେ ପଂଚାୟତ ର ପାଂଚ ଗୋଟି ବିଦ୍ୟାଳୟ ର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ଥିଲେ ଓ ଅତିଥିଙ୍କ ହସ୍ତରୁ ମାନପତ୍ର ସହ ପୁରସ୍କାର ଗ୍ରହଣ କରିଥିଲେ, ଛାତ୍ରଛାତ୍ରୀ ମାନେ ଗ୍ରୁପ ଡଡେ ଏନ୍ସ ସମସ୍ତ ଙ୍କୁ ଆକର୍ଷଣ କରିଥିଲା ଏହି ମଂଚ କୁ ହିମାଂଚଳ ସାହୁ, ଜୟକୃଷ୍ଣ ବେହେରା ସହ ଉଷା ମେଡମ ପରିଚାଳନା କରିଥିଲେ ଓ ଲିଙ୍ଗରାଜ ଛତ୍ରିଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ସକାଶେ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା , ୧୦/୦୧ (ନି.ପ୍ର): ଜିଲ୍ଲାସ୍ତରୀୟ ସାଧାରଣ ତନ୍ତ୍ର ଦିବସ ପାଳନ ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାଆଁ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝୀ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ , ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ ସି ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବର୍ଷ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ଆୟୋଜନ ପାଇଁ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ପ୍ରତ୍ୟୁଷରେ ଜିଲ୍ଲାର ସମସ୍ତ ପୌରାଂଚଳରେ ରାମଧୂନ ପ୍ରଚାର,ସକାଳ ସାଢ଼େ ସାତଟାରୁ ୮ଟା ମଧ୍ୟରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ କ୍ଲବ , ପାଠାଗାର, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ, ବେସରକାରୀ ଅନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତୋଳନ, ସକାଳ ୮ଟା ୩୦ମିନିଟ ସମୟରେ ମନମୋହନ ପଡ଼ିଆଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ କରାଯିବାକୁ ସ୍ଥିର କରାଗଲା । ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଏନ୍ ସି ସି ଓ ଅଣ ଏନ୍ ସି ସି ସ୍ତରରେ ପ୍ୟାରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ , ମାତୃମଙ୍ଗଳ କେନ୍ଦ୍ର ଓ ଉପ କାରାଗାର, ଶିଶୁ ଯତ୍ନ ଅନୁଷ୍ଠାନ, ଦିବ୍ୟାଙ୍ଗ ବିଦ୍ୟାଳୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଫଳ ଓ ମିଷ୍ଟାନ୍ନ ବଂଟନ କରାଯିବ । ସେହିପରି ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା,ପ୍ରବନ୍ଧ ଲିଖନ, କୁଇଜ୍ , ଡ୍ରଇଂ, ଦେଶାତ୍ମବୋଧ କବିତା ଆବୃତି ଆଦି ପ୍ରତିଯୋଗିତା ଆୟୋଜନ କରାଯିବାକୁ ସ୍ଥିର କରାଗଲା ।

# ପୁରୁଷ ବିଶ୍ୱକପ ହକି ଟ୍ରଫିକୁ ଧର୍ମଶାଳାରେ ଭବ୍ୟ ସ୍ୱାଗତ

ଧର୍ମଶାଳା, ୧୦/୦୧ (ନି.ପ୍ର): ହକିମୟ ହୋଇଛି ଯାଜପୁର । ଆଜି ପୁରୁଷ ବିଶ୍ୱକପ ହକି ଟ୍ୟଫିକୁ ଯାଜପୁର ଜିଲାରେ ଭବ୍ୟ ସ୍ୱାଗତ କରାଯାଇଛି । ଏହି କ୍ରମରେ ଧର୍ମଶାଳା ବ୍ଲକରେ ଟ୍ରଫିକୁ ସମ୍ମାନ ଦିଆଯାଇଛି । ଏକ ବିଶାଳ ଶୋଭାଯାତ୍ରାରେ ଯାଜପୁରରୁ ଧର୍ମଶାଳା ବ୍ଲକସ୍ଥିତ ଜାରକା ମହୋତ୍ସବ ପଡିଆରେ ପଂହଚିଥିଲା । ଟ୍ରଫି ପଂହଚିବା ପରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ,ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ,ପୂର୍ବତନ ସାଂସଦ ରୀତା ତରାଇ,ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବକ୍ତି ଉପସ୍ଥିତ ରହି ସ୍ୱାଗତ କରିଥିଲେ । ବିଭିନ୍ନ ଅଂଚଳରୁ ଆସିଥିବା ହକି ପ୍ରେମି ଉପସ୍ଥିତ ଥିଲେ । ସେମାନଙ୍କ ହାତରେ ରହିଥିଲା ହକି ଷ୍ଟିକ୍ । ସ୍ଥାନୀୟ ଲୋକ ପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ ।

# ବିସିସି ବ୍ୟାଙ୍କ ଜୟପାଟଣା ଶାଖାର ନୂତନ ଗୃହ ଉଦ୍‌ଘାଟିତ

ମୁଖୀଗୁଡା, ୧୦/୦୧ (ନି.ପ୍ର): ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ଜୟପାଟଣା ଶାଖା ର ନୂତନ ଗୃହ ପୂର୍ବତନ ଗୃହରାଷ୍ଟ୍ରମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଙ୍କ ଦ୍ୱାରା ଶୁଭ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ରେ ବିସିସିବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା, ଜୁନାଗଡ଼ ଆତ୍ମା ଅଧକ୍ଷ ଅଶୋକ କୁମାର ପଟ୍ଟନାୟକ ,ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ରାମଚନ୍ଦ୍ର ଶବର, ଯୁଗଳ ପୋଡ଼, ଟିକେମଣି ଯାଦବ, ମନୀଷା ସାହୁ,ସମାଜସେବୀ ଶେଷଦେବ ବେହେରା ସଂମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିସିସିବ୍ୟାଙ୍କରେ ଚାଷୀ ମାନଙ୍କୁ ଉଚିତ ସମ୍ମାନ ଦିଆଯିବ କୌଣସି ଚାଷୀ ଙ୍କୁ ଆସମ୍ମାନ କରାଯିବା ଅଭିଯୋଗ ହେଲେ ସଂପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିସିସିବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା ନିଜ ବକ୍ତବ୍ୟରେ କହିଥିଲେ । ଦୀର୍ଘ ୪୦ବର୍ଷ ଧରି ଜୟପାଟଣା ଶାଖା ଭଡ଼ା ଘରେ ଚାଲୁଥିଲା ଜିତେନ୍ଦ୍ର ନାରାୟଣ ସିଂ ଦେଓ ବିସିସିବ୍ୟାଙ୍କ ସଭାପତି ଥିବା ସମୟରେ ଏବଂ ତାଙ୍କ ଉଦ୍ୟମ ରେ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ତାଙ୍କ ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ ।

# ଚାପ କମାଇବା ସହ ସୁଗାର ନିୟନ୍ତ୍ରଣ କରେ ପିଜୁଳି

ଅନେକ ଲୋକ ପିଜୁଳି ଖାଇବାକୁ ପସନ୍ଦ କରନ୍ତି । ପିଜୁଳି ସ୍ୱାଦ ସହିତ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଏଥିରେ ଆଣ୍ଟି ଫଙ୍ଗଲ୍ ଏବଂ ଆଣ୍ଟିମାଇକ୍ରୋବାୟଲ୍ ଗୁଣ ରହିଥାଏ । ଏହା ସହିତ ଏଥିରେ ଭିଟାମିନ୍ ବି, ଭିଟାମିନ୍ କେ, ଭିଟାମିନ୍ ସି, ଫୋଲେଟ୍, ଆଇରନ୍, କ୍ୟାଲସିୟମ୍, ଫସଫରସ୍, ପୋଟାସିୟମ୍, ଜିଙ୍କ, କାର୍ବୋହାଇଡ୍ରେଟ୍ ଏବଂ ଡାଏଟାରୀ ଫାଇବର ଥାଏ । ପିଜୁଳିରେ ଭିଟାମିନ୍ ସି ଭରପୂର ରହିଥାଏ ଏବଂ ଏହା ଆପଣଙ୍କୁ ସାଧାରଣ ସଂକ୍ରମଣରୁ ରକ୍ଷା କରିବା ପାଇଁ କାର୍ଯ୍ୟ କରିଥାଏ । କମଳା ଅପେକ୍ଷା ପିଜୁଳିରେ ପ୍ରାୟ ୨ ଗୁଣ ଅଧିକ ଭିଟାମିନ୍ ମିଳିଥାଏ । ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଛି, ଯାହା ଆପଣଙ୍କ ଶରୀରରେ ଖରାପ ଜୀବାଣୁ ମାରିବା ପାଇଁ କାମ କରିଥାଏ ।

କ୍ୟାନ୍ସର୍ ଆଶଙ୍କା ଦୂର କରିଥାଏ : ପିଜୁଳିରେ ଲାଇକୋପିନ୍ ଭରପୂର ରହିଥାଏ । ଏହା ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଯାହା ଆପଣଙ୍କ ଶରୀରରେ କର୍କଟ କୋଷକୁ ନିରପେକ୍ଷ କରିବାରେ ସାହାଯ୍ୟ କରିଥାଏ ଏବଂ ସେଗୁଡିକୁ କମ୍ ପ୍ରଭାବଶାଳୀ କରିଥାଏ ।

ହୃଦୟ ସୁସ୍ଥ ରଖିଥାଏ : ପିଜୁଳିରେ ଥିବା ସୋଡିୟମ୍ ଏବଂ ପୋଟାସିୟମର ଭରପୁର ମାତ୍ରା ଆପଣଙ୍କ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ । ଯେଉଁମାନେ ହାଇ ବ୍ଲଡ୍ ସୁଗାରରେ ପିଡୀତ ସେମାନଙ୍କ ପାଇଁ ଏହା ବିଶେଷ ସହାୟକ ହୋଇଥାଏ । ଏଥିସହିତ ପିଜୁଳି ଗୁଡ୍ କୋଲେଷ୍ଟ୍ରଲକୁ ବଢିଇଥାଏ ।

ଚାପ ଦୂର କରେ : ପିଜୁଳିରେ ମ୍ୟାଗ୍ନେସିୟମ୍ ଭରପୂର ରହିଥାଏ । ଏହା ଆପଣଙ୍କ ମାଂସପେଶୀକୁ ଆରାମ ଦେଇଥାଏ ଏବଂ ଚାପକୁ ଦୂର କରିଥାଏ ।



# ଶୀତଋତୁରେ ମୁହଁ ନଧୋଇ କିପରି ରିମୋଭ କରିବେ ମେକଅପ: ଜାଣନ୍ତୁ ଉପାୟ

ମହିଳାମାନେ ସୁନ୍ଦର ଦେଖାଯିବା ପାଇଁ ପ୍ରତିଦିନ ମେକଅପ୍ କରନ୍ତି । କିନ୍ତୁ ମେକଅପ୍ ସଠିକ୍ ଭାବରେ କରିବା ସହିତ ଏହାକୁ ହଟାଇବା ମଧ୍ୟ ଆବଶ୍ୟକ ହୋଇଥାଏ । କିନ୍ତୁ ଲୋକମାନେ ଶୀତଦିନେ ମୁହଁରେ ଥଣ୍ଡା ପାଣି ଲଗାଇବା ଠାରୁ ଦୂରେଇ ରୁହନ୍ତି । ତେଣୁ ମେକଅପ୍ ମୁହଁରେ ଅଧିକ ସମୟ ରହିଥାଏ । ଦୀର୍ଘ ସମୟ ପର୍ଯ୍ୟନ୍ତ ମୁହଁରେ ମେକଅପ୍ ଲଗାଇଲେ ତ୍ୱଚା ଖରାପ ହୋଇପାରେ । ମେକଅପ୍ ବ୍ୟବହାର କରିବା ପରେ ଚର୍ମ ସଫା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ଯାହାଦ୍ୱାରା ଚର୍ମ ନଷ୍ଟ ହୋଇନଥାଏ ।



ଶୀତ ଋତୁରେ ପାଣି ବିନା ମେକଅପ୍ ବାହାର କରିବାର ସର୍ବୋତ୍ତମ ଉପାୟ ହେଉଛି ୱେଟ ୱାଇପ୍ସ । ଥଣ୍ଡା ପାଗରେ ଆପଣ ୱେଟ ୱାଇପ୍ସ ବ୍ୟବହାର କରିପାରିବେ । ଏହାକୁ ବ୍ୟବହାର କରିବା ଦ୍ୱାରା ମେକଅପ୍ ସଂପୂର୍ଣ୍ଣ ପରିଷ୍କାର ହୋଇପାରିବ । ତେବେ ୱେଟ ୱାଇପ୍ସ ସହିତ ମୁହଁ ସଫା କରିବା ପରେ ଚର୍ମକୁ ସଠିକ୍ ଭାବରେ ମଶ୍ଚରାଇଜ୍ କରିବାକୁ ଭୁଲନ୍ତୁ ନାହିଁ ।

***ନଡିଆ ତେଲ-***

ନଡ଼ିଆ ତେଲକୁ ପାଣି ବିନା ସହଜରେ ମେକଅପ୍ ହଟାଇବା ପାଇଁ ବ୍ୟବହାର କରାଯାଇପାରିବ । ଶୀତଋତୁରେ ଚର୍ମ ବହୁତ ଶୁଷ୍କ ହୋଇଯାଇଥାଏ । ଏପରି ପରିସ୍ଥିତିରେ ନଡିଆ ତେଲର ବ୍ୟବହାର ଚର୍ମ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ସେଥିପାଇଁ ଆପଣ ନଡିଆ ତେଲ ସହିତ ତ୍ୱଚାକୁ ସଫା କରିପାରିବେ, ଏହା ଆପଣଙ୍କ ମେକଅପ୍ ମଧ୍ୟ ସଫା କରିବାରେ ସାହାଯ୍ୟ କରିଥାଏ ।

***ଆଲୋଭେରା ଏବଂ ଗ୍ଲିସେରିନ୍-***

ତ୍ୱଚାର ଯତ୍ନ ପାଇଁ ଆଲୋଭେରା ଜେଲ୍ ବ୍ୟବହୃତ ହେଉଥିବାବେଳେ ଶୀତ ଋତୁରେ ମେକଅପ୍ ସହଜରେ ହଟାଇବା ପାଇଁ ଆପଣ ଆଲୋଭେରା ଜେଲ୍ ଏବଂ ଗ୍ଲିସେରିନ୍ ବ୍ୟବହାର କରିପାରିବେ ।

# ଜାପାନର ଏକ ଅଦ୍ଭୁତ ଗ୍ରାମ

ବିଗତ କିଛି ବର୍ଷରେ ଜାପାନର ଜନସଂଖ୍ୟା ହ୍ରାସ ପାଉଥିବାର ଦେଖାଯାଉଛି । ସହରଠାରୁ ଗାଁ ପର୍ଯ୍ୟନ୍ତ ସବୁଠାରୁ ଜନସଂଖ୍ୟା କମ ହେବାର ଦେଖାଯାଉଛି । ଜାପାନର ଗୋଟେ ଗାଁ ଅଛି ଯେଉଁଠାରେ କେବଳ ୨୭ ଜଣ ଲୋକ ରୁହନ୍ତି । ପଶ୍ଚିମ ଜାପାନରେ ଶିକୋକୁ ଟାପୁରେ ସ୍ଥିତ ନାଗୋରୋ ଗ୍ରାମରେ ଜଣେ ହେଲେ ମଧ୍ୟ ଛୋଟ ପିଲା ନାହାଁନ୍ତି । ଏଠାରେ ଏକୁଟିଆ ନ ଲାଗିବା ପାଇଁ ଲୋକମାନେ ଘର ବାହାରେ କଣ୍ଢେଇ ରଖିଥାନ୍ତି । ଏହି ଗ୍ରାମର ୬୯ ବର୍ଷିୟ ସୁକିମି ଆୟନୋ ନାସର ମହିଳା ମଣିଷ ପରି କଣ୍ଢେଇ ତିଆରି ଆରମ୍ଭ କରିଥିଲେ । ତାଙ୍କର କହିବାନୁସାରେ ଗ୍ରାମରେ କେବଳ ୨୭ଜଣ ଲୋକ ରୁହନ୍ତି କିନ୍ତୁ ଏଠାରେ କଣ୍ଢେଇ ସଂଖ୍ୟା ୨୭୦ ଅଟେ । ଏହି କଣ୍ଢେଇ ତିଆରି କରିବାର ପ୍ରଥା ୧୬ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା । ସୁକିମ ପ୍ରଥମ କଣ୍ଢେଇ ତିଆରି କଲେ ଓ ସେ ତାଙ୍କ ପିତାଙ୍କର ଲୁଗା କଣ୍ଢେଇକୁ ପିନ୍ଧାଇଦେଲେ । ସେ ଏହି ମୂର୍ତ୍ତିକୁ ମଧ୍ୟ ବଗିଚାରେ ରଖିଛନ୍ତି ଯାହାଦ୍ୱାରା ପକ୍ଷୀମାନେ ଫସଲ ନଷ୍ଟ କରିବାକୁ ଆସୁନାହାଁନ୍ତି । ଏହି ଗ୍ରାମରେ କୌଣସି ଛୋଟ ପିଲା ନାହାଁନ୍ତି । ସବୁଠାରୁ କମ୍ ବୟସର ଲୋକର ବୟସ ୫୫ ।



ଏହି ଗ୍ରାମର ଲୋକମାନେ ସହରକୁ ପଳାୟନ କରିଥିବାରୁ ଏହି କଣ୍ଢେଇ ସବୁ ଏକାକି ଥିବାର ଜଣାଯାଏ । ଏହି କଣ୍ଢେଇମାନଙ୍କ ନାଗୋରୋ ଗ୍ରାମକୁ ପର୍ଯ୍ୟଟକମାନଙ୍କ ଆଗମନ ମଧ୍ୟ ଆରମ୍ଭ ହୋଇଗଲାଣି ।

# ସୌନ୍ଦର୍ଯ୍ୟ ଉପଚାରରେ କଖାରୁ ରସ

■ ଦୁଇ ଚାମଚ ନଡ଼ିଆ ତେଲରେ ଏକ ଚାମଚ ଲେଖାଏଁ କଖାରୁ ରସ, ମହୁ ଓ ଗୁଡ଼ ଫେଣ୍ଟି, ରାତିରେ ଶୋଇବା ପୂର୍ବରୁ ମୁହଁ, ଓଠ, ବେକ ହାତରେ ଲଗାଇ ଦଶ ମିନିଟ ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ । ଏହା ଦ୍ୱାରା ତ୍ୱଚା ନରମ ରହେ । କଳା ଓଠ ସଫା ପଡ଼େ । ଶୁଷ୍କ ତ୍ୱଚା ପାଇଁ ଏହା ଅଧିକ ଭଲ ।

■ ସମାନ ପରିମାଣରେ କଖାରୁ ରସ, ଡାଲଚିନି ଗୁଣ୍ଡ ଓ ନଡ଼ିଆ ତେଲ ମିଶାଇ, ପ୍ରତିଦିନ ଗାଧୋଇବା ପୂର୍ବରୁ ଦେହରେ ମାଲିସ କରନ୍ତୁ । ଏହାଦ୍ୱାରା ଶରୀର ଆର୍ଦ୍ର ରହେ କିନ୍ତୁ ସମସ୍ୟାଦୂର ହୁଏ । ନିୟମିତ ଲଗାଇଲେ, ତ୍ୱଚା ସଫା ପଡ଼େ । ଫ୍ରିଜରେ ରଖି ବ୍ୟବହାର କରିପାରିବେ ।



# କେଉଁ ଦିଗରେ ହଳଦୀ ଗଛ ଲଗାଇଲେ ବଢ଼ିବ ଧନ?

ଆପଣଙ୍କ ଘରର ରୋଷେଇ ଘରେ ହଳଦୀ ନିଶ୍ଚିତ ଭାବରେ ବ୍ୟବହୃତ ହେଉଥିବ । ହଳଦୀ କେବଳ ପନିପରିବାର ରଙ୍ଗ ବଦଳାଇ ନଥାଏ, ବରଂ ଏହାକୁ ଖାଇବା ଦ୍ୱାରା ଅନେକ ରୋଗରୁ ମଧ୍ୟ ରକ୍ଷା ମିଳିଥାଏ । କିନ୍ତୁ ଆପଣ ଜାଣନ୍ତି କି ଘରେ ହଳଦୀ ଗଛ ଲଗାଇବା ଶୁଭ ଅତ୍ୟନ୍ତ ଶୁଭ ହୋଇଥାଏ । ହଳଦୀ ପୂଜା ସାମଗ୍ରୀର ଏକ ଜରୁରୀ ଜିନିଷ । କୌଣସି କାମ ଆରମ୍ଭ କରିବା ପୂର୍ବରୁ ହଳଦୀ ବ୍ୟବହାର କରାଯାଏ । ତେବେ ଚାଲନ୍ତୁ ଜାଣିବା ହଳଦୀ ଗଛ ଲଗାଇବାର ସଠିକ୍ ଦିଗ ଏବଂ ଉପାୟ । ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଘରେ ହଳଦୀ ଗଛ ଲଗାଇବା ବହୁତ ଶୁଭ ବୋଲି ବିବେଚନା କରାଯାଏ । ଏହାକୁ ଘରେ ଲଗାଇବା ଦ୍ୱାରା ସମୃଦ୍ଧି ବଢାଇଥାଏ ଏବଂ ଆର୍ଥିକ ସଙ୍କଟ ଦୂର ହୋଇଥାଏ । ଏଥି ସହିତ ଏହି ଉଦ୍ଭିଦକୁ ଘରେ ଲଗାଇବା ଦ୍ୱାରା ପରିବାର ସଦସ୍ୟଙ୍କ ସମ୍ପର୍କ ମଧ୍ୟ ମଜବୁତ ହୋଇଥାଏ । କିନ୍ତୁ ହଳଦୀ ଉଦ୍ଭିଦରୁ ଲାଭ ପାଇବାକୁ ହେଲେ ଏହାକୁ ସଠିକ୍ ଦିଗରେ ଲଗାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବାସ୍ତୁ ଶାସ୍ତ୍ର ଅନୁଯାୟୀ, ହଳଦୀ ଗଛକୁ ସର୍ବଦା ଆଗ୍ନେୟା କୋଣରେ ଲଗାଯିବା ଉଚିତ୍ । ଯଦି ଏହି ଦିଗରେ ହଳଦୀ ଗଛ ଲଗାଯାଏ, ସେଥିରୁ ସକରାତ୍ମକ ଶକ୍ତି ପ୍ରବାହିତ ହୁଏ । ଏହା ସହିତ, ସମସ୍ତ ବାସ୍ତୁ ତ୍ରୁଟି ମଧ୍ୟ ଏଥିରୁ ଦୂର ହୋଇଥାଏ । ଯଦି ଆପଣ ଚାହାଁନ୍ତି ଘରେ ସୁଖ-ଶାନ୍ତି ରହିବା ଉଚିତ୍, ତେବେ ପଶ୍ଚିମ-ଉତ୍ତର ଦିଗରେ ହଳଦୀ ଗଛ ଲଗାନ୍ତୁ ।



# ତୁଳସୀ ମୂଳେ ପାଣିଦେବା ସମୟରେ ଏହି ମନ୍ତ୍ର ଉଚ୍ଚାରଣ କରନ୍ତୁ, ଘରେ ବଢିବ ସୁଖ-ଶାନ୍ତି

ସନାତନ ଧର୍ମରେ ତୁଳସୀକୁ ଏକ ମହତ୍ୱପୂର୍ଣ୍ଣ ସ୍ଥାନ ଦିଆଯିବା ସହ ଏହାକୁ ଅତ୍ୟନ୍ତ ପ୍ରବିତ୍ର ବୋଲି ଧରାଯାଏ । ପ୍ରତ୍ୟେକ ହିନ୍ଦୁଙ୍କ ଘର ଅଗଣାରେ ତୁଳସୀ ଗଛ ରଖାଯାଇ ପୂଜା କରାଯାଇଥାଏ । କିଛି ଲୋକ ଅଛନ୍ତି ଏହାର ସକରାତ୍ମକ ପରିବେଶ ପାଇଁ ତୁଳସୀକୁ ଘର ଚାରିପଟେ ଲଗାଇଥାନ୍ତି । ଏହି ଗଛରେ ମା ଲକ୍ଷ୍ମୀ ବାସ କରିଥାନ୍ତି । ଏଥିପାଇଁ ତୁଳସୀ ଭଗବାନ ବିଷ୍ଣୁଙ୍କ ଅତି ପ୍ରିୟ ହୋଇଥାଏ । ତୁଳସୀ ପତ୍ର ବିନା ବିଷ୍ଣୁଙ୍କ ପୂଜା ହୋଇ ନଥାଏ । ଲୋକେ ଘରର ସୁଖ ଏବଂ ଦୁଃଖ ହଟାଇବା ପାଇଁ ତୁଳସୀର ପୂଜା କରିଥାନ୍ତି । ହେଲେ ତୁଳସୀ ଗଛ ମୂଳେ ପାଣି ଦେବା ସମୟରେ କିଛି ମନ୍ତ୍ର ଜପ କରିବା ନିହାତି ଆବଶ୍ୟକ । କାରଣ ବିନା ମନ୍ତ୍ରରେ ପାଣି ଦେବାକୁ ସ୍ୱୀକାର କରାଯାଏ ନାହିଁ ।



ତୁଳସୀକୁ ସବୁଦିନ ପୂଜା କରିବା ଦ୍ୱାରା ଭଗବାନ ବିଷ୍ଣୁ ଖୁସି ହୋଇଯାଇ ଆର୍ଶିବାଦ ପ୍ରଦାନ କରିଥାନ୍ତି । ସକାଳୁ ସ୍ନାନ ସାରି ତୁଳସୀ ପୂଜା କରିବା ଆବଶ୍ୟକ । ସୂର୍ଯ୍ୟ ଉଦୟ ପରେ ତୁଳସୀ ମୂଳେ ପାଣି ଦେବା ଉଚିତ ନୁହେଁ । ଏହାସହ ରବିବାର ଦିନ ତୁଳସୀ ପତ୍ର ତୋଳିବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ପତ୍ର ଛିଣ୍ଡାଇବା ଦ୍ୱାରା ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀ ରାଗିଯାଇଥାନ୍ତି । ଯଦି ଗ୍ରହ ଦଶା ପଡିଛି ଏହାକୁ ଠିକ କରିବା ପାଇଁ ସବୁଦିନ ତୁଳସୀ ମୂଳେ ପାଣି ଦେବା ଉଚିତ । ତୁଳସୀ ମୂଳେ ଜଳ ଅର୍ପଣ କରିବା ସମୟରେ ଯଦି ତୁଳସୀ ମନ୍ତ୍ର ଜପ କରାଯାଏ ତେବେ ଏହା ବହୁ ଶୁଭ ଫଳ ଦେଇଥାଏ । ଏବଂ ଏହା ପରେ ହିଁ ପୂଜା ସ୍ୱୀକାର କରାଯାଇଥାଏ ।

ଏହି ମନ୍ତ୍ର ଜପ କରିବା ଦ୍ୱାରା ପୂଜା ସ୍ୱୀକାର ହେବା ସହ ଲକ୍ଷ୍ମୀ ଏବଂ ଭଗବାନ ବିଷ୍ଣୁ ପ୍ରଶନ୍ନ ହୋଇଥାନ୍ତି । ତୁଳସୀ ମନ୍ତ୍ର ପ୍ରଭାବରେ ଘରେ ସୁଖ-ଶାନ୍ତିର ଆଗମନ ହେବାସହ, ସୁଖ-ସମୃଦ୍ଧିର ମଧ୍ୟ ବୃଦ୍ଧି ଘଟିଥାଏ ।

# କୁକୁରଙ୍କୁ କରାଯାଏ ପୂଜାର୍ଚ୍ଚନା: ଜାଣନ୍ତୁ କାହିଁକି ପାଳନ ହୁଏ ଏହି ପର୍ବ

ହିନ୍ଦୁମାନଙ୍କ ପ୍ରମୁଖ ପର୍ବ ଦୀପାବଳି ଧୁମଧାମରେ ପାଳନ କରାଯାଏ । ଏହି ସମୟରେ ଲୋକମାନେ ନିଜ ନିଜ ଇଷ୍ଟଦେବୀଙ୍କୁ ପୂଜା କରିଛନ୍ତି । ତେବେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଢଙ୍ଗରେ ଏହି ପୂଜା ପାଳନ କରାଯାଇଥାଏ । ତେବେ ଏମିତି ବି ଏକ ଦେଶ ରହିଛି ଯେଉଁଠି କୁକୁରମାନଙ୍କୁ ପୂଜାର୍ଚ୍ଚନା କରାଯାଏ । ଆଶ୍ଚର୍ଯ୍ୟ ଲାଗିଲେ ବି ଘଟଣାଟି ଏକଦମ୍ ସତ । ଏହାର କାରଣ ମଧ୍ୟ ଖୁବ ଆଶ୍ଚର୍ଯ୍ୟଜନକ ରହିଛି । ତେବେ ଏହି ଦେଶ ହେଉଛି ନେପାଳ । ଫେଷ୍ଟିଭ ସିଜନରେ 'କୁକୁର ତିହାର' ନାମକ ଏକ ପର୍ବ ପାଳନ କରାଯାଇଥାଏ । ଦେଶରେ ୨୩ ଅକ୍ଟୋବରରୁ ୫ ଦିନ ପର୍ଯ୍ୟନ୍ତ ଫେଷ୍ଟିଭାଲ ସିଜନର ଆରମ୍ଭ ହୋଇଥାଏ । ଏହାର ଦ୍ୱିତୀୟ ଦିନକୁ କୁକୁର୍ ତିହାର୍ ଭାବେ ପାଳନ କରାଯାଏ । ଦିୱାଲି ଦିନ ନେପାଳରେ ଏହି କୁକୁର ତିହାର ପାଳନ କରନ୍ତି ଦେଶବାସୀ । କୁକୁରମାନଙ୍କୁ ସେମାନଙ୍କ ବିଶ୍ୱସ୍ତତା ଏବଂ ଭରସା ପାଇଁ ସେମାନଙ୍କୁ ଦେବଦୂତ ରୂପରେ ପୂଜା କରାଯାଏ । ସାରା ଦେଶରେ ତିଳକ-ମାଳା ପିନ୍ଧାଇ ଆରତୀ କରି କୁକୁରମାନଙ୍କୁ ଖାଦ୍ୟ ଦିଆଯାଇଥାଏ । ଏହି ପରିପ୍ରେକ୍ଷୀରେ ସାରା ଦେଶର କୁକୁରଙ୍କୁ ପୂଜା କରାଯାଏ । ସେମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ପ୍ରସ୍ତୁତ କରି ଖାଇବାକୁ ଦିଆଯାଇଥାଏ ।

କୁକୁର ତିହାରରେ ନେପାଳର ଲୋକ ନା କେବଳ ପ୍ରାର୍ଥନା କରାଯାଏ, ଏହି ଦିନକୁ ସମ୍ପୂର୍ଣ୍ଣ ସେମାନଙ୍କ ନାଁରେ କରି ଦିଆଯାଏ । ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ସମସ୍ତେ ସ୍ନେହ କରି ସେମାନଙ୍କୁ କ୍ଷୀର, ଅଣ୍ଡା ଆଦି ବିଭିନ୍ନ ଖାଦ୍ୟ ଖାଇବାକୁ ଦିଆଯାଏ । ତେବେ ଏହି ଉତ୍ସବରେ ସ୍ଥାନୀୟ ଲୋକଙ୍କ ସହିତ ଅନ୍ୟ ଲୋକମାନେ ମଧ୍ୟ ଭାଗ ନେଇଥାନ୍ତି । ପ୍ରକୃତରେ କୁକୁର ମୃତ୍ୟୁର ଦେବତା ଯମରାଜଙ୍କ ଦୂତ ଏବଂ ଏହି ଦିନରେ ଲୋକ ଯମରାଜଙ୍କୁ ଖୁସି କରିବା ପାଇଁ ଏହି ପର୍ବ ପାଳନ କରିଥାନ୍ତି । ସେପଟେ ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ପର୍ବ ମାଧ୍ୟମରେ ଏକ ମହାନ ବାର୍ତ୍ତା ମଧ୍ୟ ଦିଆଯାଏ । ମଣିଷମାନେ ପଶୁପକ୍ଷୀଙ୍କୁ ମଧ୍ୟ ସମ୍ମାନ ଦେବା ଉଚିତ ବୋଲି ବାର୍ତ୍ତା ଦେଇଥାଏ କୁକୁର ତିହାର ପର୍ବ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୧ ଜାନୁଆରୀ ୨୦୨୩, ବୁଧବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବିଷମସ୍ଥିତି...

କିଛି ଦିନ ହେଲା ଦକ୍ଷିଣ ଏସିଆରେ ଅତ୍ୟନ୍ତ ଅସ୍ୱାଭାବିକ୍ ସ୍ଥିତି ଉତ୍ପନ୍ନ ହୋଇଛି । ପାକିସ୍ତାନ ପକ୍ଷରୁ ଆଫ୍‌ଗାନିସ୍ତାନରେ ଗାଦି ଦଖଲ କରିଥିବା ତାଲିବାନ୍ ଉପରେ ହମ୍‌ଲା ଆରମ୍ଭ ହୋଇଯାଇଛି । ଏହା ପାକ୍ ସରକାର ପାଇଁ ନିର୍ଣ୍ଣାୟକ ଯୁଦ୍ଧ ପାଇଁ ବାଟ ଫିଟାଇଦେଲା ଭଳି ହୋଇଛି । ପାକିସ୍ତାନ କ୍ୱେଟା ସମେତ ବିଭିନ୍ନ ସୀମାନ୍ତବର୍ତ୍ତୀ ସହରକୁ ଟାର୍ଗେଟ୍ କରି ଆକ୍ରମଣ ଚଳାଇଥିବା ଦେଖାଯାଉଛି । ଏକସମୟରେ ତାଲିବାନୀମାନଙ୍କୁ କ୍ଷମତା ଦଖଲ ପାଇଁ ସହାୟକ ସାଜିଥିବା ପାକିସ୍ତାନ ପାଇଁ ଆକ୍ରମଣ ଛଡ଼ା ବର୍ତ୍ତମାନ କିଛି ରାସ୍ତା ଦିଶୁନାହିଁ । ତେହରିକ୍-ତାଲିବାନ୍ ନାମରେ ପାକ୍ ସମର୍ଥିତ ବାହିନୀକୁ ମୂଳ ତାଲିବାନ୍ ବିପକ୍ଷରେ ଭିଡ଼ାଇ ଦେଇଛି ଶାହବାଜ୍ ସରକାର । ନିଜେ ଶାହବାଜ୍ ଓ ବେନଜିରଙ୍କ ପୁଅ ତଥା ପାକ୍ ବିଦେଶ ମନ୍ତ୍ରୀ ବିଲୱାଲ ଭୁଟ୍ଟୋ ତାଲିବାନ୍ ସରକାରଙ୍କ ଆକ୍ରମଣ କରିବାର ଧମକ ଦେଇଥିବାରୁ ପାକିସ୍ତାନକୁ ପାଲଟା କାର୍ଯ୍ୟାନୁଷ୍ଠାନ ସକାଶେ ପ୍ରରୋଚିତ କରୁଛି । ଏହି ସମୟରେ ଆମେରିକା ପାକ୍ ସରକାର ଜରିଆରେ କିଭଳି ତାଲିବାନ୍‌କୁ ପାନେ ଚଖାଇବ, ସେଥିପାଇଁ ତାର ଅସ୍ତ୍ର ଓ ଅର୍ଥ ସହାୟତା ଦେବା ଆରମ୍ଭ କରିଦେଇଛି । ତାଲିବାନୀ ସରକାର ଆଫ୍‌ଗାନିସ୍ତାନରେ ଯାବତୀୟ ଅନାଚାର ଜାରି ରଖିଛି । ବାଳିକାମାନଙ୍କୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ କରିବା ହେଉ କି' ପର୍ଦ୍ଦା ପ୍ରଥା ଭଳି ପୁରୁଣାକାଳିଆ ବ୍ୟବସ୍ଥା, ସବୁଥିର ପୁନଃପ୍ରଚଳନ ପାଇଁ ତଥାକଥିତ ତାଲିବାନୀ ସରକାର କଟିବଦ୍ଧ ଥିବାରୁ ସ୍ଥିତି ଦୁଃସହ୍ୟ ହୋଇପଡ଼ିଲାଣି । ତାହାରି ଭିତରେ ପାକ୍ ସମର୍ଥିତ ତେହରିକ୍ ଗୋଷ୍ଠୀକୁ ଆମେରିକା ପୂର୍ଣ୍ଣ ସମର୍ଥନ ଦେବା ପୂର୍ଣ୍ଣ ସମର୍ଥନ ଦେବା ପୂର୍ଣ୍ଣ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ସକ୍ଷମ କରିଛି । ଆଫ୍‌ଗାନିସ୍ତାନରୁ ସେନା ପ୍ରତ୍ୟାହାର ଲାଗି ଜୋ' ବାଇଡେନ୍ ସରକାର ଯେଉଁ ସମୟରେ ନିଷ୍ପତ୍ତି ନେଲେ, ତାହା ନେଇ ବିଭିନ୍ନ ମହଲରୁ ସମାଲୋଚନା ଶୁଣିବାକୁ ପଡ଼ିଥିଲା । ଏଭଳି ହେଲା ଯେ, ବାଇଡେନ୍ ସରକାର ତଣ୍ଟିରେ ଲାଗିଥିବା କଣ୍ଟା ନା' ଗିଳିପାରୁଥିଲା, ନା' ଫିଙ୍ଗି ପାରୁଥିଲା । ଏବେ ପାକିସ୍ତାନର ଆକ୍ରମଣ ନିଷ୍ପତ୍ତି ଆମେରିକାକୁ ଯୋଗାଇ ଦେଇଛି ଅପୂର୍ବ ମଉକା । ଅପମାନିତ ସ୍ଥିତିରୁ କିଭଳି ରକ୍ଷାପାଇବ, ସେଥିପାଇଁ ଶାହବାଜ୍ ସରକାର ପାଇଁ ପୂରା ଭଣ୍ଡାର ଖୋଲି ଦେଇଛି ବାଇଡେନ୍ ପ୍ରଶାସନ । ତାଲିବାନୀମାନେ ଗରିଲା ଯୁଦ୍ଧରେ ଏକରକମର ପ୍ରଶିକ୍ଷିତ । ତେଣୁ ପାକ୍-ତାଲିବାନୀ ଲଢ଼େଇର ଭବିଷ୍ୟତ ନେଇ ଏବେଠାରୁ କିଛି କୁହାଯାଇନପାରେ । ପାକିସ୍ତାନରେ ଇମ୍ରାନ୍ ସରକାରକୁ ଗାଦିଚ୍ୟୁତ କରି ଶାହବାଜ୍ ଶରିଫ୍ ପ୍ରଧାନମନ୍ତ୍ରୀ ହେବା ପରେ ଆଦୌ ସୁଖୀ ନାହାନ୍ତି । ଶ୍ରୀଲଙ୍କା ଭଳି କାଙ୍ଗାଳ ଅବସ୍ଥା ଭିତର ଦେଇ ପାକିସ୍ତାନ ଗତି କରୁଛି । ଗୁରୁତର ଆର୍ଥିକ ବିଶୃଙ୍ଖଳା ସହିତ ସାମାଜିକ ବିଭ୍ରାଟ ପାକ୍ ସରକାର ପାଇଁ ନାହିଁନଥିବା ସଙ୍କଟକୁ ଡାକି ଆଣିଛି । କାହାରି ନିକଟରେ ଏହି ଜଟିଳତାର ଅବସାନ ପାଇଁ କିଛି ସରଳ ସୂତ୍ର ନାହିଁ । ଋଣ କରି ଋଣ-ପରିଶୋଧ ପରମ୍ପରା ଯେପରି ପାକିସ୍ତାନ ସରକାର ଉତ୍ତରାଧିକାର ସୂତ୍ରରେ ପାଇଛନ୍ତି । ପରିସ୍ଥିତିର ସୁଯୋଗ ନେବାକୁ ଟାକି ବସିଛି ଆମେରିକା । ସେହିଭଳି ମହାଜନୀ କାରବାର କରୁଥିବା ଚୀନ୍ ପାକ୍ ଭୂମିରେ ଘାଟି ସ୍ଥାପନ କରିବା ସକାଶେ ଚାହୁଁଛି । ଭାରତ ସହିତ ଏକାଧିକ ବାର ଯୁଦ୍ଧରେ ପରାସ୍ତ ହୋଇଥିବା ପାକିସ୍ତାନ ଏପର୍ଯ୍ୟନ୍ତ ଉପଯୁକ୍ତ ଶିକ୍ଷାଲାଭ କରିନାହିଁ । ଘନଘନ ଅନୁପ୍ରବେଶ ସହିତ ଆତଙ୍କମାନଙ୍କ ଜରିଆରେ କାଶ୍ମୀର କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ଯେମିତି ନିୟମିତ କାରବାର ପାକିସ୍ତାନ ପାଇଁ ହୋଇ ସାରିଛି । ଲସ୍କର ଓ ଅନ୍ୟ ଆତଙ୍କୀ ଗୋଷ୍ଠୀ ଉପରେ ସରକାରଙ୍କର କିଛି ସୁଦ୍ଧା ନିୟନ୍ତ୍ରଣ ନାହିଁ । ଜମ୍ମୁ-କାଶ୍ମୀର ହେଉ କି' ପାକ୍ ଅଧିକୃତ କାଶ୍ମୀର ହେଉ, ସବୁଠାରେ ଆତଙ୍କୀଙ୍କ ରାଜ୍ ଚାଲିଛି । ତାହାକୁ ପ୍ରତିହତ କରିବେ କ'ଣ, ସରକାର ନିଜ ରକ୍ଷଣ ଅସମ୍ଭବ ନ୍ୟାୟରେ କାଳ କାଟୁଥିବା ଦେଖାଯାଉଛି । ଇମ୍ରାନଙ୍କ ନେତୃତ୍ୱରେ ବିଶାଳ ବିକ୍ଷୋଭ ସାଙ୍ଗକୁ ତାଙ୍କୁ ଆକ୍ରମଣ ସ୍ଥିତିକୁ ଅଧିକ ସଙ୍ଗୀନ୍ କରିସାରିଛି । ଏହାର ଭିତରେ ଭାରତ ପାଖରେ ଆତ୍ମସମର୍ପଣ କରିଥିବା ସାମରିକ ଅଧିକାରୀ ନିଅଜିଙ୍କ ଫଟୋ ଜାରି କରି ପୁରୁଣା କ୍ଷତକୁ ଉଖାରିବା ଉଦ୍ୟମ ହୋଇଛି । ତାହା ପାକିସ୍ତାନର ଗ୍ଲାନିକୁ ବଢ଼ାଇ ଦେଇଛି । ଶାହବାଜ୍ ସରକାର କିଭଳି ଉତ୍ପନ୍ନ ସ୍ଥିତିକୁ କେତେକାଳ ସମ୍ଭାଳିପାରିବେ, ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା । ଦେଶ ଭିତରେ ଅରାଜକତା, ସୀମାନ୍ତରେ ସଂଘର୍ଷ ଏବଂ ଦେବାଳିଆ ସ୍ଥିତି ତମାମ୍ ବିଶ୍ୱରେ ପାକିସ୍ତାନକୁ ଲେଶକହସା କରିସାରିଲାଣି । ପ୍ରବଳ ବନ୍ୟା ବିପ୍ଲାତ ପାଇଁ ହଜାର ହଜାର ଲୋକ ବାସଚ୍ୟୁତ ହେବା ସରକାର ପାଇଁ ଚରମ ଆହ୍ୱାନ ଆଣିଦେଇଛି । ମୁଖଲଜ୍ଜା ରଖିବା ପାଇଁ ତେଣେ ଜାଣିସଂଘରେ ଭାରତ ବିରୋଧୀ ବିଷୋଦ୍‌ଗାର କରି ନିଜ ଉପରୁ ଅଠା ଛଡ଼ାଇବା ପାଇଁ ଚାହୁଁଥିବା ସରିଫ୍ ସରକାର କିଭଳି ବିପନ୍ନ ସ୍ଥିତି ସମ୍ଭାଳିବ, ତାହା ଦେଖାଯିବା କଥା ।

# ଅନନ୍ୟ ବିଦ୍ୟାଳୟ : ବକୁଳବନ



ଶ୍ରୀବତ୍ସ ନାୟକ

ଓଡ଼ିଶାର ଶିକ୍ଷା ଜଗତରେ ସଂସ୍କାର ଆଣିଥିଲା ପୁରୀ ଜିଲ୍ଲା ସତ୍ୟବାଦୀର ବକୁଳବନ । ୧୯୦୯ ମସିହାରେ ପଞ୍ଚସଖା (ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ,ପଣ୍ଡିତ କୃପାସିନ୍ଧୁ ମିଶ୍ର, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ ନୀଳକଣ୍ଠ ଦାସ) ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାପାଇଁ ଗଢିଥିବା ବନ ବିଦ୍ୟାଳୟଟି ଆମ ଓଡ଼ିଆ ଜାତି ପାଇଁ ଏକ ଆଶୀର୍ବାଦ । ଗାନ୍ଧୀବାଦ ର ବାର୍ତ୍ତାବହ, ଆଦର୍ଶ ଶିକ୍ଷାବିତ୍, ସତ୍ୟବାଦୀର ସନ୍ଥ ଏବଂ ପ୍ରତିଟି ଓଡ଼ିଆର ହୃଦୟରେ ଜାତୀୟତାର ସ୍ପନ୍ଦନ ସୃଷ୍ଟି କରିଥିବା ଗୋପବନ୍ଧୁ ଏହାର ମୁଖ୍ୟ ପୁରୋଧା ଥିଲେ । ଏହା ଥିଲା ଓଡ଼ିଆ ଜାତିର ଅସ୍ମିତାର ପ୍ରତୀକ ସଦୃଶ । ଏହାକୁ 'ମଣିଷ ଗଢ଼ା କାରଖାନା' ବୋଲି ମଧ୍ୟ ଅଭିହିତ କରାଯାଏ । ଖଣ୍ଡିତ ଓଡ଼ିଶାର ଜଡତା, ବିଷାଦ ଓ ନୈରାଶ୍ୟ ପୂର୍ଣ୍ଣ ସ୍ଥିତି ଭିତରେ ଗଢି ଉଠିଥିବା ବିଦ୍ୟାଳୟଟି ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଆଣିଥିଲା ଏକ ବୈପ୍ଳବିକ ପରିବର୍ତ୍ତନ । ଯେଉଁ ଶିକ୍ଷା ମାଧ୍ୟମରେ ଏ ଦେଶରେ ସଚ୍ଚୋଟ ମଣିଷ ଗଢ଼ିହେବ, ସେ ଦିଗରେ ବନବିଦ୍ୟାଳୟ ସେ କାଳରେ ନୂତନ ମାର୍ଗ ଫିଟାଇ ଦେଇଥିଲା । ଏକ ଉତ୍ତମ ରାଷ୍ଟ୍ର, ଉନ୍ନତ ସମାଜ, ଗଠନ କରିବାରେ ଶିକ୍ଷାର ମହତ୍ତ୍ୱକୁ ଅନୁଭବ କରିଥିଲେ ସତ୍ୟବାଦୀର ନୀରବ ସାଧକ ପଣ୍ଡିତ ଗୋପବନ୍ଧୁ । ଜୀବନର ସକଳ ପ୍ରକାର ଉନ୍ନତି ନିମନ୍ତେ ପୂର୍ଣ୍ଣାଙ୍ଗ ଶିକ୍ଷା ଅନିବାର୍ଯ୍ୟ । ପାଶ୍ଚାତ୍ୟ ଶିକ୍ଷାର ପ୍ରଚଳନ ଫଳରେ ଦେଶରେ ଶିକ୍ଷା ବ୍ୟାପକ ହୋଇଥିଲେ ମଧ୍ୟ ଶିକ୍ଷାର ଲକ୍ଷ୍ୟ ଥିଲା ସରକାରୀ ଚାକିରି ଓ ସଂକୀର୍ଣ୍ଣ ସ୍ୱାର୍ଥାନ୍ଧତା । ଏହି ଭଳି ସତ୍ତା ନିହିତ ରହିବା ଫଳରେ ମଣିଷ ଜୀବନର ବିକାଶ ଥିଲା କଳ୍ପନାର ଅତୀତ । ବଳିଷ୍ଠ ସାମାଜିକ ଓ ଜାତୀୟ ଜୀବନ ଗଠନକୁ ଜୀବନର ବ୍ରତ କରି ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ପଣ୍ଡିତ ଗୋପବନ୍ଧୁ ଓ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ନିଜର ଚାରିଜଣ ବନ୍ଧୁଙ୍କ ତ୍ୟାଗପୂତ ଭାବ ଦ୍ୱାରା ଓଡ଼ିଶାରେ ଶିକ୍ଷା ର ପ୍ରଚାର ପ୍ରସାର କରିବା ପାଇଁ ପୁଣ୍ୟତୋୟା ଭାର୍ଗବୀ ନଦୀ କୂଳରେ ମା ତାରିଣୀଙ୍କ ମନ୍ଦିରରେ ନଦୀ ବାଲି ଧରି ଶପଥ କରି ପୁରୀ ଜିଲ୍ଲା ସତ୍ୟବାଦୀ ନିକଟସ୍ଥ ଗୁପ୍ତ ବୃନ୍ଦାବନ ନାମକ ଉଦ୍ୟାନରେ ବକୁଳ ଛୁରିଆନା ବୃକ୍ଷ ତଳେ ବସି ଶିକ୍ଷା ଦାନ କରିବା ପାଇଁ ମନସ୍ଥ କରିଥିଲେ । ଏମାନଙ୍କର ସଂକଳ୍ପ ସ୍ୱରୂପ ସରକାରୀ ଚାକିରି କରିବା ନାହିଁ, ନିଜର ଭରଣ ପୋଷଣ ପାଇଁ ବିଳାଶ ରେ ମନ ଦେବା ନାହିଁ ହିଁ ମୁଖ୍ୟ ସ୍ଲୋଗାନ ଥିଲା । ଜନ୍ମ ହୋଇ ଦେଶକୁ ଯାହା ଦେଖି ଥାଇଁ, ମଲା ପରେ ତାଠାରୁ ଉନ୍ନତର ଅବସ୍ଥାରେ ଛାଡ଼ିଯିବା ଓ ସେଥିପାଇଁ ବରାବର ପ୍ରଯତ୍ନ ରେ ସେମାନେ ସଦା ବ୍ରତୀ ଥିଲେ । ଗୋପବନ୍ଧୁଙ୍କ ପୌରହିତରେ ପଞ୍ଚସଖା ଗଣ ସତ୍ୟନିଷ୍ଠ, ମିତବ୍ୟୟୀ, ଦୁଃସ୍ଥ ଜନତାର ସେବକ ହେବା ପାଇଁ ପ୍ରତିଜ୍ଞା କରିଥିଲେ । ବିଦ୍ୟାଳୟରେ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତଙ୍କର ପଢ଼ିବାର ଅଧିକାର ଥିଲା । ପ୍ରାଚୀନ ଗୁରୁକୁଳ ରୀତିରେ ପାଠଦାନ ଓ ବୋଧ ଉପଲବ୍ଧ ପାଇଁ ଶିକ୍ଷା ଦିଆଯାଉଥିଲା । ଏତଦବ୍ୟତୀତ ଶିକ୍ଷକ ମାନେ ଛାତ୍ରମାନଙ୍କର ମାନସିକ, ଶାରୀରିକ, ବୌଦ୍ଧିକ ତଥା ହାର୍ଦ୍ଦିକ ବିକାଶ ପାଇଁ ଦୃଷ୍ଟି ନିକ୍ଷେପ କରୁଥିଲେ । ପ୍ରତ୍ୟକ୍ଷ ପାଠଦାନରେ ପୂର୍ବପାଠର ଆଲୋଚନା ପକ୍କା ସହ ନୂତନ ପାଠର ଉପକ୍ରମ, ଉପସ୍ଥାପନା, ବୋଧଜ୍ଞାନ ପରୀକ୍ଷା ଓ ସର୍ବଶେଷରେ ଲବ୍ଧଜ୍ଞାନର ପରୀକ୍ଷା କରଯାଉଥିଲା । ଅଧ୍ୟୟନ, ପାଠାଭ୍ୟାସ ଉପରେ ଗୁରୁତ୍ୱ ଦିଆଯାଉଥିଲା । ଦକ୍ଷତା ହାସଲରେ କୌଣସି ଅସୁବିଧା ହେଲେ, ଛାତ୍ରମାନେ ଶିକ୍ଷକମାନଙ୍କ ସହ ପରାମର୍ଶ କରୁଥିଲେ । ଛାତ୍ର-ଶିକ୍ଷକ ଏକାଠି ବସି ଇଚ୍ଛାନୁସାରେ କବିତା, ଗୀତ, ପ୍ରବନ୍ଧ, ବକ୍ତୃତା ଆଦି ଉପସ୍ଥାପନା କରିବା ପାଇଁ ଛାତ୍ର ମାନେ ସୁବିଧା ପାଉଥିଲେ । ଛାତ୍ରମାନଙ୍କଠାରେ ସଙ୍ଗୀତ, କ୍ରୀଡ଼ା, କସରତ, ନୀତିଶିକ୍ଷା, ଓ ଜନସେବା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ମଧ୍ୟ ଧ୍ୟାନ ଦେଉଥିଲେ । ଅସହାୟ ଲୋକଙ୍କୁ ସେବା ସତ୍ୟବାଦୀ ଶିକ୍ଷାର ଏକ ପ୍ରମୁଖ ଅଂଶ ଥିଲା । ସେବା ଜଣଙ୍କର ସୀମିତ ଆତ୍ମକୁ ଅତିକ୍ରମ କରିବାରେ ସାହାଯ୍ୟ କରେ ଏବଂ ଜଣଙ୍କର ପହଞ୍ଚିବା ଏବଂ ଅଭିବ୍ୟକ୍ତିକୁ ବିସ୍ତାର କରେ । କଲେରା, ମହାମାରୀ, ମରୁଡ଼ି, ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଇତ୍ୟାଦି ସମୟରେ ଅଭାବୀ ଲୋକଙ୍କର ଚିକିତ୍ସା ପାଇଁ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ସାଙ୍ଗରେ ନେଇଥିଲେ । ପୁରୀର ଜଗନ୍ନାଥ ଯାତ୍ରା ସମୟରେ ସତ୍ୟବାଦିର ସ୍ୱେଚ୍ଛାସେବୀମାନେ ରୋଗୀ ଏବଂ ସେବା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଦାରିଦ୍ର୍ୟତାର ବଳୟ ଭିତରେ ଥିବା ଓଡ଼ିଶାର ଜନସାଧାରଣ ମାନଙ୍କର ସେବା କରିବା ପାଇଁ ଶିକ୍ଷା ଦିଆଯାଉଥିଲା । ବିଶେଷ କରି ସ୍ୱାର୍ଥାନ୍ଧତାକୁ ଦୂର କରି ମାନବ ସେବାରେ ନିଜକୁ ନିୟୋଜିତ କରିବା ସହ ଜୀବନକୁ ସରସ ସୁନ୍ଦର ଓ ଉଦାର କରିବା ସତ୍ୟବାଦୀ ଶିକ୍ଷାର ଥିଲା ବିଲକ୍ଷଣତା । ବନବିଦ୍ୟାଳୟର ଭିତ୍ତିଥିଲା ଭାରତୀୟ କିନ୍ତୁ ଶିକ୍ଷା ପାଶ୍ଚାତ୍ୟ ଭାବ ଧାରାରେ ପ୍ରଭାବିତ ହେଉଥିଲା । କେବଳ ସେତିକି ନୁହେଁ ଅଧ୍ୟୟନ ପରିଭ୍ରମଣ ଅଭିଜ୍ଞତା ମାଧ୍ୟମରେ ସର୍ବୋତ୍ତମ ପ୍ରାପ୍ତ ହୁଏ ବୋଲି ଅନୁଭବ କରି ସେଠାର ଶିକ୍ଷକମାନେ ଛାତ୍ରମାନଙ୍କୁ ବହୁ ଅଧ୍ୟୟନ ଭ୍ରମଣରେ ଓଡ଼ିଶାର ଐତିହାସିକ ସମ୍ପୂର୍ଣ୍ଣ ସ୍ଥାନ ଗୁଡ଼ିକ ଯଥା ଜଗନ୍ନାଥ ମନ୍ଦିର, କୋଣାର୍କ ମନ୍ଦିର, ଧଉଳି, ଖଣ୍ଡଗିରି, ଉଦୟଗିରି ଇତ୍ୟାଦି ସ୍ଥାନକୁ ନେଉଥିଲେ । କଳିଙ୍ଗର ସ୍ଥାପତ୍ୟ ଛାତ୍ରମାନଙ୍କୁ ଓଡ଼ିଶାର ପ୍ରାଚୀନ ଚମତ୍କାରିତା ପାଇଁ ଗର୍ବରେ ପରିପୂର୍ଣ୍ଣ କରୁଥିଲା । ଅଶୋକଙ୍କ ଶିଳାନୁଶାସନ, ଖାରବେଳଙ୍କ ରାଜତ୍ୱର ଭାବପ୍ରବଣତା, ବ୍ରିଟିଶ ମାନଙ୍କରଙ୍କ କଠୋର ଅନୁଶାସନ ଗୁଡ଼ିକୁ ହୃଦୟଙ୍ଗମ କରୁଥିଲେ । ସ୍ଥାନ ଗୁଡିକ ଭ୍ରମଣ କରିସାରିବା ପରେ ସ୍ଥାନ ଗୁଡ଼ିକର ବିଶେଷତ୍ୱ ତଥା ଓଡ଼ିଶା ର ଇତିହାସକୁ ନିଜ ନିଜ ଭିତରେ ଦଳବଦ୍ଧ ଭାବେ ଆଲୋଚନା ଓ ପାର୍ଯ୍ୟାଲୋଚନା କରୁଥିଲେ ।କୃଷିଭିତ୍ତିକ ଶିକ୍ଷା କ୍ଷେତ୍ରରେ ମଧ୍ୟ ବକୁଳବନ କୌଣସି ଗୁଣରେ କମ୍ ନଥିଲା । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ପ୍ରାଥମିକ ବିଦ୍ୟାଳୟ ସ୍ତରରେ କୃଷି ଭିତ୍ତିକ ପାଠ୍ୟ କ୍ରମଶଃ ଲୋପ ପାଇଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ କିନ୍ତୁ ସେ ସମୟରେ ସତ୍ୟବାଦୀ ବନ ବିଦ୍ୟାଳୟରେ ଏହା ହୋଇନଥିଲା । କୃଷି ଏବଂ କୃଷି ପାଠ୍ୟକ୍ରମର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା । କହିବାର ଦକ୍ଷତା ବୃଦ୍ଧି କରିବା ପାଇଁ ସେ ସମୟରେ ପ୍ରତ୍ୟେକ ଶନିବାର ଅପରାହ୍ନରେ ଏକ ସଭା ଆୟୋଜନ କରାଯାଉଥିଲା । ଶିକ୍ଷକ ମାନେ ପ୍ରତ୍ୟେକ ଛାତ୍ରଙ୍କୁ ନିଜ ପସନ୍ଦର ବିଷୟ ଉପରେ ଭାଷଣ ଦେବାକୁ ଉତ୍ସାହିତ କରୁଥିଲେ । ଅନେକ ବିତର୍କ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଉଥିଲା । ନେତା ହେବା ପାଇଁ ହେଲେ ଉଚ୍ଚ ସ୍ୱରରେ ଜଣ ସୁ-ବକ୍ତା ହେବା ଦରକାର । ତେଣୁ ଛାତ୍ରମାନଙ୍କୁ ସର୍ବସାଧାରଣ ସମ୍ମୁଖରେ କହିବାର କଳା କୌଶଳ, ଚାତୁରୀ ଅଭିନବ ଉପାୟରେ ଶିକ୍ଷା ଦେଉଥିଲେ ସେ ସମୟର ଶିକ୍ଷକମାନେ । ପ୍ରଧାନଶିକ୍ଷକ ନୀଳକଣ୍ଠ ଦାସ ଶନିବାର ସଭାରେ ମଧ୍ୟ କବିତା ଓ ପ୍ରବନ୍ଧ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଯୋଡ଼ିଥିଲେ । ବିଦ୍ୟାଳୟ ପାଠ୍ୟକ୍ରମରେ ଇତିହାସର ସୀମିତ ପରିସର ଏବଂ ବ୍ରିଟିଶ ଶାସନର ସର୍ବୋଚ୍ଚ ଆଦର୍ଶବାଦୀ ମୂଳଦୁଆ ପକାଇବା ଓ ଭାରତର ଗୌରବମୟ ଅତୀତକୁ ବୁଝିବା ପାଇଁ ଇତିହାସ ଶିକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା ।

ମହାପୁରୁଷମାନଙ୍କର ଶିକ୍ଷା ପ୍ରତି ଅବଦାନ ସଦୃଶ ଏହି ମଣିଷ ତିଆରି କାରଖାନାଟି ଓଡ଼ିଆ ଜାତି ତଥା ଭାରତ ବର୍ଷର ପ୍ରଥମ ମୁକ୍ତ ବିଦ୍ୟାଳୟ । ଏହାର ପ୍ରତିଷ୍ଠା ଓ ପ୍ରଭାବ ଶିକ୍ଷା କ୍ଷେତ୍ରରେ ଭାରତରେ ଖୁବ ଆଲୋଡନ ସୃଷ୍ଟି କରିଥିଲା । ଓଡ଼ିଆ ଜାତି ପାଇଁ ଏହା ଏକ ଗର୍ବ ଓ ଗୌରବ । ଏକ ଅନନ୍ୟ ବିଦ୍ୟାଳୟ; ବନବିଦ୍ୟାଳୟ । ଦୀର୍ଘ ଏକ ଶତାବ୍ଦୀ ବର୍ଷ ତଳୁ ଓଡ଼ିଶାରେ ଏମିତି ଏକ ବିଦ୍ୟାଳୟ ଥିଲା ଯେଉଁଥିରେ ଓଡ଼ିଶାର ଉଚ୍ଚଶିକ୍ଷିତ, ବାଗ୍ମୀ, ସୁ-ଲେଖକ, ପ୍ରାବନ୍ଧିକ, ଗବେଷକ, ତଥା ସାହିତ୍ୟ ସମ୍ପନ୍ନ ବ୍ୟକ୍ତି ଶିକ୍ଷକତା କରିଥିଲେ । ବନ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାବ୍ୟ, କବିତା, ପ୍ରବନ୍ଧ, ତଥା ପ୍ରାଣପାଚୁର୍ଯ୍ୟ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ସାହିତ୍ୟ ସମାଲୋଚନା ସହ ପାଣ୍ଡିତ୍ୟ, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ କୋମଳ କବିଶକ୍ତି, ଅଧ୍ୟାପନାର ମୌଳିକ ଚାତୁରୀ, ଶିଷ୍ୟପ୍ରାଣତା, ଆଧୁନିକ ବ୍ୟାପକ ଦୃଷ୍ଟି ପରିସର, ଅର୍ଥନୀତି, ସ୍ୱାସ୍ଥ୍ୟରକ୍ଷା, ନାଟକ, କୃପାସିନ୍ଧୁ ମିଶ୍ରଙ୍କ ଐତିହାସିକ, ଦାର୍ଶନିକ ପ୍ରବନ୍ଧ, ଅଖଣ୍ଡ ସହଯୋଗ, ତଥା ଆଚାର୍ଯ୍ୟ ହରିହରଙ୍କ ସାହିତ୍ୟ ସଙ୍କଳନ, ଋଷି ପ୍ରାଣତା, ନିର୍ମଳ କର୍ତ୍ତବ୍ୟନିଷ୍ଠା, ପଣ୍ଡିତ ବାସୁଦେବଙ୍କ ଆଧାତ୍ମିକ ଭାବପ୍ରବଣତା ଓ ନୀରବ କର୍ମନିଷ୍ଠା ଗୁଡ଼ିକ ବିଦ୍ୟାଳୟକୁ ଅନନ୍ୟ ପରିଚୟ ଦେଇଥିଲା ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ହକି ବିଶ୍ୱକପ : ନବବଧୂ ରାଉରକେଲା



ଡ. ଦୀପ୍ତିମୟୀ ବେହେରା

୨୦୨୩କୁ ନେଇ ଚାଲିଛି ଜୋରଦାର ଚର୍ଚ୍ଚା । ୧୬ଟି ଦେଶର ଖେଳାଳୀଙ୍କୁ ନେଇ ହକି ବିଶ୍ୱକପର ପ୍ରସ୍ତୁତି । ଅଷ୍ଟ୍ରେଲିଆ, ମାଲେସିଆ ଓ ବେଲଜିୟମ ପରି ଦେଶକୁ ପଛରେ ପକାଇ ଆର୍ଯ୍ୟଭୂମି ଭାରତ ଆୟୋଜନ କରୁଛି ୨୦୨୩ ହକି ବିଶ୍ୱକପ । ଏହାର ପ୍ରାୟୋଜକ ହେଉଛି ରତ୍ନଗର୍ଭା ଓଡ଼ିଶା । ଦେଶର ସର୍ବବୃହତ ହକି ଷ୍ଟାଡିଅମଭାବେ ରାଉରକେଲା 'ବିର୍ସା ମୁଣ୍ଡା ହକି ଷ୍ଟାଡିଅମ'ର ଚେହେରା ଆଜି ବିଶ୍ୱବିଖ୍ୟାତ ହେବାକୁ ଯାଉଛି । ସେଥିପାଇଁ ଅନେକ ସମ୍ଭାବନା ଓ ଉନ୍ମାଦନା ଭିତରେ ହକିକୁ ନେଇ ଓଡ଼ିଶା ଆଜି ଶୀର୍ଷରେ ପହଞ୍ଚିବା ସହିତ ରାଉରକେଲା ସହର ହକିର ସହର ଭାବେ ହୋଇପଡ଼ିଛି ବେଶ ଚର୍ଚ୍ଚିତ ।

ନୂତନ ବର୍ଷ କ୍ରୀଡ଼ାପ୍ରେମୀଙ୍କ ପାଇଁ ଆଣି ଦେଇଛି ଏକ ସୁନ୍ଦର ଆକର୍ଷଣୀୟ ଉପହାର ସ୍ୱରୂପ ବିଶ୍ୱକପ ହକି । ମିଠାମିଠା ଆଶା, ଭିଜାଭିଜା ସ୍ୱପ୍ନ, ଅସୁମାରୀ ସମ୍ଭାବନାର ପଣତକାନିରେ ସୁନେଲି କିରଣ ବିଛାଡ଼ି ହୋଇ କ୍ରୀଡ଼ାଜଗତକୁ କରିଛି ଉତ୍ସବମୁଖର । ରାଉରକେଲାର ରୂପ ହୋଇଛି ନବକଳେବର । ୨୦୨୩ ଜାନୁଆରୀ ୧୩ରୁ ଖେଳ ଆରମ୍ଭ ହୋଇ ୨୯ ଜାନୁଆରୀ ପର୍ଯ୍ୟନ୍ତ ଚାଲୁ ରହିବ । ରାଉରକେଲାରେ ମୋଟ ୨୦ଟି ମ୍ୟାଚ ଖେଳାଯିବ । ତେଣୁ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିସାରିଛି ବିଶ୍ୱକପ ହକିର ପ୍ରସ୍ତୁତି ପର୍ବ । ବଦଳି ଯାଇଛି ଇସ୍ପାତ ନଗରୀ ରାଉରକେଲାର ରୂପ ରଙ୍ଗ । ନୂତନ ଚେହେରାରେ ସଜେଇ ହୋଇ କରିଛି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ । ସହରର କୋଣ ଅନୁକୋଣରେ ବିଛାଡି ହୋଇପଡ଼ିଛି ଇନ୍ଦ୍ରଧନୁର ସପ୍ତରଙ୍ଗ । ସବୁଠି ଦେଖିବାକୁ ମିଳୁଛି ବିକାଶର ଝଲକ । ଅହେତୁକ ଆଗ୍ରହ ଓ ଉତ୍କଣ୍ଠାର ସହ ଅପେକ୍ଷାରତ କ୍ରୀଡ଼ାପ୍ରେମୀ । ଏସବୁର ଶ୍ରେୟ ଦିଆଯାଉଛି ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କୁ କାରଣ ଟୋକିଓ ଅଲମ୍ପିକସରେ ଭାରତୀୟ ହକି ଦଳର ସ୍ମରଣୀୟ ତଥା ଚମତ୍କାର ପ୍ରଦର୍ଶନ ଓ ସଫଳତା ବାଟ କଢ଼େଇ ଦେଇଥିଲା ବିଶ୍ୱକପ ହକିର ଆୟୋଜନ ପାଇଁ । ସତେ ଯେପରି ହଜିଯାଉଥିବା ହକିଖେଳ ପାଇଯାଇଛି ପୁନର୍ଜନ୍ମ । ସମସ୍ତଙ୍କ ଉତ୍ସାହ ଆଗ୍ରହ ସହ ଓଡ଼ିଶା ସରକାରଙ୍କ ସାହାଯ୍ୟ, ସହଯୋଗ ଓ ପ୍ରୋତ୍ସାହନ ଫଳରେ ଆଜି ଓଡ଼ିଶା ମାଟିରେ ଦ୍ୱିତୀୟ ଥର ପାଇଁ ହକି ବିଶ୍ୱକପ ଖେଳର ଆୟୋଜନ ହେବାକୁ ଯାଉଛି । ଯାହାଫଳରେ ମନ୍ଦିର ମାଳିନୀ ଭୁବନେଶ୍ୱରଠାରେ ଦ୍ୱିତୀୟ ଥର ଓ ସୁନ୍ଦରୀ ତରୁଣୀ ରାଉରକେଲାଠାରେ ପ୍ରଥମ ଥର ପାଇଁ ବିଶ୍ୱ ହକିକପର ଆୟୋଜନ କରାଯାଉଛି ।

ନବବଧୂ ପରି ସଜେଇ ହୋଇଛି ରାଉରକେଲା ସହର । ଯିଏ ଦେଖୁଛି ସିଏ ତା ପ୍ରେମରେ ପଡ଼ି ଯାଉଛି । କାହିଁକିନା, ସାଜସଜ୍ଜାର ନୂତନ ପରିପାଟୀର ଆକର୍ଷଣୀୟ ରୂପ ଲାବଣ୍ୟରେ ଶୋଭା ପାଉଛି ସ୍ମାର୍ଟ ସିଟି । ନବନିର୍ମିତ ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ ସହ ହନୁମାନବାଟିକା ଛକ, କଳିଙ୍ଗ ବିହାର, ଛେଣ୍ଡ , ସାରନା ଛକ, ପାୱାରହାଉସ ରୋଡ଼, ସିଭିଲଟାଉନସିପ, ପାନପୋଷ ଛକ, ହକି ଛକ, ପ୍ଲାଣ୍ଟ ସାଇଟ ରୋଡ଼ ଇତ୍ୟାଦି ଛକ ମାନଙ୍କରେ ଭରି ରହିଛି ନୂତନ ପରିକଳ୍ପନାର ଚିତ୍ର । ଦେଖିଲେ ଲାଗୁଛି ସତେ ଯେପରି ମାଟି,ପାଣି ପବନ କଥା କହିବାକୁ ପ୍ରୟାସ ଜାରି ରଖିଛନ୍ତି ଯାହାକୁ ଦେଖିଲେ ଆଖି ଖୋସି ହୋଇଯାଉଛି ।

ହକିମୟ ପରିବେଶ ଭିତରେ ସବୁଠି ଦେଖିବାକୁ ମିଳୁଛି ବିକାଶର ଝଲକ । ବାରି ହୋଇପଡୁଛି କଳା, ସଂସ୍କୃତି, ଭାସ୍କର୍ଯ୍ୟ, ପରମ୍ପରା ତଥା ଉନ୍ନତ କାରିଗରୀ କୌଶଳର ସୁନ୍ଦର ନିଦର୍ଶନ । କାଠୁରିଆ ଶୀତର ପ୍ରକୋପ ଭିତରେ ହକି ବିଶ୍ୱକପର ଉଷ୍ମତା ସହରବାସୀଙ୍କୁ କରିଛି ମତୁଆଲା ଯାହାର ମହମହ ବାସ୍ନାରେ ଓ ସଂଗୀତର ମୂର୍ଚ୍ଛନାରେ ହକିପ୍ରେମୀ ଝୁମୁଛନ୍ତି, ହଜୁଛନ୍ତି, ମଜୁଛନ୍ତି ଓ ରଙ୍ଗୀନ ସ୍ୱପ୍ନରେ ବିଭୋର ହେଉଛନ୍ତି ।

ହକିର ଗଡ଼ ସୁନ୍ଦରଗଡ଼ । ଏହି ଗଡ଼ରେ ଯୋଡ଼ି ହେବାକୁ ଯାଉଛି ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ଯାହାକି ସମଗ୍ର ବିଶ୍ୱରେ ସର୍ବବୃହତ ହକି ଷ୍ଟାଡିଅମକୁ ୫ ଜାନୁଆରୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ତେଣୁ ରାଉରକେଲା ସହର ଏବେ ପୂର୍ଣ୍ଣମାତ୍ରାରେ ଚଳଚଞ୍ଚଳ । ଯାହାକି ଖାଲି ଓଡ଼ିଶାରେ ନୁହେଁ ବରଂ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଦାବିଦାର ହୋଇପାରିଛି ।

ସ୍ୱପ୍ନିଳ ହକିମୟ ପରିବେଶରେ ମହକି ଉଠୁଛି ଇସ୍ପାତ ନଗରୀ । ଶ୍ରୀହୀନ ଅବସ୍ଥାରେ ପଡ଼ି ରହିଥିବା ସ୍ଥାନଗୁଡ଼ିକ ଆଜି ଆଖି ଝଲସିଲା ପରି ସାଜସଜ୍ଜାରେ ସଜେଇ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି । ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ରଙ୍ଗୀନ ଆଲୋକମାଳାରେ ଭରପୂର ମନୋରଞ୍ଜନ ଦେବାକୁ ଯେପରି ପ୍ରତିଶ୍ରୁତିବଦ୍ଧ ହୋଇଛି ଏହି ହକି ବିଶ୍ୱକପ ।

ସମଗ୍ର ବିଶ୍ୱର ନଜର ଏବେ ରହିଛି ସୁନ୍ଦରୀ ରାଉରକେଲା ଉପରେ । ସମସ୍ତଙ୍କୁ କିମିଆ କରି ରଖିଛି ଏହି ହକି ପ୍ରେମ । ସେଥିପାଇଁ ଯୁବଗୋଷ୍ଠୀ ବିଶାଳ ସାଇକେଲ ଶୋଭାଯାତ୍ରାରେ ରାଉରକେଲାରୁ ବାହାରି ରାଜଧାନୀ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ଏପରି ଉତ୍ସାହ, ଉଦ୍ଦୀପନା ଓ ଅହେତୁକ ଉତ୍କଣ୍ଠାକୁ ଦେଖିଲେ ଲାଗୁଛି ସତେ କି ମନୁଷ୍ୟ ପାଇଁ ସବୁକିଛି ସ୍ୱର୍ଗସୁଖ ହାତ ପାହାନ୍ତାକୁ ଆସିବାକୁ ଯାଉଛି, ଯାହାକୁ ନେଇ ଏତେ ସବୁ ବିକାଶମୂଳକ ଯୋଜନା ।

ଖାଲି ଦେଖିବାକୁ ବାକି ରହିଲା କାହା ମୁଣ୍ଡରେ ହାତୀ ସୁନା କଳସ ଢାଳୁଛି ଆଉ ବିଶ୍ୱ ବିଜେତାର ମୁକୁଟ ପିନ୍ଧି କେଉଁ ଦଳ ନିଜ ଦେଶର ନାମକୁ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣିଭ ଅକ୍ଷରରେ ଲିପିବଦ୍ଧ କରୁଛି । ଯାହାବିହେଉ କ୍ରୀଡ଼ା ଭିତ୍ତିଭୂମିର ବିକାଶକୁ ଦେଖି ଲାଗୁଛି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅବଦାନ ଅତୁଳନୀୟ । ଏହିପରି ମିଳିତ ସହଯୋଗ ରହିଲେ ରାଜ୍ୟ ତଥା ଦେଶର ଉନ୍ନତି ଖୁବ ଶୀର୍ଷରେ ପହଞ୍ଚି ପାରିବ, ଏହା ନିଃସନ୍ଦେହରେ କୁହାଯାଇପାରେ ।


କୋଏଲ ନଗର, ରାଉରକେଲା
ମୋ: ୭୫୦୪୮୭୭୫୧୭


## କବିତା କୋଣାର୍କ

### କେତେ ଦୁଃଖ ଲେଖିଛ ମୋ କପାଳେ ?

ଅନନ୍ତ କୁମାର

କେତେ ଦୁଃଖ ଲେଖିଛୁରେ କାଳିଆ
ଏ ଅଧମର ଭାଗ୍ୟେ
କେତେ ଲୁହ ଭରିଛୁରେ କାଳିଆ
ଏ ଦୀନହୀନ ନୟନେ,

ଦୁଃଖ ଭୋଗି ଭୋଗି ଥକି ଗଲିଣି
ସହିବାକୁ ଶକ୍ତି ନାହିଁ ।
ଲୁହ ଝରି ଝରି ଆଖି ଶୁଖି ଗଲାଣି
ଝରିବାକୁ ଲୁହ ନାହିଁ ।

ସଞ୍ଜରୁ ସକାଳ କେତେ ଗୁହାରି
କରିବି
ତ ଆଗେ ମଥା ପିଟି
ଦିବସରୁ ନିଶି କେତେ ଲୁହ ଝରାଇବି
ତ ପାଦ ତଳେ ବସି ।

ଏତେ ଡାକି ଡାକି ଯଦି ରହିଲି ଦୁଃଖୀ
କି ପାଇଁ ଆଉ ତତେ ଡାକିବି ।
ଏତେ ଝୁରି ଝୁରି ଯଦି ନ ଦେଲୁ ଖୁସି
କି ପାଇଁ ଆଉ ତତେ ଝୁରିବି ।

ଦୁଃଖ ଯଦି ଲେଖା ମୋ କପାଳେ
ଭୋଗିବି ସବୁ ଜନମେ ।
କାନ୍ଦିବା ଯଦି ଲେଖା ମୋ ଭାଗ୍ୟରେ
କାନ୍ଦୁଥିବି ସବୁ ଦିନେ ।

ଦୋଷ କେବେ ଦେବି ନାହିଁ କାଳିଆ
ଦୁଃଖ ମୋର ଲାଘବ କଲନି ବୋଲି ।
ଅଭିମାନ କେବେ କରିବି ନାହିଁ
ଓଠେ ହସ ଟିକେ ଦେଲ ନାହିଁ
ବୋଲି ।


କାର୍ଯ୍ୟକାରୀ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ
ମୋ: ୮୩୩୯୯୩୯୯୨୯


### କଳ୍ପନା ଗୋ

ଧ୍ରୁବ ଚରଣ ବେହେରା

ନବନିତା ପରି ଉପମା ଶୃଙ୍ଗାର
ବାଢଇ ସୁଷମା ଛଇ
ତୁମ ରୂପ ଲାଗେ ସରଗ ଚାନ୍ଦିନୀ
ସରସୀର ପ୍ରୀତି କଇଁ ।

ଲବଣ୍ୟତା ଭରା ରୂପ ଅପସରା
ଝଲମଲ୍ଲୀ ସୁନାଗୋରୀ
ରୂପ ମଞ୍ଜୁବାଳା ଶୃଙ୍ଗାର ଚଞ୍ଚଳା
ମଧୁମତୀ ଅପସରୀ ।

କେଶ ବିନ୍ୟାସର କି ଦେବି ଉପମା
ସତେ ଘନକେଶୀ ବାଳା
ଚହଟ ଚାନ୍ଦିନୀ ରାଜନନ୍ଦିନୀ ଗୋ
ପ୍ରେୟସୀ ଶୋଭିତା କଳା ।

ପାଟ ବସନରେ ଲାଗୁଥାଅ ରାଣୀ
ରମଣୀ ଗଜଗାମିନୀ
ଯେତେ ଦେଖୁଥିଲେ ରୂପ ଲାବଣ୍ୟତା
ଦିଶ ଭାରି ଅଭିମାନୀ ।

ଲାଜକୁଳି ପରି ଲାଜେଇ ପ୍ରେୟସୀ
ଲାଜେ ଲାଜେ ଯାଏ ଲୁଚି
କେବେ ଦେଖା ଦିଅ କେବେ ଲୁଚି
ଯାଅ
ମେଘ କୋଳେ ଯେହ୍ନେ ଶଶୀ ।

କୋମଳ ଓଠରେ ଚୁମ୍ବନ ଭରିଛି
ଫଗୁଣର ବାସେ ଥାଇ
ମଧୁଝରା ତୁମ ବାକ୍ୟ ସ୍ଫୁରି ଗଲେ
ରାଗିଣୀ ବର୍ଷା ବର୍ଷଇ ।

ମିଠା ମିଠା ତୁମ ଚୁନା ଚୁନା ହସୁ
ମଧୁଝରେ ଅହରହ
ଦିଶୁଥାଅ ସତେ ପ୍ରେୟସୀ ମାଧୁରୀ
କବି ଭାବନାର ମୋହ ।

ଦେଖିଲେ ତୁମର ଶୋଭାମୟୀ ଶିରୀ
ହୃଦୟୁ କବିତା ଝରେ
ଲେଖି ଦିଏ କେତେ କଥା ଭାବି ଭାବି
ରୂପର ସ୍ମୃତି ସାଗରେ ।

ଦେଖିଥିବି ନିତି ମନ ଆଇନାରେ
ନାୟିକାର ସ୍ଥାନ ଦେଇ
ମୋ ମନ କାହାଣୀ ଦେବି ଗୋ
ବଖାଣି
ସୃଜନୀର ଧାରା ବହି ।

ସରଗରୁ ମାଗି ଶୀତଳ ଚାନ୍ଦିନୀ
ଭିଜାଇବି ଅଭିସାର
ହସୁଥିବ ଜହ୍ନ ହସିବ ଚାନ୍ଦିନୀ
ନୀରବି ଯିବ ସାଗର ।

ବୁଝି ପାରୁଥିବ ମୋ ମନର ଭାଷା
ସାଥୀ ତୁମେ ରହି ଦୂରେ
ଲେଖୁଛି ଲେଖିବି କାବ୍ୟ ଅଳଙ୍କାର
ଭାବି ମନ କଲମରେ ।


ଭାରତୀୟ ସାମରିକ ସେବା
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ:୮୩୨୮୯୩୦୫୫୪


### ସାଧବ ପୁଅ

ସଞ୍ଜୟ ସନ୍ଧିବିଗ୍ରହ

ସାଧବ ପୁଅରେ ସାଧବ ପୁଅ
ଶୋଇକି ପଡିଚୁ ତୁହି
ମନେ ପଡୁନାହିଁ ଅତୀତ ତୋର
ଯିବୁ ତୁ ବୋଇତ ନେଇ ।

ସିଂହଳ ଅଗଧ ଜାଭାଦ୍ୱୀପ ପରି
ଅନେକ ରାଇଜ ଯାଇ
ଓଡ଼ିଶାକୁ ପୁଣି ସମୃଦ୍ଧି କରିବୁ
ଉଚ୍ଛୁର କଅଣ ପାଇଁ ।

ଇତିହାସ ତୋର ଲେଖାଅଛି ପରା
ନୀଳ ଜଳଧର ଚହଲା ଜଳେ
ଅଲିଭା ସ୍ମୃତିଟି ସାଇତି ରଖିଛି
ଓଡ଼ିଆ ବଧୂର ଓଢ଼ନୀ ତଳେ ।

ଉତ୍କଳୀୟ କୀର୍ତ୍ତି ଆମରି ଗରବ
ଯିବାନି ଆମେ ତ ଭୂଲି
ଓଡ଼ିଶା ମାଟିର ଯୋଗ୍ୟ ସନ୍ତାନ
ଆମେ ତ ଓଡ଼ିଆ ବୋଲି ।

ଧନ୍ୟ ଏ ମାଟି ସୁଜଳା ସୁଫଳା
ରହି ଥାଉ ଟେକ ତୋର
ଝୁରେ ତୋ ପାଇଁ ଓଡ଼ିଶାର ମାଟି
ଏହି ତୋର ପୁରସ୍କାର
ଏହି ତୋର ପୁରସ୍କାର ।


ଅଡ଼ାଳପଙ୍କ, ବନ୍ତ,
ଭଦ୍ରକ-୭୫୬୧୧୪


### ଲଢ଼ିବା ପାଇଁ ଜନମ ମୋର

କୁନା ସେଠୀ

ଲଢୁଛି ଲଢ଼ିବି ନ ପାତି ଶୀର
ଅଟେ ମୁହିଁ ପରା ଭାରତ ବୀର
ଶତ୍ରୁ ଯେତେ ମୁହିଁ କରିବି ଚୂର
ଲଢ଼ିବା ପାଇଁ ଯେ ଜନମ ମୋର ।

ହିମାଳୟ ଶୀତ ନାହିଁ ମୋ ଡର
ବରଫରେ ବାସ ଅଟେ ମୋହର
ଖରା ବରଷାରେ ମୋ ହତିଆର
ଲଢ଼ିବା ପାଇଁ ଯେ ସଦା ତୟାର ।

ବନ୍ଧୁକ ଗୁଳି ଯେ ସାଥି ମୋହର
ସେନା ପୋଷାକରେ ମୁହିଁ ସୁନ୍ଦର
ଶୋଭା ପାଏ ଟୋପି ମୋର ମଥାର
ଲଢ଼ିବା ପାଇଁ ଯେ ଜନମ ମୋର ।

ଜୀବନ ଟା ମୋର ଅଟେ ମାଆର
ପାଣି ଛଡ଼ାଇଛି ତା ନିକଟର
ଶତ୍ରୁ ସହ ଲଢ଼ି ଟେକିବି ଶୀର
ଲଢ଼ିବା ପାଇଁ ଯେ ଜନମ ମୋର ।

ଯୁଦ୍ଧ ଭୂଇଁ ମୋର ଅଟଇ ଘର
ସେହି ଘରେ ପରା ମୋ କାରବାର
ବଳୁଆ ମାନଙ୍କୁ କରଇ ଚୁର
ଲଢ଼ିବା ପାଇଁ ଯେ ଜନମ ମୋର ।

ତ୍ରିରଙ୍ଗା ପତାକା ହାତରେ ମୋର
ଶୋଭା ପାଇଁ ଥାଏ ମୋର ଦେହର
ନୁହେଁ ପରା ଭାଇ ମୁହିଁ କାହାର
ଲଢ଼ିବା ପାଇଁ ଯେ ଜନମ ମୋର ।


ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଞ୍ଜାମ

# ନୈସର୍ଗିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ 'ଚାଙ୍ଗଲାଙ୍ଗ୍'



ଯଦି ଆପଣ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଐତିହାସିକ ଜାଗା ଭ୍ରମଣ କରିବାକୁ ଚାହୁଁଛନ୍ତି, ତା ହେଲେ ଅରୁଣାଚଳପ୍ରଦେଶସ୍ଥିତ 'ଚାଙ୍ଗଲାଙ୍ଗ' ପ୍ରକୃଷ୍ଟ ସ୍ଥାନ। ପ୍ରକୃତି କୋଳରେ ବସିଥିବା ଏହି ଗାଁ ନୈସର୍ଗିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ଏଠାକୁ ଥରେ ବୁଲି ଆସିଲେ, ପାହାଡ, ଘଞ୍ଚ ଜଙ୍ଗଲ ମଧରେ ମାଇଲି ମାଇଲି ଦୂର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥବା ପର୍ବତ ଶୃଙ୍ଖଳାକୁ ଦେଖି ଆପଣ ସବୁ ଚିନ୍ତା ଭୁଲିଯିବେ।

କ'ଣ ଦେଖିବେ: ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପ୍ରାଣ ହରାଇଥିବା ସୈନିକମାନଙ୍କର ଏଠାରେ କବରସ୍ଥାନ ରହିଛି। ଯାହାକି 'ଜୟରାମପୁର କବରସ୍ଥାନ' ନାମରେ ପରିଚିତ। ଏଠାରେ ପହଞ୍ଚି ଆପଣ ଉକ୍ତ ଯୁଦ୍ଧର ବିଭୀଷିକାକୁ ମଧ ହୃଦୟଙ୍ଗମ କରିପାରିବେ।



ଚାଙ୍ଗଲାଙ୍ଗରେ ଏକ ନ୍ୟାସନାଲ ପାର୍କ ରହିଛି। ଯେଉଁଠାରେ ଆପଣ ବାଘଠୁ ଆରମ୍ଭ କରି ହିମାଳୟ ଭାଲୁ. ବିଭିନ୍ନ ପ୍ରଜାତିର ଜୀବଜନ୍ତୁ, ଭଳିକି ଭଳି ବୃକ୍ଷରାଜି ମଧ ଦେଖି ପାରିବେ। ଏଠାରେ ଥିବା ନୋଆ-ଦେହିଙ୍ଗ ନଦୀ କୂଳରେ ତିବତଙ୍କ ବସତି ରହିଛି। ତେଣୁ ଆପଣ ଏଠାକୁ ବୁଲି ଆସିଥିଲେ, ସେମାନଙ୍କଠାରୁ ଶୀତ ବସ୍ତ୍ର ନେବାକୁ ଭୁଲନ୍ତୁ ନାହିଁ।

ଚାଙ୍ଗଲାଙ୍ଗରେ ଥିବା ଏକ ହ୍ରଦର ନାଁ ' ଲେକ୍ ଅଫ୍ ନୋ ରିଟର୍ନ'। ଏଠାକୁ ଆସୁଥିବା ପର୍ଯ୍ୟଟକ ଏହି ହ୍ରଦ ବୁଲି ଯିବାକୁ ଭୁଲନ୍ତି ନାହିଁ। ଏହାର ନାମକରଣ ପଛରେ ରହିଛି ଏକ ବିଶେଷତ୍ୱ। କୁହାଯାଏ , ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏଠାରେ ଏକ ପ୍ଲେନ ଅବତରଣ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଯାଇଥିଲା। ଫଳରେ ସେଥିରେ ଥିବା ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ତେଣୁ ଏହି ହ୍ରଦର ଏପରି ନାମକରଣ ହୋଇଛି। ଏହାର ଅର୍ଥ ଏହା ଏପରି ଏକ ହ୍ରଦ ଯେଉଁଠିକି ଥରେ ଆସିଲେ କେହି ଫେରନ୍ତି ନାହିଁ।

### କିପରି ଯିବେ:

ଚାଙ୍ଗଲାଙ୍ଗରେ ପହଞ୍ଚିବାକୁ ଆପଣ ଆକାଶମାର୍ଗ, ରେଳପଥ କିମ୍ବା ସଡକ ପଥ ବାଛି ପାରିବେ। ଆପଣ ଦିଲ୍ଲୀରୁ ଏଠାକୁ ଯିବାକୁ ଚାହୁଁଥିଲେ ରେଳପଥରେ ୫୦ ଘଣ୍ଟା ଯାତ୍ରା କରିବାକୁ ପଡିବ। ଏହାର ନିକଟତମ ଏୟାରପୋର୍ଟ ହେଉଛି ଆସାମର ମୋହନବାଡି। ଏହା ଚାଙ୍ଗଲାଙ୍ଗଠାରୁ ୧୮୨ କି.ମି. ଦୂରରେ ସ୍ଥିତ। ଏଠାରୁ ଆପଣ ବସ୍ ଯୋଗେ ନଚେତ ଟ୍ୟାକ୍ସି ରିଜର୍ଭ କରି ଯାଇ ପାରିବେ। ଯଦି ଆପଣ ଟ୍ରେନରେ ଯିବାକୁ ଚାହିଁଛନ୍ତି ତା ହେଲେ ନିକଟତମ ରେଳଷ୍ଟେଶନ ହେଉଛି ଆସାମର ତିନସୁକିୟା। ଏହା ସହରଠାରୁ ପ୍ରାୟ ୧୪୧ କି.ମି ଦୂରରେ ସ୍ଥିତ। ଆପଣ ବସ୍‌ରେ ବି ଗନ୍ତବ୍ୟ ସ୍ଥଳକୁ ଯାଇ ପାରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଆପଣ ବର୍ଷର ଯେକୌଣସି ସମୟରେ ଏଠାକୁ ଯାଇ ପ୍ରକୃତି କୋଳିରେ ନିଜକୁ ହଜାଇ ପାରିବେ।



## ଶୀତ ଦିନେ ପାଟିରୁ କାହିଁକି ବାହାରିଥାଏ ଧୂଆଁ: ଜାଣନ୍ତୁ ଏହା ପଛର କାରଣ



ବର୍ତ୍ତମାନ ଶୀତ ଋତୁ ଆସିଛି, ଏହି ଋତୁରେ କାକର, କୁହୁଡି ଭଳି ଅନେକ ପରିବର୍ତ୍ତନ ଦେଖାଯାଏ । ଆକାଶରେ ଘନ କୁହୁଡି ରହିଥାଏ ତେଣୁ ଅନେକ ସମୟରେ ଦିନ ମଧ ରାତି ଭଳି ଲାଗେ । କାରଣ ଅଧିକ ଶୀତରେ ସୂର୍ଯ୍ୟ କିରଣ ମଧ ଦେଖାଯାଏ ନାହିଁ, ତାପମାତ୍ରା ହ୍ରାସ ହେବା ସହିତ ଲୋକଙ୍କ ପାଟିରୁ ଧୂଆଁ ବାହାରିବା ଆରମ୍ଭ କରେ । କିନ୍ତୁ ଆପଣ କେବେ ଚିନ୍ତା କରିଛନ୍ତି କି ଥଣ୍ଡା ହେବା ମାତ୍ରେ କାହିଁକି ପାଟିରୁ ଧୂଆଁ ବାହାରିବା ଆରମ୍ଭ କରେ ? ଏହି ଧୂଆଁ କେଉଁଠାରୁ ଆସେ ? ଯେତେବେଳେ କି ଗ୍ରୀଷ୍ମ ଋତୁରେ ଏହା ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇଯାଏ । ତେବେ ଜାଣନ୍ତୁ ଏହି ପ୍ରକ୍ରିୟା କାହିଁକି ହୁଏ ? ଆମେ ସମସ୍ତେ ଜାଣିଛୁ ଯେ ଆମ ଶରୀରରେ ୭୦% ଜଳ ରହିଥାଏ ଏବଂ ଆମର ଫୁସଫୁସ ବାୟୁରେ ପରିପୂର୍ଣ୍ଣ ରହିଥାଏ । ଆମ ଫୁସଫୁସରେ ରହିଥିବା ବାୟୁ ବାଷ୍ପ ଆକାରରେ ରହିଥାଏ । ଏହା ଆମ ଶରୀରର ତାପମାତ୍ରା ସହିତ ସମାନ ତାପମାତ୍ରାରେ ରହିଥାଏ, ଥଣ୍ଡା ହାୱା ଅଧିକ ଆର୍ଦ୍ରତା ଧାରଣ କରିପାରେ ନାହିଁ ଯେତେବେଳେ ଗରମ ହାୱା ଆର୍ଦ୍ରତା ଧାରଣ କରିଥାଏ । ଏହି କାରଣ ହେଉଛି ଯେତେବେଳେ ଆମେ ଶୀତଦିନେ ନିଶ୍ୱାସ ଛାଡୁ, ଶୀତଳ ବାୟୁ ଏହାର ତାପମାତ୍ରାକୁ ଅତି ଶୀଘ୍ର ହ୍ରାସ କରିଥାଏ ଏବଂ ଏହା ତୁରନ୍ତ କାକର ବିନ୍ଦୁରେ ପରିବର୍ତ୍ତନ ହୋଇଥାଏ । ଫୁସଫୁସରେ ଥିବା ବାୟୁ ବାଷ୍ପ ପରିବର୍ତ୍ତେ ଜଳ ହୋଇଯାଏ । ଏହି ପ୍ରକ୍ରିୟାକୁ କଣ୍ଡେସେସନ୍ କୁହାଯାଏ । କାରଣ କାକର ବିନ୍ଦୁରେ ପହଞ୍ଚିବା ପରେ ବାଷ୍ପ ତରଳ ରୂପରେ ପରିଣତ ହୁଏ ଏବଂ ଏହା ବହୁତ ଛୋଟ ବୁନ୍ଦା ର ରୂପ ନେଇଥାଏ । ଏଗୁଡ଼ିକ ହେଉଛି ସେହି ଛୋଟ ବୁନ୍ଦା ଯାହା ଆମକୁ ଧୂଆଁ ଭଳି ଦେଖାଯାଏ, ଯାହା ଆମ ପାଟିରୁ ବାହାରି ଆସେ । ଏହି ପ୍ରକ୍ରିୟା ଏତେ ଶୀଘ୍ର ଘଟେ ଯେ ଆମେ ଅନୁଭବ କରୁ ପାଟିରୁ ଧୂଆଁ ବାହାରକୁ ଆସୁଛି । ବିଶେଷଜ୍ଞଙ୍କ ଅନୁଯାୟୀ, ଗ୍ରୀଷ୍ମ ସମୟରେ ବାୟୁମଣ୍ଡଳର ତାପମାତ୍ରା ଅଧିକ ହୋଇଯାଏ, ଏହି କାରଣରୁ, ଯେତେବେଳେ ଆମେ ଗ୍ରୀଷ୍ମ ଋତୁରେ ନିଶ୍ୱାସ ପ୍ରଶ୍ୱାସ ନେଇଥାଉ, ଏହା ଆର୍ଦ୍ର ଅବସ୍ଥାରେ ରହିଥାଏ । ଯେଉଁଥିରୁ ପାଟିରୁ ନିଶ୍ୱାସ ନେବାବେଳେ ଧୂଆଁ ବାହାରକୁ ଆସେ ନାହିଁ ।

## ଆଫ୍ରିକାରେ ନୁହେଁ, ଭାରତରେ ହୋଇଥିଲା ଆଦିମାନବର ବିକାଶ: ସାମ୍ନାକୁ ଆସିଲା ରିସର୍ଚ୍ଚ ତଥ୍ୟ

ମାନବ ସଭ୍ୟତାର ଉତ୍ପତ୍ତିସ୍ଥଳ କେନ୍ଦ୍ର ଆଫ୍ରିକା ବୋଲି କୁହାଯାଉଛି । ମାତ୍ର ଆଦି ମାନବର ବିକାଶ ଭାରତରେ ହିଁ ହୋଇଛି । ନିକଟରେ ଆର୍କିଓ ଜିନୋମିକ ରିସର୍ଚ୍ଚରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ଆଦି ମାନବର ସୃଷ୍ଟି ଆଫ୍ରିକାରେ ହୋଇପାରେ, ମାତ୍ର ତା'ର ବିକାଶ ଭାରତରେ ହୋଇଛି । ୨୫ ହଜାର ବର୍ଷ ପୂର୍ବେ ବିଶ୍ୱର ଅଧା ଜନସଂଖ୍ୟା ଭାରତରେ ରହୁଥିବା ରିପୋର୍ଟରେ କୁହାଯାଇଛି ।
ମାନବ ସଭ୍ୟତାର ଇତିହାସ ବିଷୟରେ ସଠିକ୍ ତଥ୍ୟ ଜାଣିବା ପାଇଁ ଆର୍କିଓ ଜିନୋମିକ ପକ୍ଷରୁ ରିସର୍ଚ୍ଚ କରାଯାଇଥିଲା। ଏହି ରିସର୍ଚ୍ଚରେ ୧.୬ ଲକ୍ଷ ଡିଏନଏ ନମୂନାକୁ ସାମିଲ କରାଯାଇଥିଲା । ହରପ୍ପା ମହେଞ୍ଜୋଦାରୋ ସଭ୍ୟତାଠାରୁ ୨୦ ହଜାର ବର୍ଷ ପୂର୍ବରୁ ଭାରତରେ ସଭ୍ୟ ଲୋକ ରହୁଥିଲେ । ଯଦି ୨୫ ହଜାର ବର୍ଷ ପୂର୍ବର କଥା କହିବା ତେବେ ବଙ୍ଗୋପ ସାଗର, ଆରବ ସାଗର ଓ ହିମାଚଳ ମଧରେ ବିଶ୍ୱର ଅଧା ଜନସଂଖ୍ୟା ବିଶିଷ୍ଟ ଲୋକ ବାସ କରୁଥିଲେ । ପରବର୍ତ୍ତୀ ସମୟରେ ଏହି ଜନସଂଖ୍ୟା ସାରା ବିଶ୍ୱକୁ ବ୍ୟାପି ଯାଇଥିଲା।
ସାରା ବିଶ୍ୱରୁ ମିଳିଥିବା ୧ ଲକ୍ଷ ୬୦ ହଜାର ଡିଏନଏର ଜିନୋମ ସ୍କେଲିଙ୍ଗ ବେସଡ ଷ୍ଟଡି ମୁତାବକ, ଆଫ୍ରିକାରେ ମାନବ ଜାତିର ସୃଷ୍ଟି ହୋଇଥିଲା । ମାତ୍ର ଭାରତରେ ମାନବ ଜାତିର ବିକାଶ ଲାଭ କରିଥିଲା । ଏଥିସହିତ ସେମାନେ ଭାରତରେ କ୍ଷେତ କାର୍ଯ୍ୟ କରୁଥିବା ମଧ ଷ୍ଟଡିରୁ ତଥ୍ୟ ମିଳିଛି । ବିଶେଷ କରି ସିନ୍ଧୁ ଓ ସରସ୍ୱତୀ ନଦୀ କୂଳରେ ସେ ସମୟରେ କ୍ଷେତିବାଡ଼ି କରାଯାଉଥିବା ଜଣାପଡ଼ିଛି ।



ଆଦିମାନବ ମାଇକ୍ରୋଲିଥିକ ଟେକନିକର ସନ୍ଧାନ କରିଥିଲେ । ଏଥିସହିତ ହତିଆର ନିର୍ମାଣ କୌଶଳ ଶିଖିବା ପରେ ଆଦିମାନବଙ୍କ ପାଇଁ ଭୋଜନ ସନ୍ଧାନ କରିବା ସହଜ ହୋଇପାରିଥିଲା। ସହଜ ଭାଷାରେ କହିବାକୁ ଗଲେ ସମସ୍ତ ଜିନର ଗ୍ରୁପକୁ ଜିନୋମ କୁହାଯାଇଥାଏ । ଏହା ଗୋଟିଏ ପୀଢ଼ିର ଗୁଣକୁ ଅନ୍ୟ ପୀଢ଼ିକୁ ପଠାଇଥାଏ । ଏହି ଜିନୋମର ଅଧ୍ୟୟନକୁ ଜିନୋମିକ୍ସ କୁହାଯାଇଥାଏ। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଡିଏନଏ ଆଧାରିତ ଅଟେ । ଅର୍ଥାତ ଜିନୋମିକ ପାଇଁ ସର୍ବପ୍ରଥମେ ଡିଏନଏକୁ ନିଆଯାଇଥାଏ । ଜୈବିକ ରିସର୍ଚ୍ଚ କ୍ଷେତ୍ରରେ ଜିନୋମିକ ଏବେ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ପରିଗଣିତ ହୋଇଛି ।

## ସାତଟି କାରଣ ପାଇଁ ହୋଇଥାଏ ଡାର୍କ ସର୍କଲ୍ ?

ସାଧାରଣତଃ ଆଖିତଳ ତ୍ୱଚା କୋମଳ ହୋଇଥିବାରୁ କିଛି ଲୋକଙ୍କର ଏଥିରେ କଳାଦାଗ ବା ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ। ତେଣୁ ଡାର୍କ ସର୍କଲରୁ ରକ୍ଷା ପାଇବା ପାଇଁ ଆପଣ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ କ୍ରୀମ୍, ଘରୋଇ ଉପଚାର ଓ ଅଣ୍ଡର ଆଇ କ୍ରୀମ୍ ବ୍ୟବହାର କରିଥା'ନ୍ତି। ଏଥିପାଇଁ ବିଭିନ୍ନ ପ୍ରକାର ମେଡିସିନ୍ ନଖାଇ ପ୍ରଥମେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଡାର୍କ ସର୍କଲ ହେବାର ମୂଳ କାରଣ ଜାଣିବା ନିହାତି ଆବଶ୍ୟକ। ତା'ହେଲେ ଆସନ୍ତୁ ଜାଣିବା ଏହି ଡାର୍କ ସର୍କଲ କାହିଁକି ହୋଇଥାଏ ଏବଂ ଏଥିରୁ ରକ୍ଷା ପାଇବା ପାଇଁ କେଉଁସବୁ ଉପାୟ ଆପଣାଇବା ଉଚିତ।



- ବୟସ ବଢ଼ିବା ସହିତ ଆଖିତଳର ଚର୍ମ କଳା ପଡ଼ିବାକୁ ଲାଗିଥାଏ। ଏଥିପାଇଁ ନିୟମିତ ଭାବରେ ଭଲ ସନସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ।
- ପୋଷଣ ଅଭାବରୁ ମଧ ଡାର୍କ ସର୍କଲ ହୋଇଥାଏ। ଶରୀରରେ ଆଇରନ୍‌ର ଅଭାବ ଥିଲେ ଏହାର ଯାଞ୍ଚ କରନ୍ତୁ ଏବଂ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ। ଡିହାଇଡ୍ରେସନ କାରଣରୁ ମଧ ଡାର୍କ ସର୍କଲ୍ ସମସ୍ୟା ଦେଖାଦେଇଥାଏ।
- ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖାଦେଇଥାଏ। ଏଥିପାଇଁ ଉଚିତ ସମୟରେ ଏହାର ଚିକିତ୍ସା କରାଇନିଅନ୍ତୁ।
- ଆଲର୍ଜି ବା ଔଷଧ ଯୋଗୁଁ ମଧ ଡାର୍କ ସର୍କଲ ହୋଇଥାଏ। ଉଚ୍ଚ ରକ୍ତଚାପ, ମଧୁମେହ ଓ ହାର୍ଟ ରୋଗୀ ଅଧିକ ମାତ୍ରାରେ ମେଡିସିନ୍ ଖାଇଥା'ନ୍ତି। ଡାର୍କ ସର୍କଲ ଏହାର ସାଇଡ୍ ଇଫେକ୍ଟ ଭାବରେ ଦେଖାଦେଇଥାଏ।
- ଡାର୍କ ସର୍କଲକୁ ଭଲ କରିବା ପାଇଁ ଓଜନ କମାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ। ଏଥିପାଇଁ ପୋଷ୍ଟିକ ଖାଦ୍ୟ ଖାଆନ୍ତୁ ଏବଂ ସ୍ୱାସ୍ଥ୍ୟ ସହିତ ତ୍ୱଚାର ଯତ୍ନ ନିଅନ୍ତୁ।
- ନିଦ ନହେବା ଯୋଗୁଁ ଆଖିତଳେ ଡାର୍କ ସର୍କଲ ଦେଖାଦେଇଥାଏ। ତେଣୁ ଆବଶ୍ୟକ ପରିମାଣରେ ଶୋଇବା ପାଇଁ ଚେଷ୍ଟା କରନ୍ତୁ।
- ମେକଅପ୍‌ରେ ଅଧିକ ମାତ୍ରାରେ ହାଇଲାଇଟର୍ ବ୍ୟବହାର କରିବା ଯୋଗୁଁ ମଧ କଳାଦାଗ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଆବଶ୍ୟକସ୍ଥଳେ ହାଲ୍‌କା ମେକଅପ୍ ଓ କେମିକାଲ୍ କମ୍ ବ୍ୟବହାର କରନ୍ତୁ।

## ରାସ୍ତା କଡ଼ରେ ଥିବା ଗଛରେ କାହିଁକି ଧଳା ରଙ୍ଗ ଦିଆଯାଏ ?

### ଜାଣନ୍ତୁ ଏନେଇ କ'ଣ ରହିଛି ବୈଜ୍ଞାନିକ କାରଣ



ଦୈନନ୍ଦିନ ଜୀବନରେ ଆମେ ଏପରି ଅନେକ ଦୃଶ୍ୟ ଦେଖିବାକୁ ପାଇଥାଉ, ଯାହା ପଛରେ ନିହାତି କିଛି କାରଣ ରହିଥାଏ । ଆମେମାନେ ଯାତାୟାତ କରୁଥିବା ସମୟରେ ରାସ୍ତାକଡ଼ରେ ଥିବା ଗଛମାନଙ୍କରେ ଧଳା ରଙ୍ଗ ମରାଯାଇଥିବା ଦେଖିବାକୁ ପାଇଥାଉ । ଏପରି କାହିଁକି କରାଯାଏ, ସେନେଇ କିଛି ପ୍ରଶ୍ନ ଆପଣଙ୍କ ମନରେ ଆସିବା ସ୍ୱାଭାବିକ । ଲାଲ, ସବୁଜ, ହଳଦିଆ ଏପରି ଅନେକ ପ୍ରକାରର ରଙ୍ଗ ଥିଲେ ମଧ ଧଳା ରଙ୍ଗକୁ ବାଛିବା ପଛର ରହସ୍ୟ କ'ଣ । ବାସ୍ତବରେ, ସଡ଼କପଥ ମାନଙ୍କରେ ଲାଗିଥିବା ବୃକ୍ଷମାନଙ୍କରେ ଧଳା ରଙ୍ଗ ମରାଯାଇଥିବାର ଆମେ ଦେଖିବାକୁ ପାଇଥାଏ । ଏହା ପଛରେ ଏକ ବିଶେଷ କାରଣ ରହିଛି। ମାତ୍ର ଏହା ସମସ୍ତଙ୍କୁ ଜଣା ନଥାଏ । ଅସଲ କଥା ହେଉଛି, ଧଳା ରଙ୍ଗ ବୋଳିଲେ ଗଛମାନଙ୍କର ଆୟୁଷ ବୃଦ୍ଧି ହୁଏ ବୋଲି କୁହାଯାଇଥାଏ । ସାମାନ୍ୟ ରଙ୍ଗ ଦ୍ୱାରା ଗଛର ଜୀବନ କାଳ କିପରି ବୃଦ୍ଧି ହେବ ତାହା ଅନେକଙ୍କୁ ଚିନ୍ତାରେ ପକାଇବା ସ୍ୱାଭାବିକ ।

ଗଛରେ ବୋଳାଯାଉଥିବା ଧଳା ରଙ୍ଗରେ ପାଣି ଓ ଚୂନକୁ ମିଶ୍ରଣ କରାଯାଇଥାଏ । ଏହି ମିଶ୍ରିତ ରଙ୍ଗକୁ ଗଛରେ ବୋଳିଲେ ସେଥିରେ ବିଭିନ୍ନ ପ୍ରକାରର କୀଟପତଙ୍ଗ ଲାଗନ୍ତି ନାହିଁ । ଫଳରେ ଗଛ ସର୍ବଦା ସୁସ୍ଥ ରୁହେ । ଅଧିକାଂଶ ସମୟରେ ଗଛରେ ବିଭିନ୍ନ ପ୍ରକାରର କୀଟ ଲାଗି ତା'ର ଛାଲି ଛାଡ଼ି ଯାଇଥାଏ । ଏପରିକି କିଛି ଗଛରେ ଉଇ ଭର୍ତ୍ତି ହୋଇଥିବାର ମଧ ଦେଖାଯାଇଥାଏ। ପରିଣାମସ୍ୱରୂପ ଅନେକ ଗଛ ଠିଆ ଠିଆ ଏକ ଶୁଖିଲା କାଠ ଗଣ୍ଡିରେ ପରିଣତ ହୋଇଯାଇଥାନ୍ତି। ଗଛରେ ଧଳା ରଙ୍ଗ ଥିଲେ ସୂର୍ଯ୍ୟ ରଶ୍ମୀ ସେଥିରେ ସିଧାସଳଖ ପଡ଼େ ନାହିଁ । ଫଳରେ ଗଛର ଛାଲି ଦୀର୍ଘଦିନ ଧରି ଠିକ୍ ଭାବେ ରହିଥାଏ । ସେହିପରି ଯଦି କୌଣସି ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ନଥାଏ, ତେବେ ଏପରି କ୍ଷେତ୍ରରେ ଗଛରେ ଲାଗିଥିବା ଧଳା ରଙ୍ଗ ପଥଯାତ୍ରୀଙ୍କୁ ରାସ୍ତା ବତାଇବାରେ ସହାୟକ ହୋଇଥାଏ । ଗଛରେ ଧଳା ରଙ୍ଗ ମରାଯାଇଥିଲେ ତାହା ବନ ବିଭାଗର ବୋଲି ଦର୍ଶାଇଥାଏ । ତେଣୁ ତାହାକୁ କେହି କାଟିବାକୁ ସାହସ କରନ୍ତି ନାହିଁ ।

# ଲିଙ୍ଗଭିତ୍ତିକ ହିଂସା ରୋକିବା ଉଦ୍ଦେଶ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗର ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୦/୦୧ (ନି.ପ୍ର): ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଜନସାଧାରଣଙ୍କ ମଧ୍ୟରେ ଲିଙ୍ଗଭିତ୍ତିକ ହିଂସା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ପାଇଁ ଏହା ବିଭିନ୍ନ ସମୟରେ ବହୁବିଧ କାର୍ଯ୍ୟକ୍ରମ ହାତକୁ ନେଇଥାଏ । ଗତ ଡିସେମ୍ବର ମାସରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ପରିଚାଳିତ ବିଭିନ୍ନ ଅନୁଷ୍ଠାନ ଏବଂ ଏହାର ଅଂଶୀଦାରମାନଙ୍କ ମାଧ୍ୟମରେ ଅନେକ ଶିକ୍ଷାନୁଷ୍ଠାନ ଏବଂ ଗୋଷ୍ଠୀ ସ୍ତରରେ ଲିଙ୍ଗଭିତ୍ତିକ ହିଂସା ସଚେତନତା କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା ।

ୱାନ ଷ୍ଟପ୍ ସେଂଟର (ସଖୀ), ସୁଧାର ଗୃହ, ଉଜ୍ଜ୍ୱଳା ଘର, ପରିବାର ପରାମର୍ଶ କେନ୍ଦ୍ର ଏବଂ ମହିଳା ହେଲ୍ପ ଲାଇନ୍ ଏହି ପ୍ରସଙ୍ଗରେ ବିଭିନ୍ନ ସ୍ତରରେ କାର୍ଯ୍ୟକ୍ରମମାନ ଆୟୋଜନ କରିଥିଲେ । ଏହାବ୍ୟତୀତ ଅଙ୍ଗନୱାଡ଼ି କେନ୍ଦ୍ର ସ୍ତରରେ କାର୍ଯ୍ୟକାରୀ ହେଉଥିବା ଅଦଭିକା କିଶୋରକିଶୋରୀ ଜୀବନ କୌଶଳ ଶିକ୍ଷା କାର୍ଯ୍ୟକ୍ରମ, ସମାଜର କିଶୋରକିଶୋରୀମାନଙ୍କ ନିକଟରେ ଲିଙ୍ଗଗତ ଭେଦଭାବ ତଥା ସମାଜରେ ବିଦ୍ୟମାନ ଥିବା ଲିଙ୍ଗଭିତ୍ତିକ ହିଂସା ସମ୍ବନ୍ଧୀୟ ସଚେତନତାକୁ ସିଧାସଳଖ ଭାବେ ପହଂଚାଇଥିଲା । ବାଳିକା ଏବଂ ମହିଳାଙ୍କ ଅଧିକାରର ସୁରକ୍ଷା ତଥା ଲିଙ୍ଗଭିତ୍ତିକ ହିଂସାରୁ ମୁକ୍ତି ପାଇଥିବା ପୀଡ଼ିତାଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଉପଲବ୍ଧ ଆଇନଗତ ଓ ଅନ୍ୟାନ୍ୟ ବ୍ୟବସ୍ଥା ବିଷୟରେ ମଧ୍ୟ ଅବଗତ କରାଯାଇଥିଲା । ମହିଳା ହେଲ୍ପ ଲାଇନ୍ ସେବା ଏବଂ ୱାନ ଷ୍ଟପ୍ ସେଂଟର(ସଖୀ) ବାବଦରେ ମଧ୍ୟ ସେମାନଙ୍କୁ ଅବଗତ କରାଯାଇଥିଲା । ଦୁଃଖ ସମୟରେ ମହିଳାଙ୍କୁ ସହାୟତା କରିବା ପାଇଁ ଉଦ୍ଦିଷ୍ଟ ଏସବୁ ବ୍ୟବସ୍ଥା ଜିଲ୍ଲା ଡାକ୍ତରଖାନା ସ୍ତରରେ କାର୍ଯ୍ୟକ୍ଷମ ।

ଏହାବ୍ୟତୀତ ମହିଳା ଓ ଶିଶୁ ବିକାଶ ବିଭାଗ ବିଭିନ୍ନ ବିଭାଗର ଆଭ୍ୟନ୍ତରୀଣ କମିଟିର ସଦସ୍ୟମାନଙ୍କ ପାଇଁ ଦୁଇଦିନିଆ ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ପ୍ରତ୍ୟେକ ସରକାରୀ ବିଭାଗର ଆଭ୍ୟନ୍ତରୀଣ କମିଟିର ଦୁଇଜଣ ସଦସ୍ୟ ଲିଙ୍ଗଗତ ଭେଦଭାବ, ଲିଙ୍ଗଭିତ୍ତିକ ହିଂସା, କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନ ଏବଂ ଆଭ୍ୟନ୍ତରୀଣ କମିଟି ଏସବୁ କ୍ଷେତ୍ରରେ କିପରି ସକ୍ରିୟ ଭୂମିକା ଗ୍ରହଣ କରିପାରିବ ଓ ସମ୍ବେଦନଶୀଳତାର ସହ ବିଭାଗ ସ୍ତରରେ ଏସବୁ ସମସ୍ୟାର ସମାଧାନ କିପରି ହୋଇପାରିବ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ହାସଲ କରିଥିଲେ । ଏହି ପ୍ରସଙ୍ଗରେ ସଂପୃକ୍ତ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ଅଧିକରୁ ଅଧିକ ସଚେତନ ହେବା ଦିଗରେ ମଧ୍ୟ ପଦକ୍ଷେପ ନିଆଯାଇଥିଲା । ଜିଲ୍ଲାସ୍ତରରେ ୱାନ ଷ୍ଟପ୍ ସେଂଟର(ସଖୀ) ଦ୍ୱାରା ଅନୁରୂପ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାଦ୍ୱାରା ଆଭ୍ୟନ୍ତରୀଣ କମିଟି ନ ଥିବା ଜିଲ୍ଲାସ୍ତରୀୟ ବିଭିନ୍ନ କାର୍ଯ୍ୟାଳୟରେ ଓ ଜିଲ୍ଲାର ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନେ କିପରି ଯୌନ ଉତ୍ପୀଡ଼ନ, ଲିଙ୍ଗଭିତ୍ତିକ ହିଂସା, ଲିଙ୍ଗଗତ ଭେଦଭାବ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରିବେ, ସେ ଦିଗରେ ଟ୍ରେନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଶ୍ରୟ ଗୃହ ପରିଚାଳନା କରୁଥିବା ଏଜେନ୍ସିଗୁଡ଼ିକ ଗୋଷ୍ଠୀ ଓ ଗୃହସ୍ତରରେ ଏହି ପ୍ରସଙ୍ଗ ଉପରେ ସଚେତନତା ସୃଷ୍ଟି କରିଥିଲେ । ଅନ୍ତେବାସୀମାନଙ୍କୁ ସେମାନଙ୍କର ଅଧିକାର ସମ୍ବନ୍ଧରେ ଅବଗତ କରାଇବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଓକିଲମାନଙ୍କୁ ଏହି ଗୃହକୁ ନିମନ୍ତ୍ରଣ କରାଯାଇଥିଲା ଓ ସେମାନେ ଏଦିଗରେ ଆଇନଗତ ପରାମର୍ଶମାନ ପ୍ରଦାନ କରିଥିଲେ । ଲିଙ୍ଗଭିତ୍ତିକ ହିଂସାମୁକ୍ତ ସମାଜ ଗଠନ କରିବା ପାଇଁ ସମସ୍ତଙ୍କ ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲ୍ଲାସ୍ତରରେ ଦସ୍ତଖତ ଅଭିଯାନ ମଧ୍ୟ କରାଯାଇଥିଲା । ୱାନ ଷ୍ଟପ୍ ସେଂଟର(ସଖୀ) ମାଧ୍ୟମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହିତ ଲିଙ୍ଗଭିତ୍ତିକ ହିଂସା ପ୍ରସଙ୍ଗରେ ଆଲୋଚନା ହୋଇଥିଲା । କିଶୋରୀ ଓ ମହିଳାମାନଙ୍କ ଆଇନଗତ ଅଧିକାର ଓ ଲିଙ୍ଗଭିତ୍ତିକ ହିଂସାରୁ ମୁକ୍ତି ପାଇଥିବା ପୀଡ଼ିତାମାନଙ୍କୁ ସହାୟତା ଓ ଉପଲବ୍ଧ ସେବା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଇଥିଲା । ୧୮୧- ମହିଳା ହେଲ୍ପ ଲାଇନ୍ ଓ ୱାନ ଷ୍ଟପ୍ ସେଂଟର(ସଖୀ) ସମ୍ବନ୍ଧୀୟ ପ୍ରଚାରପତ୍ର ବଂଟନ କରାଯାଇ ଏସବୁ ସେବା ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଇଥିଲା । ୱାନ ଷ୍ଟପ୍ ସେଂଟର(ସଖୀ), ନୂଆପଡ଼ାର କର୍ମଚାରୀମାନେ ଗୋଡ଼ଫୁଲା ପଂଚାୟତ କାର୍ଯ୍ୟାଳୟ ପରିସରରେ ଘରୋଇ ହିଂସା ପ୍ରସଙ୍ଗରେ ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ । ୱାନ ଷ୍ଟପ୍ ସେଂଟର(ସଖୀ), ସମ୍ବଲପୁରର କର୍ମଚାରୀମାନେ ବାଲିବନ୍ଧା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମ୍ବଲପୁରର ଛାତ୍ରୀମାନଙ୍କୁ ଏ ସମ୍ବନ୍ଧରେ ଅବଗତ କରାଇଥିଲେ । ୱାନ ଷ୍ଟପ୍ ସେଂଟର(ସଖୀ) ଓ ସୁଧାର ଗୃହର କର୍ମଚାରୀମାନେ ଜଗତସିଂହପୁରର ଚାଟରା ଗାଁରେ କାର୍ଯ୍ୟକ୍ରମ ଆୟୋଜନ କରି ବାଳିକା ଓ ମହିଳାମାନଙ୍କୁ ଉପଲବ୍ଧ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ସଚେତନ କରିଥିଲେ । ଅଂଶଗ୍ରହଣକାରୀମାନେ ପାରିପାରିକ ହିଂସା ଓ ଏହାର ପୀଡ଼ିତାମାନେ କିପରି ସହାୟତା ପାଇପାରିବେ, ସେ ବିଷୟରେ ଅବଗତ ହୋଇଥିଲେ । ୱାନ ଷ୍ଟପ୍ ସେଂଟର(ସଖୀ), କୋରାପୁଟର କର୍ମଚାରୀମାନେ କୋରାପୁଟ ଜିଲ୍ଲାର ବନ୍ଧୁଗାଁ ଅନ୍ତର୍ଗତ ଆଲମଣ୍ଡା ଉଚ୍ଚ ବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ୱାନ ଷ୍ଟପ୍ ସେଂଟର(ସଖୀ), ଗଞ୍ଜାମ ଓ ଗଞ୍ଜାମ ଜିଲ୍ଲା ପ୍ରଶାସନ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସୁରକ୍ଷା ଅଧିକାରୀ, ସିଡିପିଓ,ସ୍ୱୟଂ ସହାୟିକା ଗୋଷ୍ଠୀ, ଅଙ୍ଗନୱାଡ଼ି କର୍ମୀ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ୱାନ ଷ୍ଟପ୍ ସେଂଟର(ସଖୀ), ଗଜପତି ବାଲ୍ୟ ବିବାହ ପ୍ରସଙ୍ଗରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।

# ମାଲକାନଗିରି ମହାବିଦ୍ୟାଳୟରେ ବିଶ୍ୱକପ୍ ହକି ପ୍ରୋତ୍ସାହନ କାର୍ଯ୍ୟକ୍ରମ

ମାଲକାନଗିରି, ୧୦/୦୧ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ବିଶ୍ୱ ହକି ପାଇଁ ପ୍ରୋତ୍ସାହନ ଏବଂ ସଚେତନ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଅଶୋକ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କଲେଜ ପରିସରରୁ ଏକ ବିଶାଳ ରାଲି ମାଧ୍ୟମରେ ଆରମ୍ଭ ହୋଇଥିଲା । ଏଥିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହକି ଖେଳପ୍ରତି ଆଗ୍ରହ ସୃଷ୍ଟି କରାଇଥିଲେ ଏବଂ ବିଶ୍ୱକପର ପ୍ରତ୍ୟେକ ମ୍ୟାଚକୁ ଡିଜିଟାଲ ମୋଡରେ ହେଉ ବା ଖେଳ ପଡିଆରେ ହେଉ ଉପଭୋଗ କରିବା ପାଇଁ ପ୍ରବର୍ତ୍ତାଇଥିଲେ । ହକି ଖେଳ ଭାରତର ଜାତୀୟ ଖେଳ ହୋଇଥିବାରୁ ଏଥିପ୍ରତି ଯୁବଗୋଷ୍ଠି ମଧ୍ୟରେ ଅଧିକରୁ ଅଧିକ ଆଗ୍ରହ ସୃଷ୍ଟି କରିବା ପାଇଁ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ । ଏଥିସହିତ ମାଲକାନଗିରି ଜିଲ୍ଲାରୁ ହକି ପ୍ରତିଭାର ଅନ୍ୱେଷଣ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପ୍ରବର୍ତ୍ତାଇଥିଲେ । କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ମୁଖ୍ୟ ଡ. ରଂଜନ କୁମାର ସ୍ୱାଇଁ ବିଶ୍ୱକପ ହକି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ରଖିଥିଲେ । ବିଶ୍ୱକପ ରାଲି କଲେଜ ପରିସରରୁ ଆରମ୍ଭ ହୋଇ କୋର୍ଟ ଛକ ପର୍ଯ୍ୟନ୍ତ ଯାଇଥିଲା ଏବଂ ଛାତ୍ରଛାତ୍ରୀ ମାନେ ବିଭିନ୍ନ ସ୍ଲୋଗାନ ଦେଇ ହକି ର ସଫଳତା ପାଇଁ ଚେଷ୍ଟା କରିଥିଲେ ।

ଏହି କା ର୍ଯ୍ୟକ୍ରମରେ କଲେଜର ଏନ୍.ସି.ସି., ଏନ୍.ଏସ୍.ଏସ୍. ଏବଂ ରେଡକ୍ରସର ସ୍ୱେଚ୍ଛାସେବୀ ମାନେ ଭାଗ ନେଇଥିଲେ । ଏହା ସହିତ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଲିଙ୍ଗରାଜ ମିଶ୍ର, ଅଧ୍ୟାପକ ଉମେଶ ଚନ୍ଦ୍ର ରାଉତ, ଅଧ୍ୟାପିକା ନମିତା ଦଣ୍ଡସେନା, ପ୍ରମୀୟ କୁମାର ମହାନ୍ତି, ପ୍ରେମରେଖା ଭତ୍ରା, ସୁଶାନ୍ତ ମାଝୀ, ଗୌତମ ନାୟକ, ତପନ କୁମାର ବେହେରା ଜିମୁତ ନାୟକ, ଡ. ଗୋକୁଳାନନ୍ଦ ପାତ୍ର ଏବଂ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ମାନେ ଭାଗ ନେଇଥିଲେ ।

# ବଲାଙ୍ଗିର ମନୋହରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ କପ ହକି ପାଇଁ ପ୍ରତିଯୋଗିତା

ବଲାଙ୍ଗିର, ୧୦/୦୧ (ନି.ପ୍ର): ଓଡିଶାରେ ଆନ୍ତର୍ଜାତୀୟ ହକି ଆୟୋଜନ ଅବସରରେ ଆଜି ବଲାଙ୍ଗିର ପୋଲିସ କଲୋନି ସ୍ଥିତ ମନୋହର ପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍କୁଲ ପରିସରକୁ ସଫାସୁତୁରା କରାଯାଇଥିଲା । ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ବିଜୟ ଲକ୍ଷ୍ମୀ ମିଶ୍ରଙ୍କ ପରିଚାଳନାରେ ଛାତ୍ରଛାତ୍ରୀ ମାନେ ସ୍କୁଲ ପରିସରକୁ ନିଜ ହାତରେ ସଫାସୁତୁରା କରିଥିଲେ । ପାଠ ପଢା ବ୍ୟତିତ ଗୋଟିଏ ଉତ୍ତମ ବିଦ୍ୟାର୍ଥୀ ପାଇଁ ପରିଷ୍କାର ପରିଚ୍ଛନ୍ନତା ମଧ୍ୟ ଜରୁରୀ ବୋଲି ପ୍ରଧାନ ଶିକ୍ଷୟତ୍ରୀ ବିଜୟଲକ୍ଷ୍ମୀ ମିଶ୍ର ସମସ୍ତଙ୍କୁ ବୁଝାଇ ଥିଲେ । ସ୍କୁଲ ପିଲାଙ୍କ ମଧ୍ୟରେ ବକ୍ତୃତା, ନାଚ, ଗୀତ, କୁଇଜ୍, ଝୋଟି ଆଦି ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

# ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଦାଶଙ୍କ ଦ୍ୱାରା ପାଠ୍ୟ ପୁସ୍ତକ ବିତରଣ କାର୍ଯ୍ୟ ଉଦ୍‌ଘାଟିତ

ଭୁବନେଶ୍ୱର, ୧୦/୦୧ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ କରକମଳରେ ପାଠ୍ୟପୁସ୍ତକ ବିତରଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଆଗାମୀ ଶିକ୍ଷାବର୍ଷ ୨୦୨୩-୨୪ର ପାଠ୍ୟପୁସ୍ତକ ରାଜ୍ୟର ୩୧୪ ବ୍ଲକ୍ କୁ ଯୋଗାଣ କାର୍ଯ୍ୟ ୨୦୨୩ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଉତ୍ସବରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍, ଆଇ.ଏ.ଏସ୍, ପାଠ୍ୟପୁସ୍ତକ ଉତ୍ପାଦନ ବିକ୍ରୟ ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଘୁରାମ ଆୟାର ଉପସ୍ଥିତ ରହିଥିଲେ । ଏହି ଉଦ୍‌ଘାଟନ ଦିବସରେ ପ୍ରଥମକରି ତୀର୍ଥାଂଚଳ ଯଥା ପୁରୀ ଓ କେନ୍ଦୁଝର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର ଜିଲ୍ଲା ସହିତ ଅନ୍ୟ ୧୫ ଗୋଟି ବ୍ଲକ୍ କୁ ପାଠ୍ୟ ପୁସ୍ତକ ଯୋଗାଇ ଦିଆଯାଇଛି । ଏହି ପୁସ୍ତକ ଯୋଗାଣ କାର୍ଯ୍ୟକୁ ଆଖିଆଗରେ ରଖି ଆସନ୍ତା ମାର୍ଚ୍ଚ ଶେଷସୁଦ୍ଧା ପାଠ୍ୟପୁସ୍ତକ ବିତରଣର ପରିସମାପ୍ତି ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହା ଦ୍ୱାରା ଶିକ୍ଷାବର୍ଷ ଏପ୍ରିଲ ମାସ ଆରମ୍ଭରୁ ବିଦ୍ୟାଳୟ ଖୋଲିବା ପୂର୍ବରୁ ସମସ୍ତ ଛାତ୍ର ଓ ଛାତ୍ରୀମାନଙ୍କ ପାଖରେ ପୁସ୍ତକଗୁଡ଼ିକ ପହଂଚି ପାରିବ ।

୨୦୨୩-୨୪ ଶିକ୍ଷାବର୍ଷ ପାଇଁ ପାଠ୍ୟପୁସ୍ତକ ୨.୫ କୋଟି ଏବଂ ଅନ୍ୟ ପାଠ୍ୟପୁସ୍ତକ ୧.୫ କୋଟି ଖଣ୍ଡ ବିତରଣ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଧାର୍ଯ୍ୟ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିତରଣ ନିମନ୍ତେ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ କାର୍ଯ୍ୟାଳୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଅଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୂତ୍ରରୁ ପ୍ରକାଶ ।

# ମାର୍ଚ୍ଚ ସୁଦ୍ଧା ପିଲାଙ୍କୁ ମିଳିବ ବହି

ଭୁବନେଶ୍ୱର , ୧୦/୦୧ (ନି.ପ୍ର): ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣା ପାଠ୍ୟପୁସ୍ତକ ବଣ୍ଟନ ଆରମ୍ଭ ହୋଇଛି । ପ୍ରଥମ ଦିବସରେ ପୁରୀ, କେନ୍ଦୁଝର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର ଜିଲ୍ଲା ସମେତ ଅନ୍ୟ ୧୫ଟି ବ୍ଲକ୍‌କୁ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇଛି । ମାର୍ଚ୍ଚ ୩୧ ସୁଦ୍ଧା ୩୧୪ ବ୍ଲକର ସମସ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନିକଟରେ ପାଠ୍ୟପୁସ୍ତକ ପହଞ୍ଚାଇବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହି ସମୟ ମଧ୍ୟରେ ୨.୫କୋଟି ପାଠ୍ୟପୁସ୍ତକ ଓ ୧.୫ କୋଟି




ଅନ୍ୟାନ୍ୟ ପାଠ୍ୟପୁସ୍ତକ ବିତରଣ କରିବାକୁ ନିଷ୍ପତ୍ତି ହୋଇଛି । ଧାର୍ଯ୍ୟ ସମୟ ସୁଦ୍ଧା ସମସ୍ତ ପିଲା ଯେପରି ବହି ପାଇବେ, ସେ ଦିଗରେ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ କାର୍ଯ୍ୟାଳୟ ପଦକ୍ଷେପ ନେଉଥିବା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି ।

# ଡଙ୍ଗରିଆ କନ୍ଧଙ୍କ ଶାଲ୍, ଲାଞ୍ଜିଆ ସୌରାଙ୍କ କାନ୍ଥଚିତ୍ରକୁ ଜିଆଇ ଟ୍ୟାଗ୍ ଶୀଘ୍ର



ଭୁବନେଶ୍ୱର , ୧୦/୦୧ (ନି.ପ୍ର): ରାୟଗଡ଼ା ଜିଲ୍ଲାର ଡଙ୍ଗରିଆ କନ୍ଧଙ୍କ ପ୍ରସ୍ତୁତ ଶାଲ ଏବଂ ଲାଞ୍ଜିଆସୌରାଙ୍କ ପାରମ୍ପରିକ କାନ୍ଥଚିତ୍ରକୁ ଜିଆଇ ଟ୍ୟାଗ ଶୀଘ୍ର ଘୋଷଣା ହେବ ବୋଲି ଆଶା କରାଯାଉଛି । ଏଥିପାଇଁ ୨୦୧୯ ମସିହାରେ ରାଜ୍ୟ ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ବିଭାଗ ଏବଂ ହସ୍ତତନ୍ତ ମନ୍ତ୍ରଣାଳୟର ହସ୍ତତନ୍ତ କମିଟି ପକ୍ଷରୁ କେନ୍ଦ୍ର ସରକାରଙ୍କ ଶିଳ୍ପ ଏବଂ ବାଣିଜ୍ୟ ବିଭାଗକୁ ପ୍ରସ୍ତାବ ପଠାଯାଇଥିଲା । ୨୦୨୨ ଡିସେମ୍ବରରେ ଏହାକୁ ନେଇ ସ୍ୱତନ୍ତ୍ର କମିଟି ଆସି ସ୍ଥିତି ଅନୁଧ୍ୟାନ ସହିତ ଜିଆଇ ଟ୍ୟାଗ୍ ଘୋଷଣା ପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ସାରିଛି । ଉଭୟ ଉତ୍ପାଦକୁ ଜିଆଇ ଟ୍ୟାଗ୍ ମିଳିଲେ, ଏହା ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରଚାର ପ୍ରସାର ଲାଭ କରିବ । ପ୍ରକୃତ କଳାକାରଙ୍କ କାର୍ଯ୍ୟକୁ ସମ୍ମାନ, ସ୍ୱୀକୃତି ଏବଂ ରୟାଲଟି ମିଳିବ । କଳା ସଂରକ୍ଷିତ ହୋଇ ରହିପାରିବ ବୋଲି ସରକାରଙ୍କ ପକ୍ଷରୁ ଆଶା କରାଯାଉଛି । ଗବେଷକଙ୍କ ଅନୁସାରେ, ଡଙ୍ଗରିଆ କନ୍ଧଙ୍କ ପ୍ରସ୍ତୁତ ୫.୬ ଇଞ୍ଚ ଲମ୍ବ ଏବଂ ୨ ଫୁଟ ଚଉଡ଼ାର ନିଆରା କପଡ଼ାଗଣ୍ଡା ଶାଲର ନିଆରା ଆକର୍ଷଣ ରହିଛି । ଡଙ୍ଗରିଆ ସଂସ୍କୃତିରେ ଅବିବାହିତ ଝିଅମାନେ ଏହାକୁ ଏକାଠି ହୋଇ ନିଜ ପ୍ରେମିକ ବା ଭାବୀ ସ୍ୱାମୀ, ବାପା ଏବଂ ଭାଇଙ୍କ ପାଇଁ ତିଆରି କରି ଉପହାର ଦିଅନ୍ତି । ଏହି ଶାଲରେ ତିଆରି ହୋଇଥିବା ପ୍ରତ୍ୟେକ ଚିତ୍ର, କୋଠି ଏବଂ ରଙ୍ଗର ନିଜସ୍ୱ ଏକ ଅର୍ଥ ରହିଛି । ପ୍ରେମିକଙ୍କ ପାଇଁ ତିଆରି କରାଯାଉଥିବା ଶାଲ ବାପା ଏବଂ ଭାଇଙ୍କ ପାଇଁ ପ୍ରସ୍ତୁତ ଶାଲ ଠାରୁ ଭିନ୍ନ ଥାଏ । ଅନୁସୂଚିତ ଜାତିର ଡମ ବର୍ଗର ବ୍ୟକ୍ତିଙ୍କ ଠାରୁ ଝିଅମାନେ କପଡ଼ା କିଣି ସେଥିରେ ଫସଲ, ସୂର୍ଯ୍ୟ, ଆଖିର ଷ୍ଟିଚିଂ କରନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଏଥିରେ ରାସାୟନିକ ରଙ୍ଗର ବ୍ୟବହାର ହୋଇନାହିଁ । ସ୍ୱତନ୍ତ୍ର ପତ୍ରରୁ ଲାଲ, ସବୁଜ ଏବଂ ହଳଦିଆ ରଙ୍ଗ ପ୍ରସ୍ତୁତ କରାଯାଇ ଶାଲରେ ବ୍ୟବହାର କରାଯାଏ । ପ୍ରତ୍ୟେକ ମାସରେ ଜଣେ ଅବିବାହିତ ଝିଅ ୨ରୁ୩ଟି କପଡ଼ାଗଣ୍ଡା ଶାଲ ତିଆରି କରନ୍ତି । ପୂର୍ବରୁ ଏହାର କୌଣସି ବ୍ୟବସାୟିକ ଉଦ୍ଦେଶ୍ୟ ନଥିଲା । ବର୍ତ୍ତମାନ ଏହାର ବ୍ୟବସାୟକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ଟିଡିସିଏଲ ପକ୍ଷରୁ ବାର୍ଷିକ ୨ ହଜାରଟି ଶାଲ କ୍ରୟ କରାଯାଉଛି । ପ୍ରଦର୍ଶନୀ ମାନଙ୍କରେ ମଧ୍ୟ ଏହା ବିକ୍ରି ହେଉଛି । ଏହି ଶାଲ ବାର୍ଷିକ ୩୦ ଲକ୍ଷ ଟଙ୍କାର ବ୍ୟବସାୟ କରୁଛି । ଅନ୍ୟ ଦିଗରେ ଡଙ୍ଗରିଆ କନ୍ଧଙ୍କ ଶାଲର ନକଲ ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ବ୍ୟବସାୟୀଙ୍କ ପ୍ରସ୍ତୁତ ଶାଢ଼ି ଏବଂ ବିଭିନ୍ନ ପ୍ରକାର ପୋଷାକରେ ଦେଖିବାକୁ ମିଳୁଛି । ଏଥିରେ ମୂଳ କଳାକାରମାନେ କ୍ଷତିଗ୍ରସ୍ତ ହେବା ସହିତ ତାଙ୍କ କଳାର ସ୍ୱତନ୍ତ୍ରତା ରହୁନାହିଁ । ତାଙ୍କ କାର୍ଯ୍ୟକୁ ନକଲ କରି ଅନ୍ୟ ବ୍ୟବସାୟୀମାନେ ଲାଭାନ୍ୱିତ ହେଉଛନ୍ତି ସିନା ଜନଜାତିଙ୍କ କାର୍ଯ୍ୟର ସ୍ୱୀକୃତି ମିଳୁନି କି ଆର୍ଥିକ ସ୍ଥିତିର ଉନ୍ନତି ହେଉନାହିଁ । ସେହିପରି ଲାଞ୍ଜିଆସୌରାଙ୍କ କାନ୍ଥଚିତ୍ରର ମୂଳ ସ୍ରଷ୍ଟାଙ୍କ ବିଷୟରେ ଅଧିକାଂଶ ଅବଗତ ନାହାନ୍ତି । ଲାଞ୍ଜିଆ ସୌରାଙ୍କ କାନ୍ଥଚିତ୍ର ଶୈଳୀରେ ବିଭିନ୍ନ ସ୍ଥାନରେ ଯେକୌଣସି ବର୍ଗର ବ୍ୟକ୍ତି ଏହି ଚିତ୍ର କରନ୍ତି । ଲାଞ୍ଜିଆସୌରାଙ୍କ ସଂସ୍କୃତିରେ ଏହି କାନ୍ଥ ଚିତ୍ର ଏକ ଆଧ୍ୟାତ୍ମିକ କାର୍ଯ୍ୟ । କେବଳ ପୂଜକମାନେ ଯାହାଙ୍କୁ ସ୍ଥାନୀୟ ଭାଷାରେ କୁଡ଼ାନ ବୋଇ ଏବଂ କୁଡ଼ାନ କହନ୍ତି । ସେମାନେ ଚାଷ, ମୃତ୍ୟୁ କିମ୍ବା ବିଭିନ୍ନ ସ୍ୱତନ୍ତ୍ର ଅବସରରେ ଏହାକୁ ତିଆରି କରନ୍ତି । ବାଉଁଶ ବାଡ଼ିରେ କାନ୍ଥରେ ହଳଦିଆ କିମ୍ବା ଲାଲ ରଙ୍ଗରେ ବିଭିନ୍ନ ପ୍ରକାର ଚିତ୍ର କରିଥାଆନ୍ତି । ବାର୍ଷିକ ଏହି କାନ୍ଥଚିତ୍ର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାରବାର କରିଥାଏ ।

## ସ୍ୱେଚ୍ଛାସେବୀ ସେବାକେନ୍ଦ୍ରର ସଫେଇ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୦/୦୧ (ନି.ପ୍ର): ସ୍ୱଚ୍ଛତା ଆମ ଦେଶର ଗୌରବ । ଆମ ପର୍ଯ୍ୟଟନସ୍ଥଳୀ ସ୍ୱଚ୍ଛତା ରହିଲେ ବିଭିନ୍ନ ଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ । ସେଥିପ୍ରତି ଧ୍ୟାନ ଦେଇ ସ୍ୱେଚ୍ଛାସେବୀ ସେବାକେନ୍ଦ୍ର ଭୁବନେଶ୍ୱରର ସ୍ୱେଚ୍ଛାସେବୀମାନେ ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନସ୍ଥଳୀ ଧଉଳିଗିରିର ଅଶୋକସ୍ତମ୍ଭ, ପଂଚାୟତ କାର୍ଯ୍ୟାଳୟ, ଧଉଳି ପାର୍କ ଆଦି ବିଭିନ୍ନ ସ୍ଥାନକୁ ସଫେଇ କରିଥିଲେ । ସେବାକେନ୍ଦ୍ରର ସମ୍ପାଦକ ବାପି ନାୟକ ସ୍ୱେଚ୍ଛାସେବୀମାନଙ୍କୁ ଅବଗତ କରି କହିଥିଲେ ଯେ, ପର୍ଯ୍ୟଟନସ୍ଥଳୀ ଆମର ଘର ଏବଂ ଅଶୋକସ୍ତମ୍ଭ ଆମ ଦେଶର ପ୍ରତୀକ । ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଯେଉଁଥିପାଇଁ ଦେଶ ତଥା ଦେଶ ବାହାରୁ ବିଭିନ୍ନ ପର୍ଯ୍ୟଟକ ଆସି ଓଡ଼ିଶାକୁ ଭୂୟସୀ ପ୍ରଶଂସା କରିଥାନ୍ତି । ତେଣୁ ପର୍ଯ୍ୟଟନସ୍ଥଳୀକୁ ସଫା ସୁତୁରା ରଖିଲେ ବିଦେଶୀ ପର୍ଯ୍ୟଟକମାନେ ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ପ୍ରତି ଆକର୍ଷିତ ହୋଇପାରିବେ । ଏହି ସଫେଇ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରୁପାଲି ଦଳାଇ, ବୀଣା ବେହେରା, ରାମଚନ୍ଦ୍ର ଖୁଂଟିଆ, ପ୍ରତ୍ୟାଶା ବରାଳ, ବିମଳ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଜୟପୁର, ୧୦/୦୧ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଧନପୁର ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ବିଡିଓ ରାଜୀବ ଦାସ,ଏବିଡିଓ ମନୋଜ ନାୟକ, ସରପଂଚ, ସମିତି ସଭ୍ୟା, କନିଷ୍ଠ ଯନ୍ତ୍ରୀ , ପିଇଓ, ଜିଆରଏସ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ ହଟିକଲଚର, କୃଷି ବିଭାଗ ଅନ୍ୟ ଲାଇନ ର ଅଧିକାରି ମାନେ ଉପସ୍ଥିତ ଥିଲେ । ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା ।

# ତିନିଜଣରେ ଜଣେ ମହିଳା ଶୋଷଣର ଶିକାର ହୋଇଥା'ନ୍ତି

## ମହିଳା ଓ ଶିଶୁ ବିକାଶ ବିଭାଗର ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର , ୧୦/୦୧ (ନି.ପ୍ର): ଲିଙ୍ଗଭିତ୍ତିକ ହିଂସା ହେଉଛି ବିଶ୍ୱରେ ମାନବିକ ଅଧିକାରର ସର୍ବପୁରାତନ ଉଲ୍ଲଂଘନ । ଏହା କୌଣସି ସାମାଜିକ, ଅର୍ଥନୈତିକ କିମ୍ବା ଜାତୀୟ ସୀମା ମଧ୍ୟରେ ସୀମାବଦ୍ଧ ନୁହେଁ । ବିଶ୍ୱରେ ତିନିଜଣ ମହିଳାଙ୍କ ମଧ୍ୟରୁ ଜଣେ ତାଙ୍କ ଜୀବନକାଳରେ ଶାରୀରିକ କିମ୍ବା ଯୌନ ଶୋଷଣର ଶିକାର ହୋଇଥା'ନ୍ତି । ଲିଙ୍ଗଭିତ୍ତିକ ହିଂସା ସମ୍ବନ୍ଧୀୟ ସଚେତନତା ସୃଷ୍ଟି ପାଇଁ ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଏଭଳି ମତ ପ୍ରକାଶ ପାଇଛି । ୱାନ ଷ୍ଟପ୍ ସେଣ୍ଟର(ସଖୀ), ସୁଧାର ଗୃହ, ଉଜ୍ଜ୍ୱଳା ଘର, ପରିବାର ପରାମର୍ଶ କେନ୍ଦ୍ର ଏବଂ ମହିଳା ହେଲ୍ପ ଲାଇନ୍ ପକ୍ଷରୁ ବିଭିନ୍ନ ସ୍ତରରେ ଏଭଳି କାର୍ଯ୍ୟକ୍ରମ ହୋଇଛି । ଏହି ଉପଲକ୍ଷେ ମହିଳା ଓ ଶିଶୁ ବିକାଶ ବିଭାଗର ଆଭ୍ୟନ୍ତରୀଣ କମିଟିର ସଦସ୍ୟମାନଙ୍କ ପାଇଁ ଦୁଇଦିନିଆ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରତ୍ୟେକ ସରକାରୀ ବିଭାଗର ଆଭ୍ୟନ୍ତରୀଣ କମିଟିର ଦୁଇଜଣ ସଦସ୍ୟ ଲିଙ୍ଗଗତ ଭେଦଭାବ, ଲିଙ୍ଗଭିତ୍ତିକ ହିଂସା, କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନ ଏବଂ ଆଭ୍ୟନ୍ତରୀଣ କମିଟି ଏସବୁ କ୍ଷେତ୍ରରେ କିପରି ସକ୍ରିୟ ଭୂମିକା ଗ୍ରହଣ କରିପାରିବେ ଓ ସମ୍ବେଦନଶୀଳତାର ସହ ବିଭାଗ ସ୍ତରରେ ଏସବୁ ସମସ୍ୟାର ସମାଧାନ କିପରି ହୋଇପାରିବ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ହାସଲ କରିଥିଲେ । ଆଭ୍ୟନ୍ତରୀଣ କମିଟି ନ ଥିବା ଜିଲ୍ଲାସ୍ତରୀୟ ବିଭିନ୍ନ କାର୍ଯ୍ୟାଳୟରେ ଓ ଜିଲ୍ଲାର ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନେ କିପରି ଯୌନ ଉତ୍ପୀଡ଼ନ, ଲିଙ୍ଗଭିତ୍ତିକ ହିଂସା, ଲିଙ୍ଗଗତ ଭେଦଭାବ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରିବେ, ସେ ଦିଗରେ ପ୍ରଶିକ୍ଷଣ ଦିଆଯାଇଛି । ଲିଙ୍ଗଭିତ୍ତିକ ହିଂସାମୁକ୍ତ ସମାଜ ଗଠନ କରିବା ପାଇଁ ସମସ୍ତଙ୍କ ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲ୍ଲାସ୍ତରରେ ଦସ୍ତଖତ ଅଭିଯାନ ମଧ୍ୟ କରାଯାଇଥିଲା । ୱାନ ଷ୍ଟପ୍ ସେଣ୍ଟର(ସଖୀ) ମାଧ୍ୟମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହିତ ଲିଙ୍ଗଭିତ୍ତିକ ହିଂସା ପ୍ରସଙ୍ଗରେ ଆଲୋଚନା ହୋଇଥିଲା ।

# ରାଜ୍ୟ ଖାଦ୍ୟ ଆୟୋଗଙ୍କ ପୁରୀ ଗସ୍ତ

ପୁରୀ, ୧୦/୦୧ (ନି.ପ୍ର): ଓଡିଶା ରାଜ୍ୟ ଖାଦ୍ୟ ଆୟୋଗର ଅଧ୍ୟକ୍ଷ ପ୍ରମୋଦ କୁମାର ମେର୍ଦ୍ଦାପ ଆଜି ପୁରୀ ଜିଲ୍ଲା ଗସ୍ତ କରିବା ସହ ଖାଦ୍ୟ ସୁରକ୍ଷା ସମ୍ପର୍କରେ ସମୀକ୍ଷା କରିଥିଲେ । ଅଧ୍ୟକ୍ଷ ଶ୍ରୀ ମେର୍ଦ୍ଦାପ ସର୍କିଟ ହାଉସ ଠାରେ ପହଂଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା । ସମୀକ୍ଷା ବୈଠକରେ ଜିଲ୍ଲାପାଳ ସମର୍ଥ ବର୍ମା ଖାଦ୍ୟ ସୁରକ୍ଷା ସମ୍ପର୍କରେ ଜିଲ୍ଲାର ପଦକ୍ଷେପ ଓ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ । ଅଧ୍ୟକ୍ଷ ଶ୍ରୀ ମେର୍ଦ୍ଦାପ ଏଥିରେ ଅଧ୍ୟକ୍ଷତା କରିବା ସହ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ପ୍ରକୃତ ହିତାଧିକାରୀ ଯେପରି ସୁବିଧା ପାଆନ୍ତି ଓ କୌଣସି ଯୋଗ୍ୟ ହିତାଧିକାରୀ ବଂଚିତ ନ ହୁଅନ୍ତି ସେଥିପ୍ରତି ଜିଲ୍ଲା ପ୍ରଶାସନ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ଅପରପକ୍ଷରେ ଯଦି ଏ ସମ୍ପର୍କରେ କୌଣସି ଅଭିଯୋଗ ଆସୁଛି ତେବେ ତ୍ୱରାନ୍ୱିତ ପ୍ରକ୍ରିୟାରେ ତାହାର ସମାଧାନ କରିବାକୁ ସେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏହି ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଖାଦ୍ୟ ସୁରକ୍ଷାର ଜିଲ୍ଲା ଅଭିଯୋଗ ସମାଧାନ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଖାଦ୍ୟ ସୁରକ୍ଷା ଆୟୋଗର ସଦସ୍ୟା ସଚିବ ଶିବାନୀ ମହାନ୍ତି, ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ କୁମାର ହୋତା ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ପରେ ଅଧ୍ୟକ୍ଷ ଓ ସଦସ୍ୟ କେତେକ ସୁଲଭ ଖାଉଟି ବିକ୍ରୟ କେନ୍ଦ୍ର ଓ ମୁଖ୍ୟ ଚିକିତ୍ସାଳୟର ଏନଆରସି କେନ୍ଦ୍ର ପରିଦର୍ଶନ କରିଥିଲେ ।

## ଅନନ୍ୟ ବିଦ୍ୟାଳୟ : ବକୁଳବନ

(ପୃଷ୍ଠା-୪ର ଅବଶିଷ୍ଟାଂଶ)ବନ ବିଦ୍ୟାଳୟର ଆଦର୍ଶବାଦ ଶିକ୍ଷା ସୁଦୂର ପ୍ରସାରି ହେଲା । ଓଡ଼ିଶାର ଜାତୀୟ ଜୀବନରେ ଏହା କ୍ରମେ ପ୍ରଭାବ ବିସ୍ତାର କରିବାକୁ ଲାଗିଲା । ବିହାର ଓଡ଼ିଶାର ତତ୍କାଳୀନ ଲାଟ ସାର୍ ଏଡ୍ ୱାର୍ଡ, କଲିକତା ବିଶ୍ୱବିଦ୍ୟାଳୟର କୁଳପତି, ଓଡ଼ିଶା ଶିକ୍ଷା ବିଭାଗର ନିର୍ଦ୍ଦେଶକ, ବଙ୍ଗଳା ନବ୍ୟ ଭାରତର ସମ୍ପାଦକ, ଅନେକ ବିଶିଷ୍ଟ ଶିକ୍ଷାବିତ୍ଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ବିଶେଷକରି ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସମୟରେ (୧୯୨୧) ବିଦ୍ୟାଳୟର ସମୟନୁବର୍ତ୍ତିତା, ପ୍ରେମ ଓ ଭାତୃତ୍ୱଭାବ ଦ୍ୱାରା ପ୍ରଭାବିତ ହୋଇଥିଲେ। ବାସ୍ତବିକ ଏହା ଥିଲା ଓଡ଼ିଶାରର ନାଳନ୍ଦା ।

ସମୟ ସ୍ରୋତରେ ସବୁ କିଛି ପରିବର୍ତ୍ତନ ହୋଇଯାଇଛି। ଠିକ ସେହିପରି କାଳର କରାଳ ଗତିରେ ଓଡ଼ିଶାରେ ସତ୍ୟବାଦୀ ବନବିଦ୍ୟାଳୟର ବିଲୟ ହୋଇଯାଇଛି। ବିଦ୍ୟାଳୟଟି ଦିନେ ଏହିପରି ଏକ ଉଜ୍ଜଳ ଜାତୀୟ ଇତିହାସ ସୃଷ୍ଟି କରୁକରୁ ନିଜେ ହିଁ ଜାତୀୟ ଐତିହର ପାରମ୍ପରିକ ଧାରାରେ ଇତିହାସ ପାଲଟି ଯାଇଛି । ପ୍ରାଣ ପ୍ରତିଷ୍ଠାତାଙ୍କ ସହ ସମସ୍ତ ଶିକ୍ଷକଙ୍କ ଜାତୀୟ ସଂଗ୍ରାମ ରେ ଝାସ ଯୋଗୁଁ ବନବିଦ୍ୟାଳୟ କାଳ ଗର୍ଭରେ ଲୀନ ହୋଇଗଲାଣି । ସରକାରଙ୍କର ଉଦାସୀନତା, ଓଡ଼ିଶା ବାସୀଙ୍କ ହୀନ ମାନସିକତା, ଚାକିରି ସର୍ବସ୍ୱ ପାଠ ପଢା, ପାଶ୍ଚାତ୍ୟ ଭାବଧାରା ଯୋଗୁଁ ଦକ୍ଷତା ବିକାଶର ଏକ୍ତୁଡ଼ିଶାଳ ଆଜି ବିଲୁପ୍ତ ପ୍ରାୟ । ବନ ବିଦ୍ୟାଳୟ ଟି ତାର ଅଳ୍ପାୟୁ ଭିତରେ ବି କେବଳ ଶିକ୍ଷାର ମୌଳିକ ପ୍ରୟୋଗ କ୍ଷେତ୍ରରେ ଅସାଧାରଣ ନଥିଲା, ଓଡ଼ିଆ ଭାଷା ସାହିତ୍ୟକୁ ମଧ ଯେଉଁ ଅମୂଲ୍ୟ ଅବଦାନ ଦେଇ ଯାଇଛି ତାର ଦୃଷ୍ଟାନ୍ତ ନାହିଁ । ଦେଶ ପ୍ରେମ ଯାଗ୍ରତକାରୀ ଅନୁଷ୍ଠାନ ଭାବେ ଏହାର ସ୍ୱୟଂ ସମ୍ପୂର୍ଣ୍ଣ କୀର୍ତ୍ତି ଏବେ ବି ଅକ୍ଷୁର୍ଣ୍ଣ । ଓଡ଼ିଶା ବାସୀଙ୍କ ମନରେ ଏହା ଭାବବିଶେଷ ରୂପରେ ପ୍ରାଣବନ୍ତ ହୋଇରହିଛି। ଅନନ୍ୟ ସେ ବିଦ୍ୟାଳୟ । ଧନ୍ୟ ତାର ଆଦର୍ଶ ।

ଅଧ୍ୟାପକ, ବାଣିଜ୍ୟ ବିଭାଗ, କଟକ

## ଭଦ୍ରକ ସାଂସ୍କୃତିକ ମହୋତ୍ସବର ୮ମ ସଂଧ୍ୟା

ଭଦ୍ରକ,୧୦/୦୧ (ନି.ପ୍ର): ଯେଉଁ ଦେଶର ଶିକ୍ଷା ନୀତି ଯେତେ ଉତ୍କୃଷ୍ଟ, ସେହି ଦେଶ ସେତିକି ବିଭବଶାଳୀ। ଦେଶ ସ୍ୱାଧିନତା ପାଇବାକୁ ଇତିମଧ୍ୟରେ ୭୫ ବର୍ଷ ବିତିଯାଇଥିଲେ ମଧ ଦେଶରେ ଏକ ନିର୍ଦ୍ଦିଷ୍ଟ ଶିକ୍ଷା ନୀତି ନାହିଁ। ବିଶେଷକରି ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ଶିକ୍ଷା ଦାନ କ୍ରମଶଃ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଯାହାକି ବହୁ ସମୟରେ ଦେଶର ମାନବ ସମ୍ବଳ ଗଠନ ଦିଗରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ତେଣୁ ସମଗ୍ର ଦେଶରେ ଏକକ ଶିକ୍ଷାନୀତି ପ୍ରଣୟନ କରିବା ଆବାଶ୍ୟକ ବୋଲି ଐତିହାସିକ ଗାନ୍ଧୀ ପଡ଼ିଆ ଠାରେ ଭଦ୍ରକ ସାଂସ୍କୃତିକ ମହୋତ୍ସବର ୮ମ ସଂଧ୍ୟାର ଏକ ସ୍ୱତନ୍ତ୍ର ଆଲଚନାଚକ୍ରରେ ମତ ପ୍ରକାଶ ପାଇଛି। ମହୋତ୍ସବ କମିଟିର ସଭାପତି ରବି ନାରାୟଣ ଖିଲାରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଆଲୋଚନାଚକ୍ରରେ ବରିଷ୍ଠ ପ୍ରାଧ୍ୟାପକ ସମୀର ହୁଇ ମୁଖ୍ୟ ଅତିଥି, କଳାକାର ନିମାନନ୍ଦ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରିଷ୍ଠ ସଦସ୍ୟା କଳ୍ପନା ଜେନା ମଞ୍ଚ ଆହ୍ୱାନ, ଚୈତାଳୀ ଖିଲାର ସ୍ୱାଗତ ଭାଷଣ, ବରିଷ୍ଠ ସଦସ୍ୟ ଜଗବନ୍ଧୁ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ, ମନୋରମା ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ସ୍ଥାନୀୟ ନାଟ୍ୟ ସଂସ୍ଥାମାନଙ୍କ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଶୀତଦିନେ ଟି-ସାର୍ଟ ପିନ୍ଧିବାର....

ଆଉ ମଧ୍ୟପ୍ରଦେଶରେ ଏହି ଯାତ୍ରା ପ୍ରବେଶ କରିବା ବେଳେ ଶୀତ ଆରମ୍ଭ ହୋଇଥିଲା । ଭାରତ ଯୋଡ ଯାତ୍ରା ବେଳେ ତିନିଜଣ ଛୋଟ ପିଲା ତାଙ୍କ ଫଟୋ ଉଠାଇବାକୁ ଆସିଥିଲେ ବୋଲି ରାହୁଲ କହିଛନ୍ତି । ଏହି ପିଲାମାନେ ଚିରା ଫଟା ପୋଷାକ ପିନ୍ଧିଥିଲେ । ଶୀତରେ କମ୍ପୁଥିଲେ ଏହି ଛୋଟପିଲା । ଏହାକୁ ଦେଖି ରାହୁଲଙ୍କ ମନ ପରିବର୍ତନ ହୋଇଥିଲା ବୋଲି କହିଛନ୍ତି । ରାହୁଲ ଗାନ୍ଧୀଙ୍କ ଭାରତଯୋଡ଼ ଯାତ୍ରା ଦୀର୍ଘ ୧୦୦ ଦିନରୁ ଅଧିକ ଦିନ ହେବ ଚାଲିଛି । ବହୁ ବାଦ ବିବାଦ ପରେ ମଧ ରାହୁଲ ଗାନ୍ଧୀ ଭାରତଯୋଡ଼ ଯାତ୍ରା ଜାରି ରଖିଛନ୍ତି । ତେବେ ହରିୟାଣାର ଅମ୍ବାଲା ଠାରେ ଭାରତଯୋଡ଼ ଯାତ୍ରା ସମୟରେ ଏକ ସଭାରେ ରାହୁଲଙ୍କ ଟି-ସାର୍ଟ ପିନ୍ଧିବା କାହାଣୀ କହିଛନ୍ତି । ଅନେକ ସମୟରେ ରାହୁଲଙ୍କ ଟି-ସାର୍ଟକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି । ବିଜେପି ସମେତ ଅନେକ ବ୍ୟକ୍ତିବିଶେଷ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଆଉ ଏହି ପ୍ରଶ୍ନର ଉତ୍ତର ରଖି ବିବାଦର ପୂର୍ଣ୍ଣଚ୍ଛେଦ ପକାଇବାକୁ ପ୍ରୟାସ କରିଛନ୍ତି ରାହୁଲ । ଯେବେ ସେ ଶୀତରେ ଥରିବେ ସେତେବେଳେ ସ୍ୱେଟର ପିନ୍ଧିବା କଥା ଚିନ୍ତା କରିବେ ବୋଲି କହିଛନ୍ତି ରାହୁଲ ଗାନ୍ଧୀ । ତିନି ଛୋଟ ପିଲା ସ୍ୱେଟର ନପିନ୍ଧିବା କଥା କହି ରାହୁଲ ଦାରିଦ୍ର୍ୟ କଥାକୁ ସାମ୍ନାକୁ ଆଣିଛନ୍ତି ।

### ପିଶାଚ ପାଲଟିଲେ ବାପା....

ତାଙ୍କ ବାପା ଦ୍ୱିତୀୟ ବିବାହ କରିଥିଲେ । ଏହାପରେ ସୋନାଲିଙ୍କ ଉପରେ ଆରମ୍ଭ ହୋଇଯାଇଥିଲା ନିର୍ଯାତନା । ତାଙ୍କ ବାପା, ସାବତ ମା ଓ ସାବତ ମାଆଙ୍କ ଭାଇ ନିର୍ଯାତନା ଦେଉଥିଲେ । ସେ ଘରକୁ ଆସି ସମସ୍ୟାର ସମାଧାନ କରୁଥିଲେ । ନିଜ ଉଭଣୀକୁ ଗୋପ କଲେଜରେ ପାଠ ବି ପଢାଉଥିଲେ । ଶନିବାରଦିନ ମୃତ୍ୟୁ ଖବର ପାଇଥିଲେ ରଞ୍ଜିତା । ସୋନାଲିଙ୍କୁ ତାଙ୍କ ବାପା , ସାବତ ମାଆ ଓ ସାବତ ମାଆଙ୍କ ଭାଇ ମିଳିମିଶି ମାରିଦେଇଥିବା ରଞ୍ଜିତା ଅଭିଯୋଗ କରିଛନ୍ତି । ସୋନାଲିଙ୍କୁ ମାରିଦେଇ ପ୍ରମାଣ ନଷ୍ଟ ପାଇଁ ରାତିଅଧିରେ ପୋଡି ଦେଇ ପରିବାର ଲୋକେ ପାଉଁଶ ଓ ଅସ୍ଥିକୁ ଗାଏବ କରଦେଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପରେ ହତ୍ୟା ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି । ସୋନାଲିଙ୍କ ବାପାଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ତେବେ ସୋନାଲିଙ୍କ ମୃତ୍ୟୁ ନେଇ ଭିନ୍ନ ଭିନ୍ନ କଥା ଶୁଣିବାକୁ ମିଳୁଛି । ନିଜ ନାଁ ନ ନେଇ କିଛି ଲୋକ କହିଛନ୍ତି, ବାପା , ସାବତ ମାଆ ମାଡ ମାରିବା ପରେ ସୋନାଲି ଅଚେତ ହୋଇପଡିଥିଲେ । ଆଉ ତରବରିଆ ଭାବେ ପରିବାର ଲୋକେ ପୋଡି ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରିଥିଲେ । ଏଭଳି ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

### ୧୭ତମ 'ପ୍ରବାସୀ ଭାରତୀୟ ଦିବସ- ୨୦୨୩'ର....

ଏକ ସରଳ ମଡେଲ ସହ ମଲଟିପଲ ଏଣ୍ଟ୍ରି- ମଲଟିପଲ ଏକ୍ସିଟ ଓ ସ୍କିଲିଂ ମାର୍ଗର ପରିକଳ୍ପନା କରାଯାଇଛି । ପ୍ରଥମ ଶ୍ରେଣୀରୁ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ଦକ୍ଷତା କ୍ଷେତ୍ରରେ କ୍ରେଡିଟ୍ ଫ୍ରେମୱାର୍କରେ ଯୋଡାଯିବାର ବ୍ୟବସ୍ଥା ହୋଇଛି । ସାମ୍ପ୍ରତିକ ସମୟରେ ପ୍ରଯୁକ୍ତିବିଦ୍ୟା ନୂଆ ସୁଯୋଗ ତିଆରି କରୁଛି । ସ୍କିଲିଂ ହେଉଛି ଜୀବନବ୍ୟାପୀ ଶିକ୍ଷା ଆହରଣର ଏକ ପ୍ରକ୍ରିୟା । ଟେକ୍ନୋଲୋଜି ଆମ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ରହି ସମଗ୍ର ବିଶ୍ୱକୁ ଦେଖିବାର ସୁଯୋଗ ଦେଉଛି । ପ୍ରବାସୀ ଭାରତୀୟଙ୍କ ଉପରେ ପ୍ରଧାନମନ୍ତ୍ରୀ ଆସ୍ଥାପ୍ରକଟ କରିଛନ୍ତି । ଆମର ପ୍ରବାସୀ ଭାରତୀୟମାନେ କେବଳ ରୋଜଗାର କରିବା ଏବଂ ଆର୍ଥିକ ସୁଯୋଗ ମିଳିବାର ଲକ୍ଷ୍ୟରେ ନ ରହି ମାନବତାର ସେବା ପାଇଁ ଆଗେଇ ଆସିବା ଦରକାର ।

### ଆକ୍ରନମୋଡ଼ରେ ଉତ୍ତରାଖଣ୍ଡ....

ନିଆଯିବାକୁ ସେ ଏଥିରେ ଦାବି କରିଛନ୍ତି । ଯୋଶୀମଠରେ ଆତଙ୍କ ଜାରିରହିଛି ସେପଟେ ନୈନିତାଲ, କର୍ଣ୍ଣପ୍ରୟାଗ, ଚମ୍ପାବତ ସହ ଅନ୍ୟ କିଛି ସହରରେ ମଧ ସମାନ ସମସ୍ୟା ଦେଖାଦେଇଛି । ରାଜ୍ୟ ଓ କେନ୍ଦ୍ର ସରକାର ସଙ୍କଟର ମୁକାବିଲା ପାଇଁ ପ୍ରସ୍ତୁତି କରିଛନ୍ତି । ତେବେ ପ୍ରଶ୍ନ ଉଠୁଛି ପୂର୍ବରୁ ଏହି ସମସ୍ୟା ଆସିବ ବୋଲି ଅନୁମାନ କରାଯାଇଥିଲା । ବରିଷ୍ଠ ଭୂତ୍ୱବିତ ଓ ବୈଜ୍ଞାନିକ ଘର ଦବିବା, ରାସ୍ତାଫାଟିବା ଓ ଏଭଳି ଅନେକ ସମସ୍ୟା ନେଇ ସତର୍କ ମଧ କରାଇଥିଲେ । ତେବେ କଣ ପାଇଁ ସ୍ଥାନୀୟ ପ୍ରଶାସନ ଏହା ଉପରେ ଧ୍ୟାନ ଦେଇନଥିଲେ ।

## କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭଦ୍ରକ,୧୦/୦୧ (ନି.ପ୍ର): ସ୍ଥାନୀୟ କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡିଶା ସରକାରଙ୍କ ଗଣଶିକ୍ଷା ବିଭାଗ ତରଫରୁ ଏକାଦଶ ଶ୍ରେଣୀର ବାଳିକା ମାନଙ୍କ ପାଇଁ ଆତ୍ମ-ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ଗ୍ଳବି। ଉଦ୍‌ଘାଟନ ଉତ୍ସବରେ ପୂର୍ବତନ କାଉପୁର ପଞ୍ଚାୟତର ସମିତି ସଭ୍ୟା ଅତିଥି ରୂପେ ଉପସ୍ଥିତ ରହି ଏହି ଆଠ ଦିନ ବ୍ୟାପୀ କାର୍ଯ୍ୟକ୍ରମଟିକୁ ସଫଳ ଭାବରେ ଶେଷ କରିବା ପାଇଁ ନିଜ ବକ୍ତବ୍ୟରେ କହିଥିଲେ। ପ୍ରଶିକ୍ଷିକା ଭାବରେ ମନୋରମା ରାଉତ ଓ କବିତା ନାୟକ ଛାତ୍ରୀମାନଙ୍କର ବିଭିନ୍ନ ଆତ୍ମ ସୁରକ୍ଷା କୌଶଳ ବିଷୟରେ ଅବଗତ କରାଇବା ସଙ୍ଗେ ସଙ୍ଗେ କେତେକ କୌଶଳ ଶିଖାଇଥିଲେ। ଅଧକ୍ଷ ରାଜେନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମଟିକୁ ସଠିକ୍ ରୂପେ ପରିଚାଳନା ନିମିତ୍ତ ନିର୍ଦ୍ଦେଶ ଦେଇଥିଲେ।

## ଚନ୍ଦା କୋଚର ଏବଂ ତାଙ୍କ ସ୍ୱାମୀ ଦୀପକ କୋଚର ଜେଲରୁ ମୁକୁଳିଲେ

ମୁମ୍ବାଇ,୧୦/୦୧ (ନି.ପ୍ର): ଋଣ ଠକେଇ ମାମଲାରେ ହାଇକୋର୍ଟଙ୍କ ଜାମିନ ପାଇବା ପରେ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ତଥା ପରିଚାଳନା ନିର୍ଦ୍ଦେଶକ ଚନ୍ଦା କୋଚର ଏବଂ ତାଙ୍କ ସ୍ୱାମୀ ଦୀପକ କୋଚରଙ୍କୁ ମଙ୍ଗଳବାର ଜେଲରୁ ମୁକ୍ତ କରାଯାଇଛି। ଆଜି ସକାଳେ ଚନ୍ଦା କୋଚରଙ୍କୁ ଭାଇଖଲା ମହିଳା ଜେଲରୁଏବଂ ଦୀପକ କୋଚରକୁ ଆଇନଗତ ପ୍ରକ୍ରିୟା ଶେଷ କରିବା ପରେ ଆର୍ଥର ରୋଡ଼ ଜେଲରୁ ମୁକ୍ତ କରାଯାଇଥିଲା।

## ରବୀନ୍ଦ୍ର ମାନଧାତା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ



ଖୋର୍ଦ୍ଧା,୧୦/୦୧ (ନି.ପ୍ର): ମଳିପଡା ବଜରଙ୍ଗି ଫୁଟବଲ ଆସୋସିଏସନ ଦ୍ୱାରା ଆୟୋଜିତ ରବିନ୍ଦ୍ର ମାନଧାତା ସ୍ମାରକୀ ଦ୍ୱିତୀୟ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଂଟ ଉଦଘାଟିତ ହୋଇଛି। ଆଜି ଦୁଇଟି ମ୍ୟାଚ ଖେଳ ହୋଇଛି । ପ୍ରଥମ ମ୍ୟାଚ ମଳିପଡା ଏବହ ଖୋର୍ଦ୍ଧା ଟିମ ମଧ୍ୟରେ ହୋଇଥିଲା । ମଳିପଡା ଟିମ୍ ପେନାଲଟି ସୁଟ ଆଉଟରେ ୪-୩ରେ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ ରଣପୁର ଏବଂ ନୟାଗଡ ଟିମ ମଧ୍ୟରେ ହୋଇଥିଲା । ଏଥିରେ ରଣପୁର ଟିମ୍ ୩-୨ଗୋଲରେ ବିଜୟୀ ହୋଇଛି । ଉଦଘାଟନୀ ମ୍ୟାଚରେ ବିଜୁ ମହିଳା ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡେଇତରାୟ, ବରିଷ୍ଠ ଖେଳ ପ୍ରଶିକ୍ଷକ ଫକୀର ଚରଣ ନିଶଙ୍କ, ମଳିପଡାର ପୂର୍ଣ୍ଣଚନ୍ଦ୍ର ମାନଧାତା, ଲଲାଟେନ୍ଦୁ ଚମ୍ପତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଆଜିର ମ୍ୟାଚରେ ଟୁଟୁ ଦାସ ରେଫରୀ କାର୍ଯ୍ୟ ତୁଲାଇଥିବାବେଳେ ଲାଇନମ୍ୟାନ ଭାବେ ସୁମନ୍ତ ସୁବୁଦ୍ଧି ବେହେରା, ହେମନ୍ତ ଦାସ ପ୍ରମୁଖ କାର୍ଯ୍ୟ କରିଥିଲେ।

## ମାତୃ ସାଧନା କେନ୍ଦ୍ରର ଦ୍ୱାଦଶ ବାର୍ଷିକ ଉତ୍ସବ ପାଳିତ

ଉଦଳା,୧୦/୦୧ (ନି.ପ୍ର): ଉଦଳାରେ ଗଢ଼ି ଉଠିଥିବା ଶ୍ରୀମା-ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନ, ମାତୃ ସାଧନା କେନ୍ଦ୍ରର ଦ୍ୱାଦଶ ବାର୍ଷିକ ଉତ୍ସବ ଚଳିତ ଜାନୁଆରୀ ୧୦ ତାରିଖ ମଙ୍ଗଳବାର ଦିନ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ମାସ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା। ସକାଳ ୭ ଘଟିକାରେ ଆଧ୍ୟାତ୍ମିକ ପତାକା ଉତୋଳନ, ୧୦ ଘଟିକାରେ ସମୂହ ଧାନ ଓ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଏହା ପରେ ସାଧାରଣ ସଭା ଆରମ୍ଭ ହୋଇଥିଲା। ମାତୃ ସାଧନା କେନ୍ଦ୍ରର ସଭାପତି ଗୋପିନାଥ ଶା ଏଥିରେ ଅଧକ୍ଷତା କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଯୋଗୀ ଶ୍ରୀ ଅରବିନ୍ଦ କିପରି ଅଖଣ୍ଡ ଭାରତର ସ୍ୱପ୍ନ ଦେଖିଥିଲେ ବର୍ଣ୍ଣନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ପ୍ରକାଶ ଚନ୍ଦ୍ର ମହାପାତ୍ର ଓ ବାରିପଦା ଶ୍ରୀ ଅରବିନ୍ଦ ଟ୍ରଷ୍ଟର ଟ୍ରଷ୍ଟି ଗଣେଶ ପ୍ରସାଦ ମହାପାତ୍ର ଯଥାକ୍ରମେ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଶ୍ରୀ ଅରବିନ୍ଦଙ୍କ ଦର୍ଶନ ଉପରେ ବିସ୍ତୃତ ବକ୍ତବ୍ୟ ପ୍ରଦାନ କରିଥିଲେ । ମାତୃ ସାଧନ କେନ୍ଦ୍ରର ସଂପାଦିକା ସୁଜାତା ମହାଳିକ ବିବରଣୀ ପାଠ କରିଥିଲେ। ପରେ ପୁରସ୍କାର ବିତରଣ ପର୍ବ ଅନୁଷ୍ଠିତ ହୋଇଥିଲା । ମାତୃ ସାଧନା କେନ୍ଦ୍ରର ଅଧକ୍ଷା ସନ୍ତୋଷିନୀ ମହାନ୍ତି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ଦୁର୍ଗାମଣି ପରିଡ଼ା, ପାର୍ବତୀ ତ୍ରିପାଠୀ, ପ୍ରଜ୍ଞାପରମିତା ମହାଳିକ, ଚନ୍ଦ୍ରିକା ପାତ୍ର, କଲ୍ୟାଣି ମହାପାତ୍ର, ମୁରଲିଧର ସିଂ, ଦିଲ୍ଲିପ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଟ୍ରାଫିକ ସମସ୍ୟା ନେଇ ଏସପିଙ୍କ ଭେଟିଲା ହେଲପିଙ୍ଗ ସୋସାଇଟି

ବାଲେଶ୍ୱର,୧୦/୦୧ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ସାମାଜିକ ସଂଗଠନ 'ହେଲପିଙ୍ଗ ସୋସାଇଟି'ର ଏକ ପ୍ରତିନିଧି ଦଳ ନୂଆ ଭାବେ ଦାୟତ୍ୱ ଗ୍ରହଣ କରିଥିବା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସାକ୍ଷାତ ଆଲୋଚନା ବେଳେ ସହର ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ସମ୍ପର୍କରେ ସଂଗଠନର କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ। ବିଶେଷ କରି ସହରର ଓଟି ରୋଡ଼ରେ ଥିବା ଟ୍ରାଫିକ ପୋଷ୍ଟ ଗୁଡ଼ିକରେ ଟ୍ରାଫିନ ନିୟମର ସଠିକ ପାଳନ ନହେବା, ଜରୁରୀକାଳୀନ ଲେନ ଦୁଇଚକିଆ ଯାନରେ ଜାମ ରହିବା ଫଳରେ ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ଦୀର୍ଘ ସମୟ ଧରି ଅଟକି ରହିବା, ଟ୍ରାଫିକ ପୋଷ୍ଟରେ ଜେବ୍ରା କ୍ରସିଂ ନ ଥିବାରୁ ଯିଏ ଯେମିତି ପାରୁଛି ସେମିତି ଠିଆ ହେଉଛି, ଟ୍ରାଫିକ ପୋଷ୍ଟରେ ସିଗନାଲରେ ଟାଇମିଂ ଠିକ ନରହିବା, ଟ୍ରାଫିକ ପୋଷ୍ଟ ସିସି କ୍ୟାମେରା ଅଚଳ ହୋଇପଡ଼ିବା, ଫାଣ୍ଡିଛକର-ମୋତିଗଞ୍ଜ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ବେଆଇନ ଗାଡ଼ି ପାର୍କିଂ ହେବା ଆଦି ପ୍ରସଙ୍ଗ ଉପରେ ସଂଗଠନର କର୍ମକର୍ତ୍ତାମାନେ ଏସପିଙ୍କୁ ସୂଚନା ଦେଇଥିଲେ। ଏନେଇ ସଂଗଠନ ପକ୍ଷରୁ ଏକ ଦାବିପତ୍ର ଏସପିଙ୍କୁ ପ୍ରଦାନ କରାଯାଇଛି।

## ବସ୍ତାରେ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନା ରଥକୁ ସ୍ୱାଗତ

ବସ୍ତା,୧୦/୦୧ (ନି.ପ୍ର): ବସ୍ତାରେ ଆଜି ପୋଷ୍ୟ ସନ୍ତାନ ଗ୍ରହଣ ସଚେତନା ରଥକୁ ସ୍ୱାଗତ କରାଯାଇଥିଲା । ପ୍ରଥମେ ବ୍ଲକ ପରିସରକୁ ଯାଇ ପରେ ବସ୍ତା ବଜାର ପରିକ୍ରମାକରି ବସ୍ତା ରେଳ ଷ୍ଟେସନଠାରେ ବସ୍ତା ସିଡିପିଓ ବିପ୍ରିରାଣୀ ସିଂ ନେତୃତ୍ୱରେ ଅଙ୍ଗନୱାଡ଼ି କର୍ମୀ ଏସଏଜି ଗ୍ରୁପର ମହିଳାମାନେ ଲୋକମାନଙ୍କୁ ସଚେତନାର ବାର୍ତ୍ତା ଦେବାର ଦେଖାଯାଇଲା।

## ସାମ୍ବାଦିକଙ୍କ ପିତୃ ବିୟୋଗ



ପାରାଦୀପ,୧୦/୦୧ (ନି.ପ୍ର): ପାରାଦୀପ ବନ୍ଦରର ଅବସରପ୍ରାପ୍ତ ହେଡ୍ ଆସିଷ୍ଟାଣ୍ଟ ଜଗନ୍ନାଥ ମିଶ୍ରଙ୍କର ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଛି । ସ୍ୱର୍ଗତ ମିଶ୍ରଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ୪ ପୁଅ, ବୋହୂ ଏକମାତ୍ର କନ୍ୟା ଓ ନାତିନାତୁଣୀ ମାନେ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଜ୍ୟେଷ୍ଠ ପୁତ୍ର ମୃତ୍ୟୁଞ୍ଜୟ ମିଶ୍ର ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ପାରାଦୀପ ସମେତ କୁଜଙ୍ଗ ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ସ୍ୱର୍ଗତ ମିଶ୍ରଙ୍କ ପୁତ୍ର ସଂଜୟ ମିଶ୍ର ଦୈନିକ ସମ୍ବାଦପତ୍ର ବିଶ୍ୱବାଣୀର ପାରାଦୀପ ପ୍ରତିନିଧି ଭାବେ କାର୍ଯ୍ୟରତ ଓ ପାରାଦୀପରେ ଆଇନଜୀବୀ ଭାବେ ପରିଚିତ । ବିଶ୍ୱବାଣୀର ସମ୍ପାଦକ ଅର୍ଜୁନ କୁମାର ମୁଦୁଲି, ପାରାଦୀପର କାର୍ଯ୍ୟରତ ସାମ୍ବାଦିକ, ପାରାଦୀପ ବାର ଆସୋସିଏସନର ଆଇନଜୀବୀ, ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳ, ଯୁବ ସଂଗଠକ ଗୋଲେଖ ସାହୁ, ଆଶିସ ମହାପାତ୍ର, ସାମ୍ବାଦିକ ଶଶାଙ୍କ ଆଚାର୍ଯ୍ୟ, ରବିନ୍ଦ୍ର ଜେନା, ଜଗନ୍ନାଥ ଶତପଥି, ସୁଧାଂସୁ ନାୟକ, ଦୀପକ ଦାସ, ରତ୍ନାକର ଜେନା, ତ୍ରିଲୋଚନ ମହାପାତ୍ର ପ୍ରମୁଖ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଛନ୍ତି।

## ମଧ୍ୟପ୍ରଦେଶର ଖଣ୍ଡୱାରୁ ଆଇଏସଆଇଏସ ସହିତ ଜଡ଼ିତ ଜଣେ ଆତଙ୍କବାଦ ଗିରଫ

ଖଣ୍ଡୱା,୧୦/୦୧ (ନି.ପ୍ର):- ପଶ୍ଚିମବଙ୍ଗର ସ୍ପେଶାଲ ଟାସ୍କ ଫୋର୍ସ ମଧ୍ୟପ୍ରଦେଶର ଖଣ୍ଡୱାରୁ ଆତଙ୍କବାଦୀ ସଂଗଠନ ଇସଲାମିକ ଷ୍ଟେଟ ଅଫ୍ ଇରାକ ଏବଂ ଲେଭେଂଟ କିମ୍ବା ଇସଲାମିକ ଷ୍ଟେଟ୍ ଅଫ୍ ଇରାକ୍ ଏବଂ ସିରିଆ (ଆଇଏସ) ର ଜଣେ ଯୁବକଙ୍କୁ ଗିରଫ କରିଛି । ପୋଲିସ ତାଙ୍କୁ ସାଙ୍ଗରେ କଲିକତା ନେଇଛି ।

## ରାଇରଙ୍ଗପୁର ଠାରେ ଉପଖଣ୍ଡ ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର



ରାଇରଙ୍ଗପୁର,୧୦/୦୧ (ନି.ପ୍ର): ଆଜି ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି । ବାମନଘାଟି ଉପଜିଲ୍ଲାପାଳ ସରୋଜ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ୱକ୍ଷବଧାନରେ ଆୟୋଜିତ ତଥା ମୟୁରଭଂଜ ଜିଲ୍ଲପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଉମାକାନ୍ତ ମହାରଣା, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ତଥା ରାଇରଙ୍ଗପୁର ସମ୍ବନ୍ଧିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ହେମନ୍ତ କୁମାର ସିଂ, ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳା ନନ୍ଦ ସାହୁ ଓ ଉପଖଣ୍ଡ ଚିକିତ୍ସା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଶିବିରରେ ମୋଟ ୫୮ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୪୭ ଟି ବ୍ୟକ୍ତିଗତ ଏବଂ ୧୧ଟି ସାମୁହିକ ସମସ୍ୟା ଭିତିକ ଅଭିଯୋଗ ଥିଲା । ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ, ଗୋଟିଏ ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଆବେଦନକାରିଙ୍କୁ ୧୦ ହଜାର ଟଙ୍କା ସହାୟତା ରାଶି ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ମଂଜୁର କରାଯାଇଛି । ଅନ୍ୟାନ୍ୟ ଅଭିଯୋଗ ଗୁଡିକର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶିବୀରରେ ଉପଖଣ୍ଡ ଅଧିନସ୍ଥ ସମସ୍ତ ଉପଖଣ୍ଡ ସ୍ତରୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନଙ୍କ ଦ୍ୱାରା ଶିବିର କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା ।

## ବାରିପଦାରେ ନୂତନ ଭଂଜପୁର ଥାନା ଉଦ୍‌ଘାଟିତ



ବାରିପଦା,୧୦/୦୧ (ନି.ପ୍ର): ଆଜି ବାରିପଦା ସହରର ୨ୟ ଭଂଜପୁର ନୂତନ ଥାନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଚ୍ଚୁଆଲ ମୋଡ଼ରେ ଉଦ୍‌ଘାଟନ କରିଛନ୍ତି । ବାରିପଦା ପରେଡ ପଡିଆ ସ୍ଥିତ ପୁରୁଣା ଜିଲ୍ଲା ପୋଲିସ ଅଫିସ ପରିସର ରେ ଆଜିର ଉଦଘାଟନୀ ଉତ୍ସବରେ ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଏସପି ରିଶିକେଶ ଦ୍ୟାନଦେଓ ଖିଲାରୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ମରୋଡା ବିଧାୟକ ରାଜକିଶୋର ଦାସ, ବାଙ୍ଗିରିପୋଷୀ ବିଧାୟକ ସୁଦାମ ମାରାଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ନୂତନ ଉଦଘାଟିତ ଭଂଜପୁର ଥାନାର ଥାନା ଅଧିକାରୀ ଭାବରେ ବିରେନ୍ଦ୍ର କୁମାର ସେନାପତି ନିଯୁକ୍ତ ହୋଇଥିବାର ଜଣାଯାଇଛି । ଭଂଜପୁର ଥାନାର ନୂତନ କାର୍ଯ୍ୟାଳୟ ଗୃହ ବାରିପଦା କାରାଗାରରେ ନିର୍ମାଣ ହେବାକୁ ଥିବା ନୂତନ କୋର୍ଟ କାର୍ଯ୍ୟାଳୟ କୋଠା ପାଖରେ ଏକ ଏକର ଜାଗାରେ ନିର୍ମାଣ ଯୋଜନା ରହିଥିବା ବେଳେ, ନୂତନ ବିଲ୍ଡିଂ ନିର୍ମାଣ ହେବା ପର୍ଯ୍ୟନ୍ତ ଏହା ପୁରୁଣା ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଚାଲିବ ବୋଲି ଜଣାଯାଇଛି । ରାଜ୍ୟରେ ୩୬ଟି ନୂତନ ଥାନା ପ୍ରତିଷ୍ଠା ହେବା ନେଇ ଗତ ଅଗଷ୍ଟ ୨୮ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ । ଆଜି ନୂତନ ଥାନା ଉଦଘାଟନ ପରେ ଜିଲ୍ଲାର ମୋଟ ଥାନା ସଂଖ୍ୟା ୩୩କୁ ବୃଦ୍ଧି ପାଇଛି । ବାରିପଦା ଟାଉନଥାନା ବିଭକ୍ତ ହୋଇ ଭଂଜପୁର ଥାନା ଗଠିତ ହୋଇଥିବା ବେଳେ, ୨୦୨୧ ମସିହା ନଭେମ୍ବର ୫ ତାରିଖରେ ଏନେଇ ବାରିପଦା ଟାଉନ ଥାନା ପକ୍ଷରୁ ରାଜ୍ୟ ଗୃହ ବିଭାଗକୁ ତଥ୍ୟ ପ୍ରଦାନ କରାଯାଇଥିଲା । ନୂତନ ଭଂଜପୁର ଥାନା ଇଲାକା ଭିତରେ ବାରିପଦା ପୌରପାଳିକାର ୨୮ଟି ୱାର୍ଡରୁ ୧, ୨, ୩, ୧୭, ୧୮, ୧୯, ୨୧, ୨୨, ୨୬ ଓ ୨୭ନଂ ୱାର୍ଡ଼ ସହିତ ବେଲଗଡ଼ିଆ, ଷ୍ଟିଲଗୋଲାଇ, ସତ୍ୟସାଇ ଛକ, ବାଘଡ଼ାରୋଡ଼, ଦାରଗାଡ଼ାହି, ରଘୁନାଥପୁର, ମୁର୍ଗାବାଡ଼ି, ଦାମଦୋରପୁର ହୋଇ ଭଂଜପୁର, ଟାଙ୍କି ସାହି, ବୁଢ଼ିଖମାରୀ, ଭୁଗଡ଼ାକଟା, କୁମ୍ଭାରସାହି, ହରିଜନସାହି, ଯମୁନାଦେଇପୁର, ଭଂଜପୁର ରେଳଷ୍ଟେସନ, ବଳରାମପୁର, କଲୋନୀ, ୱାଲିଗଂଜ, ଠାକୁରାଣୀସାହି, ଫରେଷ୍ଟ କଲୋନୀ,ଏଲଆଇସି କଲୋନୀ, ବିଜୟ ରାମଚନ୍ଦ୍ରପୁର, ରଙ୍ଗପ୍ୟାକ୍ରି, ଇନ୍ଦିରାକଲୋନୀ ଓ କଚେରି ସାହି ଆଦି ଅଂଚଳ ରହିଛି ।


## ବିଜ୍ଞପ୍ତି

ରୁପସା-ବାଙ୍ଗିରିପୋସି ବିଭାଗରେ ନିମ୍ନଲିଖିତ ମାନେଡ୍ ଟ୍ରାଫିକ୍ ସ୍ତର କ୍ରସିଂ 18.01.2023ରୁ ସ୍ଥାୟୀ ଭାବରେ ବନ୍ଦ ରହିବ ।

| L.C. ନା। | ଅବସ୍ଥାନ / କିମି ପୋଷ୍ଟ | ଷ୍ଟେସନ୍ ମଧ୍ୟରେ |
|---|---|---|
| RB-26 | ୩୫/୦୧-୦୨ | ବେତନୋଟି-ଭଞ୍ଜପୁର |

(PR-1000) ବିଭାଗୀୟ ରେଳ ପରିଚାଳକ /ଇଂ 1, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ

ଆମେ ହସଖୁସିରେ ସେବା କରୁ ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, BHADRAK.
ee_rwbdk2@yahoo.co.in
*"e" Procurement Notice for Road & Building Works*
*Identification Online Tender 10/RWD/BDK-II / 2022-23 Dtd.09.01.2023*

1. Name of the Work :- Road & Building Works as per Annexure
2. Total Number of Works :- 11 Nos
3. Approximate Estimated Cost :- Rs 0.84 lakhs - Rs 4.20 lakhs
4. Class of Contractor :- As Per Annexure
5. Period of Completion :- As Per Annexure
6. Other details : - The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Bhadrak | 10 | 13.01.2023 at 4.00 P.M. | 20.01.2023 up to 4.00 P.M | 19.01.2023 up to 3.00 P.M | 21.01.2023 at 11.00 AM |

7. **Further details can be seen from the e-procurement portal "https:// www.tendersorissa.gov.in"**
8. Any other changes / Corrigendum may be seen only in website www.tendersorissa.gov.in

Superintending Engineer
R.W. Division-II, Bhadrak

OIPR : 25090/11/0019/2223

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜିଲ୍ଲାସ୍ତରୀୟ ବୈଧ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ସଚେତନତା ଶିବିର

ବାଲେଶ୍ୱର,୧୦/୦୧ (ନି.ପ୍ର): ବୈଧ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରୋତ୍ସହନ ନିମନ୍ତେ ଜିଲାସ୍ତରୀୟ ପୋଷ୍ୟ ସନ୍ତାନ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ସଦଭାବନା ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ତଥା ଶିଶୁ ସୁରକ୍ଷା ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅଧକ୍ଷତା କରିବା ସହିତ ପୋଷ୍ୟ ସନ୍ତାନ ଗ୍ରହଣରେ ଆଇନଗତ ଜଟିଳତାକୁ ସହଜ କରି ସ୍ୱତନ୍ତ୍ର ଭାବେ କନ୍ୟା ଶିଶୁ ଶୋଷଣ ବନ୍ଦ ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିବା କହିଥିଲେ । ଅନ୍ୟପକ୍ଷରେ ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥାକୁ ଆଗକୁ ନେବାରେ ଶିଶୁ ମଙ୍ଗଳ କମିଟି, ପୁଲିସ, ମହିଳା ଓ ଶିଶୁ ଡେସ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ସୂଚନା ଦେଇଥିଲେ । ବୈଧ ପୋଷ୍ୟ ସନ୍ତାନ ଗ୍ରହଣ ପଦ୍ଧତି ସମ୍ପର୍କିତ ସୂଚନା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ବ୍ୟାପକ ପ୍ରଚାର ପ୍ରାସରର ଆବଶ୍ୟକତା ରହିଛି ବୋଲି ଜିଲାପାଳ ସୂଚନା ଦେଇଥିଲେ ।ଏନେଇ ପ୍ରତ୍ୟେକ ଥାନା, ତହସିଲ, ବ୍ଲକ୍ ଆଦି କାର୍ଯ୍ୟାଳୟ ସମ୍ମୁଖରେ ବୈଧ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ବାର୍ତ୍ତା ସମ୍ବଳିତ ହୋର୍ଡ଼ିଂ ଓ ବ୍ୟାନର ଲଗାଇବା ଏବଂ ୱେବ୍‌ସାଇଟ୍ ମାଧ୍ୟମରେ ଏହାର ପ୍ରଚାର କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ । ବିଶେଷ କରି ସନ୍ତାନ ନଥିବା ପିତାମାତା ତଥା ସାଧାରଣ ଜନତାଙ୍କ ମଧରେ ବୈଧ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ସଚେତନତା ସୃଷ୍ଟି ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଭାଗିରଥି ବାରିକଙ୍କ ସମେତ ସଦସ୍ୟ ଶତ୍ରୁଘ୍ନ ମଲ୍ଲିକ, ଆରକ୍ଷୀ ଉପ ଅଧିକ୍ଷକ ମାନସ ଦେଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ କୁନ୍ତଳା କୁମାରୀ ମଲ୍ଲିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝୀ ଏଥିରେ ଯୋଗ ଦେଇଥିଲେ । ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ସମସ୍ତ ସିଡିପିଓ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ, ଥାନାର ମହିଳା ଓ ଶିଶୁ ଡେସ୍କ ଅଧିକାରୀ, ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ତଥା ଚାଇଲ୍ଡ ଲାଇନ କର୍ମଚାରୀମାନେ ଯୋଗ ଦେଇଥିଲେ । ପ୍ରଥମ ଅଧିବେଶନ ପରେ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ପତାକା ହଲାଇ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ ।

## ସମସ୍ତ ଚୋରୀ ଗହଣା ସହ ଅଭିଯୁକ୍ତ ଗିରଫ

ନୀଳଗିରି,୧୦/୦୧ (ନି.ପ୍ର): ନିଜର ଜନ୍ମିତ ପୁଅ ହୋଇ ନ ଥିଲେ ବି ନିଜର ଧରମପୁଅକୁ ସଦାସର୍ବଦା ସ୍ନେହ, ଭଲପାଇବା ସହ ସମସ୍ତ ପ୍ରକାର ସହଯୋଗ କରି ଅସୁଥିଲା ଧରମ ମାଆ । ମାତ୍ର ସେହି ଧରମ ପୁଅ ଯେ ଦିନେ ଧରମ ମାଆ ସହିତ ବିଶ୍ୱାସଘାତକ କରିବ ତାହା କେହି ବି ବିଶ୍ୱାସ କରିପାରିବେ ନାହିଁ । ଧରମ ମାଆର ପରିବାରଙ୍କ ଅନୁପସ୍ଥିତିରେ ଘରର ଆଜବେଷ୍ଟସ ଛପର ଭାଙ୍ଗି ଘରେ ଥିବା ସମସ୍ତ ସୁନା, ରୂପା ଅଳଙ୍କାର ସହ ଧରମ ମାଆର ମୋବାଇଲଟି ଚୋରି କରି ଫେରାର ହେବା ପରେ ଶେଷରେ ନୀଳଗିରି ପୋଲିସ ହାତରେ ଗିରଫ ହେବା ସହ ସମସ୍ତ ଅଳଙ୍କାର ସହ ଚୋରୀ ମୋବାଇଲକୁ ଜବତ୍ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଥାନା ଅଧୀନସ୍ଥ ରାହୁଲଖୁଂଟା ଗ୍ରାମର ଜମ୍ବୁବାଇ ମହାନ୍ତି (୫୨), ସ୍ୱାମୀ-କମଳାକାନ୍ତ ରାଉତଙ୍କ ପରିବାର ସହ ଅଭିଯୁକ୍ତ ଧରମପୁଅ ଭଲ ସଂପର୍କ ରଖି ଆସୁଥିଲା । ଏପରିକି ଜମ୍ବୁବାଇକୁ ଧରମ ମାଆ କରିଥିବା ବେଳେ ଅନେକ ସମୟରେ ତାଙ୍କ ଘରକୁ ଆସୁଥାଏ । ଘର ସହିତ ଜଡ଼ିତ ଥିବା ବେଳେ ଅଭିଯୁକ୍ତ ଗତ ୯/୧୨/୨୨ ରିଖ ଦିନ ଘରେ କେହି ନ ଥିବା ବେଳେ ଅଭିଯୁକ୍ତ ଧରମପୁଅ ସାଇକେଲ ଯୋଗେ ରାତିରେ ତାଙ୍କ ଘର ଆଜବେଷ୍ଟସ ଭାଙ୍ଗି ଘର ଭିତରକୁ ପ୍ରବେଶ କରି ଘରେ ଥିବା ସମସ୍ତ ସୁନା, ରୂପା ଅଳଙ୍କାର ସହ ଜମ୍ବୁବାଇଙ୍କର ମୋବାଇଲଟିକୁ ଚୋରି କରି ଫେରାର ହୋଇଯାଇଥିବା ବେଳେ ଜମ୍ବୁବାଇ ୧୦/୧୨/୨୨ ରିଖରେ ଘଟଣା ବାବଦରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ । ନୀଳଗିରି ଥାନାର ଆଇ.ଆଇ.ସି. ଗୋପାଳ କର୍ଣ୍ଣ ଘଟଣାକୁ ଗୁରୁତ୍ୱ ଦେବା ସହ ଚୋରୀ ହୋଇଥିବା ମୋବାଇଲଟିକୁ ଟ୍ରାକ କରି ଶେଷରେ ବାସୁଦେବପୁର ଅଂଚଳର ରହୁଥିବା ଧରମପୁଅକୁ ଗିରଫ କରିବା ସହ ସମସ୍ତ ଗହଣା ଓ ମୋବାଇଲକୁ ଜବତ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛନ୍ତି ।

## ପଣ୍ୟ କାରବାରରେ ପାରାଦୀପ ବନ୍ଦରର ଦ୍ରୁତତମ ଶତକୀୟ ନିୟୁତ ଟନ ସୂଚକାଙ୍କ ହାସଲ



ପାରାଦୀପ,୧୦/୦୧ (ନି.ପ୍ର): ପାରାଦୀପ ବନ୍ଦର କ୍ରମାଗତ ଷଷ୍ଠ ବର୍ଷ ପାଇଁ ପଣ୍ୟ କାରବାର କ୍ଷେତ୍ରରେ ୧୦୦ ନିୟୁତ ମେଟ୍ରିକ ଟନ ସୂଚକାଙ୍କ ଅତିକ୍ରମ କରି ଐତିହାସିକ ସଫଳତା ହାସଲ କରିଛି । ଚଳିତ ଆର୍ଥିକ ବର୍ଷରେ ଜାନୁଆରୀ ୯ତାରିଖ ପର୍ଯ୍ୟନ୍ତ ପାରାଦୀପ ବନ୍ଦର ୧୦୦.୨୨ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର କରିଛି । ଗତବର୍ଷ ଫେବୃଆରୀ ମାସ ୧୮ ତାରିଖ ଅର୍ଥାତ ବିଗତ ଆର୍ଥିକ ବର୍ଷରେ ୧୫.୭୭ ପ୍ରତିଶତ ଅଭିବୃଦ୍ଧି ସହ ଏହା ରେକର୍ଡ ୪୦ ଦିନ ପୂର୍ବରୁ ଅର୍ଥାତ ୨୭୪ ଦିନରେ ୧୦୦ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର ଅତିକ୍ରମ କରିପାରିଛି । ଚଳିତ ଆର୍ଥିକ ବର୍ଷରେ ଏହା ୧୨୫ ନିୟୁତ ମେଟ୍ରିକ ଟନ୍‌ରୁ ଅଧିକ ପଣ୍ୟ କାରବାର ହାସଲ ଦିଗରେ ଅଗ୍ରସର ପାରାଦୀପ ବନ୍ଦର । ତେବେ ବନ୍ଦରରେ ପ୍ରବର୍ତ୍ତିତ ବିଭିନ୍ନ ପଦ୍ଧତିରେ ଉନ୍ନତି ଅଣାଯିବା ଦ୍ୱାରା ପଣ୍ୟ କାରବାରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହେବ ବୋଲି ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ. ହରନାଦ ପ୍ରକାଶ କରିଛନ୍ତି । ପୂର୍ବ ଆର୍ଥିକ ବର୍ଷ ତୁଳନାରେ ତାପଜ କୋଇଲା କାରବାରରେ ୫୮.୧୧ ପ୍ରତିଶତ ଅଭିବୃଦ୍ଧି ହୋଇଛ । ଯାହାକି ବନ୍ଦରର ସମୁଦାୟ ପଣ୍ୟ କାରବାରର ବର୍ତ୍ତମାନ ସୁଦ୍ଧା ୩୧.୫୬ ପ୍ରତିଶତ ଅଟେ । ସମ୍ପ୍ରତି ପାରାଦୀପ ବନ୍ଦର ଦେଶର ପୂର୍ବ ଉପକୂଳରେ ନୌବାଣିଜିକ କେନ୍ଦ୍ରବିନ୍ଦୁ ଭାବେ ଉଭା ହୋଇଛି । ଖୁବ ଶୀଘ୍ର ଏହା ରାଜସ୍ଥାନ, ଉତ୍ତରପ୍ରଦେଶ ଏବଂ ହରିୟାନାରେ ଅବସ୍ଥିତ ତାପଜ ବିଦ୍ୟୁତ କେନ୍ଦ୍ର ଗୁଡିକୁ ଉପକୂଳ ନୌବାଣିଜ୍ୟ ଅନ୍ତର୍ଗତ ତାପଜ କୋଇଲା ପଠାଇବା ପାଇଁ ଲକ୍ଷ୍ୟ ରଖିଛି । ବନ୍ଦରର ଏହି ସଫଳତା ହାସଲ ପରିପ୍ରେକ୍ଷୀରେ ଅଧକ୍ଷ ପି.ଏଲ. ହରନାଦ, ଉପାଧକ୍ଷ ଏ.କେ.ବୋଷ, ଅନ୍ୟ ବିଭାଗୀୟ ମୁଖ୍ୟ ଏବଂ ଉପମୁଖ୍ୟ ମାନଙ୍କ ଉପସ୍ଥିତିରେ ସାଂକେତିକ କେକ୍ କଟାଯାଇ ଉତ୍ସବ ପାଳନ କରାଯାଇଥିଲା । ଉପରୋକ୍ତ କୀର୍ତ୍ତିମାନ ପାଇଁ ବନ୍ଦର ଅଧକ୍ଷ ଶ୍ରୀ ହରନାଦ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ବଳିଷ୍ଠ ନେତୃତ୍ୱ ଓ ମାର୍ଗଦର୍ଶନକୁ ଶ୍ରେୟ ଦେଇ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଛନ୍ତି । ବନ୍ଦର ସେବା କରିବା କ୍ଷମତା ଉପରେ ନିଜର ଅବିରତ ଆସ୍ଥା ସ୍ଥାପନ କରିଥିବାରୁ ବନ୍ଦର ଅଧକ୍ଷ ବନ୍ଦରର ସମସ୍ତ ଅଧିକାରୀ, କର୍ମଚାରୀ, ଶିଳ୍ପ ଉପଭୋକ୍ତା, ଷ୍ଟିଭେଡୋର୍ସ ସଂସ୍ଥା, ସିପିଙ୍ଗ ଏଜେଣ୍ଟ, ଟ୍ରେଡ ୟୁନିୟନ ଓ ପିପିପି ଅପରେଟର ମାନଙ୍କୁ ସାଧୁବାଦ ଜଣାଇଛନ୍ତି । ଏତଦବ୍ୟତିତ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଜାତୀୟ ରାଜପଥ ବିଭାଗ, ଆନ୍ତର୍ଦେଶୀୟ ଜଳମାର୍ଗ ମନ୍ତ୍ରଣାଳୟ, ଓଡିଶା ସରକାର, ଭାରତୀୟ ରେଳ ବିଭାଗ, ବହିଃଶୁଳ୍କ ବିଭାଗ, ଇମ୍ମିଗ୍ରେସନ ବିଭାଗ ସମେତ ଟର୍ମିନାଲ ଅପରେଟର ମାନଙ୍କ ସହଭାଗିତାକୁ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ଉଚ୍ଚ ପ୍ରଶଂସା କରିଛନ୍ତି ।

## ୨୧ତମ ଶ୍ରୀ ଅରବିନ୍ଦ ଦେହାଂଶ ପ୍ରତିଷ୍ଠା ଦିବସ ପାଳିତ

ଜଳେଶ୍ୱର, ୧୦/୧(ନି.ପ୍ର) : ଜଳେଶ୍ୱରସ୍ଥିତ ଶ୍ରୀଅରବିନ୍ଦ ଆଶ୍ରମ ପରିସରରେ ୨୧ ତମ ଶ୍ରୀ ଅରବିନ୍ଦ ଦେହାଂଶ ପ୍ରତିଷ୍ଠା ଉତ୍ସବ ଆଜି ଅନୁଷ୍ଠିତ ହୋଇ ଯାଇଛି । ମାତୃପ୍ରେମୀ ଲଳିତ ରଂଜନ ସେନାପତିଙ୍କ ଅଧ୍ୟକ୍ଷତା କରି ଶ୍ରର ଅରବିନ୍ଦଙ୍କ ଶ୍ରୀତନୁ ସ୍ଥାପନ ସ୍ଥାନରେ ଅତିମାନସ ଶକ୍ତି ଅଧିକ କ୍ରିୟଶୀଳ ବୋଲି କହିଥିଲେ । ଅନାଦି ନନ୍ଦନ ସ୍ୱାଇଁ ଉଦ୍‌ଘାଟକ ଭାବେ ଯୋଗ ଦେଇ ମଣିଷ ଭଗବତ ଚେତନତାକୁ ଅନୁଭବ କରିପାରିଲେ ଅର୍ନ୍ତଚେତନା ଉର୍ଦ୍ଧ୍ୱଗାମୀ ହେବ । ଫଳରେ ଶ୍ରୀଅରବିନ୍ଦଙ୍କ ଅତିମାନସ ଶକ୍ତି ବିକଶିତ ହୋଇ ପାରିବ ବୋଲି କହିଥିଲେ । ମୁଖ୍ୟଅତିଥିଭାବେ ସୁବାଶ ଚନ୍ଦ୍ର ଦାସ ଯୋଗ ଦେଇ ଅରବିନ୍ଦଙ୍କ ରୂପାନ୍ତରବାଦ ଜୀବଜଗତକୁ କରୋନା ଭଳି ମହାମାରୀ ଓ ଦୈବିଦୁର୍ବିପାକରୁ ରକ୍ଷା କରିପାରିବ ବୋଲି କହିଥିଲେ । କିନ୍ତୁ ଏଥିଲାଗି ଆବଶ୍ୟକ ମଣିଷର ସାଧନା । ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ସୁଷମା ମାହାନା ଶ୍ରୀଅରବିନ୍ଦଙ୍କ ଲିଖିତ ସାବିତ୍ରୀର ଅନୁବାଦ କରି ଏହି ପୁସ୍ତକର ଗୋଟିଏ ଗୋଟି ଶ୍ଳୋକ ସମଗ୍ର ଜୀବନକୁ ସତ୍‌ଚିତ୍ ଆନନ୍ଦ କରିପାରିବ ଏବଂ ଏଥିଲାଗି ଚେତନତାର ଉଦ୍ରେକ ହେବାଯୋଗୁଁ ମୁକ ମଧ୍ୟ ଦେବତ୍ୟପ୍ରାପ୍ତ ହୋଇପାରେ ବୋଲି କହିଥିଲେ । ସଂଯୁକ୍ତା ପ୍ରଧାନ ଶ୍ରୀ ଅରବିନ୍ଦଙ୍କ ଦର୍ଶନ ସଂପର୍କରେ କହିଥିଲେ । କାର୍ଯ୍ୟକ୍ରମକୁ ଜ୍ୟୋତିଶ ଚନ୍ଦ୍ର କର, ସୁଧିର କୁମାର କର, ଗଂଗାରାମ ପ୍ରଧାନ ପ୍ରମୁଖ ମାତୃପ୍ରେମୀ ପରିଚାଳନା କରିଥିବା ବେଳେ ସୁନିଲ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ରଂଜିତା ଗିରି ଓ ସୁଜାତା ମାହାନା ମାତୃ ବନ୍ଦନା ଗାନ କରିଥିଲେ । ପ୍ରାରମ୍ଭରେ ଅନାଦି ନନ୍ଦନ ସ୍ୱାଇଁ ମାତୃପତାକା ଉତ୍ତୋଳନ କରିଥିଲେ ।

## ଅଭିନେତ୍ରୀ ଏଲିନାଙ୍କ ନୂଆ ଅବତାର ଓଡ଼ିଆ ଚଳଚ୍ଚିତ୍ର ‘ପ୍ରତିଶୋଧ’ର ଶୁଭ ମହୁରତ




ଭୁବନେଶ୍ୱର,୧୦/୦୧ (ନି.ପ୍ର): ଓଲିଉଡରେ ଓଡ଼ିଆ ସିନେମାର ବଜାର ଏବେ ସରଗରମ । ଏହି ଗରମାଗରମ ମାହୋଲରେ ମନୋରଞ୍ଜନର ତଡ଼କା ଲଗେଇ ଜୀ-ସାର୍ଥକ ଫିଲ୍ମସ ନିବେଦିତ ଏବଂ କ୍ଷୀରୋଦ ପଟ୍ଟନାୟକ ପ୍ରଯୋଜିତ ଆଉ ଏକ ନୂଆ ସିନେମା ‘ପ୍ରତିଶୋଧ’ ର ଶୁଭ ମହୁରତ ଜୀ-ସାର୍ଥକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନେକ ସଫଳ ନନ୍ ଫିକ୍ସନ ମନୋରଞ୍ଜନ କାର୍ଯ୍ୟକ୍ରମ ର ନିର୍ଦ୍ଦେଶନା ସହିତ ଅନେକ ଚଳଚ୍ଚିତ୍ର ରେ ମୁଖ୍ୟ ସହଯୋଗୀ ନିର୍ଦ୍ଦେଶକ ଭାବେ କାମ କରିଥିବା ନିର୍ଦ୍ଦେଶକ ସାଇ ସ୍ୱରାଜ ମଙ୍ଗରାଜ (ପୁଚୁ)ଙ୍କ ନିର୍ଦ୍ଦେଶନାରେ ଚଳଚ୍ଚିତ୍ର ‘ପ୍ରତିଶୋଧ’ ନିର୍ମାଣ ହେବାକୁ ଯାଉଛି । ଓଡ଼ିଆ ଚଳଚ୍ଚିତ୍ର ଜଗତର ଆଗଧାଡିର ନାୟିକା ତଥା ଅନେକ ଚଳଚ୍ଚିତ୍ରରେ ନିଜର ଅଭିନୟର ପାରଦର୍ଶିତା ଯୋଗୁଁ ବହୁ ପୁରସ୍କାର ସାଉଁଟିଥିବା ଚୁଲବୁଲି ନାୟିକା ଏଲିନା ସାମନ୍ତରାୟ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି । ଏଲିନା ଓଡ଼ିଆ ସିନେ ଇଣ୍ଡଷ୍ଟ୍ରି କୁ ଅନେକ ସଫଳ ଚଳଚ୍ଚିତ୍ର ଦେଇଥିବା ବେଳେ ପ୍ରତିଶୋଧ ଚଳଚ୍ଚିତ୍ର ମାଧ୍ୟମରେ ଚଳଚ୍ଚିତ୍ର ଇତିହାସ ରେ ଏକ ମାଇଲ ଖୁଣ୍ଟ ନିଶ୍ଚୟ ସ୍ଥାପନ କରିବ । ଚଳଚ୍ଚିତ୍ର ର ଚିତ୍ରନାଟ୍ୟ ତଥା ସଂଳାପ ଭରଦ୍ୱାଜ ପଣ୍ଡା ଲେଖିଛନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୁଡଲି ରଥ । ଜୀବନରେ ଅନେକ ଦୁଃଖଦ ପରିସ୍ଥିତିକୁ ସାମନା କରିଥିବା ଗୋଟିଏ ସାଧାରଣ ଝିଅ ସମୟ ଅନୁସାରେ କିପରି ପ୍ରତିଶୋଧ ନେଉଛି ତା’ ଉପରେ ଆଧାରିତ ଏହି ଚଳଚ୍ଚିତ୍ରଟି ଜବରଦସ୍ତ ଆକ୍ସନ ଓ ଡ୍ରାମା ସହ ଦର୍ଶକଙ୍କୁ ଏକ ଭିନ୍ନ କାହାଣୀରେ ବାନ୍ଧି ରଖିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି । ଏଲିନା ସାମନ୍ତରାୟଙ୍କ ସମେତ ବରିଷ୍ଠ ଅଭିନେତା କୁନା ତ୍ରିପାଠୀ, ସମରେଶ ରାଉତରାୟ, ବବି ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି । ପ୍ରତିଶୋଧ ଖୁବ ଶୀଘ୍ର ସୁଟିଂ ଫ୍ଲୋରକୁ ଯିବ ବୋଲି ଜୀସାର୍ଥକ ତରଫରୁ ସୂଚନା ମିଳିଛି ।

## ଗାନ୍ଧି ସେବାଶ୍ରମ ଓ ଈଶ୍ୱରଲାଲ ଶିଶୁ ଭବନରେ ୪୪ତମ ବାର୍ଷିକ ଉତ୍ସବ

ଜଳେଶ୍ୱର, ୧୦/୧(ନି.ପ୍ର) : ଜଳେଶ୍ୱରର ଶାନ୍ତିଆଠାରେ ଗାନ୍ଧି ସେବାଶ୍ରମ ପରିସରରେ ସେବାଶ୍ରମ ଓ ଈଶ୍ୱର ଲାଲ ଶିଶୁ ଭବନ ପ୍ରତିଷ୍ଠାର ୪୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସୀତାଂଶୁ ସେଖର ସେନାପତି ଅଧ୍ୟକ୍ଷତା କରି ସୂଚନା ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମୁଖ୍ୟ ଅତିଥିଭାବେ ବାଲେଶ୍ୱର ଜିଲା ସିଡବ୍ଲୁସିର ଅଧ୍ୟକ୍ଷ ଭାଗିରଥି ବାରିକ ଯୋଗ ଦେଇ ଶିଶୁ ଆଶ୍ରମ ଗୁଡିକ ମଣିଷ ତିଆରୀ କାରଖାନା ହୋଇଥିବାରୁ ସେମାନଙ୍କ ଶୈଶବକୁ ମଧୁମୟ କରିବାଲାଗି ସରକାର ସ୍ଥାନୀୟ ଜନସାଧାରଣ ଓ ଅନୁଷ୍ଠାନର ପରିଚାଳନା କମିଟିର ଦାୟିତ୍ୱ ଥିବାର ସେ କହିଥିଲେ । ପିତାମାତା ନ ଥିବା ଆଶ୍ରମର ଛାତ୍ରଛାତ୍ରୀଙ୍କୁ ଭଲ ପରିବେଶ, ଶିକ୍ଷା ଦିଆଯାଇ ପାରିଲେ ଆଗାମୀ ଦିନରେ ସେମାନେ ସମାଜର ମୁଖ୍ୟ ସ୍ରୋତରେ ରହିପାରିବେ । ସେମାନଙ୍କର ସୁରକ୍ଷା ଓ ଲାଳନପାଳନ ଲାଗି ୨୦୧୫ ମସିହାରେ ‘ଚାଇଲ୍ଡ କେୟାର ଏଣ୍ଡ ପ୍ରଟେକ୍ସନ୍’ କାର୍ଯ୍ୟ କରୁଛି । ବାଲେଶ୍ୱର ଜିଲାରେ ସବୁ ଆଶ୍ରମ ଗୁଡିକରେ ପରିବାରବାଦ କାର୍ଯ୍ୟ କରୁଥିବା ବେଳେ ଜଳେଶ୍ୱରର ଶିଶୁ ଆଶ୍ରମ ବହୁ ଉର୍ଦ୍ଧ୍ୱରେ ଏବଂ ସେମାନଙ୍କର ପାରିପାର୍ଶ୍ୱିକ ବିକାଶ କରାଯିବା ଉଚିତ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ପୌରପାଳ ପ୍ରତୀପ କୁମାର ପ୍ରଧାନ ଅନାଥ ପିଲାଙ୍କ ଶୈଶବ ଏକ ସମ୍ବେଦନଶୀଳ ହୋଇଥିବାରୁ ସମସ୍ତେ ସେମାନଙ୍କ ଲାଗି ସହାୟତାର ହାତ ବଢାଇବା ଏବଂ ଅନ୍ତେବାସୀଙ୍କ ଉନ୍ନତିଲାଗି ପ୍ରଚେଷ୍ଟା କରିବା ସଂପର୍କରେ କହିଥିଲେ । ବିଧାୟକ ଅଶ୍ୱିନୀ ପାତ୍ରଙ୍କ ପ୍ରଚେଷ୍ଟାରେ ପୌରପରିଷଦରୁ ୧୦ଲକ୍ଷ ଟଙ୍କା ବ୍ୟୟରେ ପ୍ରାଚୀର ନିର୍ମାଣ କରାଯାଉଥିବା ସଂପର୍କରେ କହିଥିଲେ । ସିଡବ୍ଲୁସିର ସଦସ୍ୟ ଗଣେଶ୍ୱର ରାଉତ ଓ ଆଶିଷ ଘୋଷ ଏଥିରେ ଅତିଥିଭାବେ ଯୋଗ ଦେଇ ଉକ୍ତ ସଂସ୍ଥା ରାଜ୍ୟରେ ଶ୍ରେଷ୍ଠତ୍ୱ ପ୍ରତିପାଦକ କରୁଛି ଓ ଅଧିକ ଉନ୍ନତି ଆଶ କରିଥିଲେ । ସଂପାଦକ ଅଶୋକ କୁମାର ଜେନା ବିବରଣୀ ପାଠ କରିଥିବା ବେଳେ ସୁପରିଟେଣ୍ଡେଣ୍ଟ ମଳୟ କୁମାର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ହୋଟେଲ ଏକ୍ସଲେନ୍ସିରେ ଜୟଦେବ ଖବର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ




ଭୁବନେଶ୍ୱର,୧୦/୦୧ (ନି.ପ୍ର): ଶନିବାର ସନ୍ଧ୍ୟା ୬ ଘଟିକା ରେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ସ୍ଥିତ ହୋଟେଲ ଏକ୍ସଲେନ୍ସି ରେ ୱେବ ଚ୍ୟାନେଲ ଜୟଦେବ ଖବର ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ବିଜେଡ଼ି ସାଂସଦ ଶ୍ରୀମତୀ ସୁଲତା ଦେଓ, ସମ୍ମାନିତ ଅତିଥି ରୁପେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢ଼ାଲି, ପରିବେଶବିତ୍ ତଥା ବରିଷ୍ଠ ରାଜନେତା ଡ.ଶ୍ରୀ ଦିଲ୍ଲୀପ ଚନ୍ଦନ,ବିଶିଷ୍ଟ ଶିକ୍ଷାବିତ୍ ତଥା ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ସଂଳାପକାର ଡ. ରଜନୀ ରଞ୍ଜନ ଦାସ,ଚ୍ୟାନେଲର ମୁଖ୍ୟ ଉପଦେଷ୍ଟା ବିଦ୍ଦୁ ଭୂଷଣ ପଟ୍ଟନାୟକ, ଅଧକ୍ଷ ଆଶୁତୋଷ ଚୌଧୁରୀ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମରେ ଜୟଦେବ ଖବରର ସଦସ୍ୟ ପ୍ରିୟବ୍ରତ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିବା ବେଳେ ସୁରଜ୍ କୁମାର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜୟଦେବ ଖବରର ଅଧକ୍ଷ ଆଶୁତୋଷ ଚୌଧୁରୀ ସ୍ୱାଗତ ଅଭିଭାଷଣ କରିଥିଲେ । ‘ନିରପେକ୍ଷ ଖବର ପରିବେଷଣ କରିବା ସହିତ ଜୟଦେବ ଖବର ରାଜ୍ୟର ଗାଁ ଗାଁ ରେ ପରିଚିତ‘ ହେଉ ବୋଲି ମୁଖ୍ୟ ଅତିଥି ଶ୍ରୀମତୀ ଦେଓ ନିଜର ଅଭିଭାଷଣ ରେ ମତବ୍ୟକ୍ତ କରିଥିବା ବେଳେ ସମ୍ମାନିତ ଅତିଥିମାନେ ଜୟଦେବ ଖବର ର ଉନ୍ନତୀ କାମନା କରିଥିଲେ । । ଏହି କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧରେ ଜୟଦେବ ଖବର ର ଉପଦେଷ୍ଟା ଦିନବନ୍ଧୁ ଭୋଇ, ସମାଜସେବୀ ରଞ୍ଜନ କୁମାର ମହାପାତ୍ର , ତାପସ ରଂଜନ ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ।ସର୍ବଶେଷରେ ସହ - ସମ୍ପାଦକ ପ୍ରଳୟ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଗଣତନ୍ତ୍ର ଦିବସ ପରେ ଜାମ୍ମୁ-କାଶ୍ମୀର ଗସ୍ତରେ ଯିବେ ରକ୍ଷାମନ୍ତ୍ରୀ ରାଜନାଥ ସିଂହ

ଜାମ୍ମୁ,୧୦/୦୧ (ନି.ପ୍ର): ଚଳିତ ବର୍ଷ ଗଣତନ୍ତ୍ର ଦିବସ ପରେ କେନ୍ଦ୍ର ରକ୍ଷାମନ୍ତ୍ରୀ ରାଜନାଥ ସିଂହ ଜାମ୍ମୁ କାଶ୍ମୀର ଗସ୍ତରେ ଆସିବେ । ଏହି ସମୟରେ ସେ ରାଜୌରୀର ଡାଙ୍ଗରୀ ଗସ୍ତ ମଧ କରିବେ । କେନ୍ଦ୍ର ସରକାର ଡାଙ୍ଗରୀରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ବ୍ୟାପକ ନଜର ରଖିଛନ୍ତି । ନିକଟରେ ସରକାରଙ୍କ ପକ୍ଷରୁ ଅଂଚଳରେ ସିଆର୍‌ପିଏଫ୍‌ର ଅତିରିକ୍ତ କମ୍ପାନୀ ପଠାଯାଇଛି । ଏହା ସହିତ ସୀମାନ୍ତ ଅଂଚଳରେ ପୁଣିଥରେ ଭିଡିସି (ଭିଲେଜ ଡିଫେନ୍‌ସ କମିଟି)କୁ ସକ୍ରିୟ କରି ମଜଭୁତ କରାଯାଉଛି, ଯାହାଫଳରେ ଆତଙ୍କବାଦୀଙ୍କ ସମସ୍ତ ଷଡ଼ଯନ୍ତ୍ରକୁ ବିଫଳ କରାଯାଇପାରିବ ।

## ବିଶ୍ୱ ହିନ୍ଦୀ ଦିବସ ଉପରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଇଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୧୦/୦୧ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଶ୍ୱ ହିନ୍ଦୀ ଦିବସ ବିଶ୍ୱ ହିନ୍ଦୀ ଦିବସ ଅବସରରେ ସମସ୍ତଙ୍କୁ ଶୁଭକାମନା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଆମର ଅନେକତାକୁ ଏକତାର ସୂତ୍ରରୁ ବାନ୍ଧୁଥିବା ହିନ୍ଦୀ ଭାଷା ଭାରତୀୟ ମୂଲ୍ୟ ଓ ସଂସ୍କୃତିର ସମ୍ବାହକ ଅଟେ । ବିଶ୍ୱ ହିନ୍ଦୀ ଦିବସ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା । ଆସନ୍ତୁ ଆମେ ସମସ୍ତେ ନିଜ ଭାଷାକୁ ନେଇ ଗର୍ବ କରିବା । ହିନ୍ଦୀ ସହିତ ନିଜର ମାତୃଭାଷାର ପରସ୍ପର ବ୍ୟବହାର, ପ୍ରଚାର ଓ ପ୍ରସାର କରିବାକୁ ସଂକଳ୍ପ ନେବା ।

## ପୁରୁଷ ହକି ବିଶ୍ୱକପ୍-୨୦୨୩ ଅବସରରେ ଅନେକ ଗୁଡିଏ ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷଣ କରିବା ନିମନ୍ତେ ଯୋଜନା

ରାଉରକେଲା,୧୦/୦୧ (ନି.ପ୍ର): ପୁରୁଷ ହକି ବିଶ୍ୱକପ୍-୨୦୨୩ ଅବସରରର, ଓରମାସ ଓ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଦ୍ୱାରା ଅନେକ ଗୁଡିଏ ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷଣ କରିବା ନିମନ୍ତେ ଯୋଜନା ହୋଇଅଛି । ଓରମାସ , ଓଡ଼ିଶା ସରକାରଙ୍କର ପଞ୍ଚାୟତିରାଜ ବିଭାଗ ଓ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ରାଉରକେଲା ସେକ୍ଟର-୫ ସ୍ଥିତ ଭଞ୍ଜ ଭବନ ପ୍ରଦର୍ଶନୀ ପଡିଆରେ ଚଳିତ ବର୍ଷ ଜାନୁଆରୀ ମାସ ୧୫ ତାରିଖ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ଏକ ଆଞ୍ଚଳିକ “ସରସ ମେଳା” ଅନୁଷ୍ଠିତ ହେବାକୁ ଯାଉଅଛି । “ସରସ” ଏକ ବୃହତ ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ଯେଉଁଠାରେ ଦେଶର ବିଭିନ୍ନ ପ୍ରାନ୍ତରରୁ ବହୁମାତ୍ରାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ ଉତ୍ପାଦନକାରି ଗୋଷ୍ଠୀମାନେ ଅଂଶଗ୍ରହଣ କରିବେ । ଏହା ଦେଶର ଏକ ସର୍ବବୃହତ କଳା, ସ୍ଥାପତ୍ୟ ଓ ସଂସ୍କୃତିର ଦର୍ପଣ ସଦୃଶ ପରିଚୟ ପ୍ରଦାନ କରିବ । ଦେଶର କୁଶଳୀ କାରିଗର, କଳାକାର ଓ ଗ୍ରାମୀଣ ଉତ୍ପାଦନକାରୀ ଗୋଷ୍ଠୀମାନଙ୍କୁ ସେମାନଙ୍କର ଉନ୍ନତ ମାନର ଉତ୍ପାଦିତ ସାମଗ୍ରୀ ଗୁଡିକୁ ପ୍ରଦର୍ଶନ କରିବା ସଙ୍ଗେସଙ୍ଗେ କୁଶଳୀ କଳାକୃତିଗୁଡିକର ବଜାର ଚାହିଦା କୁ ପରଖି, ସୁନ୍ଦରଗଡ଼ ଓ ର । ଉ ର କେ ଲ । ର ଜନସାଧାରଣଙ୍କର ଇଚ୍ଛାଶକ୍ତିକୁ ଅକ୍ତିଆର କରିବାର ସୁଯୋଗ ମିଳିବ ଓ ତତ୍ ସଂଗେସଂଗେ ବାଣିଜ୍ୟିକ ସମ୍ପର୍କକୁ ମଧ ସୁଦୃଢ କରିବ । ଏହା ସହିତ, କଳା ଏବଂ ବିଭିନ୍ନ ପ୍ରାନ୍ତରରେ ଖାଦ୍ୟ ସାମଗ୍ରୀ ଚଳିତ ବର୍ଷର ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବ ଯାହାକି ଜନସାଧାରଣଙ୍କୁ ଅଧିକ ମାତ୍ରାରେ ଆକର୍ଷିତ କରିପାରିବ । ଆମ ଦେଶର ବିଭିନ୍ନ ରାଜ୍ୟର ଅଦ୍ୱିତୀୟ ପାରମ୍ପରିକ ଐତିହ୍ୟ ଓ କଳା ସଂସ୍କୃତିକୁ ପ୍ରଦର୍ଶନ କରିବା ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାର ବଚ୍ଛା ବଛା କଳାକାର ଦଳ ମାନଙ୍କ ଦ୍ୱାରା ଦୈନିକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବାର ଯୋଜନା ରହିଛି ।

**OFFICE OF THE MUNICIPAL COUNCIL, BALASORE**

Tel & Fax No. 06782-251222

e-mail:- balasoremunicipality@rediffmail.com

No. 247 Date.16.01.2023

**AUCTION SALE NOTICE**

Sealed tenders are invited from the Intending bidders for disposal of the following Old & unserviceable of the municipality Office Campus on as is where basis is.

| Sl No. | Type of Old & unserviceable Materials | Place of Auction | Upset Price. | Last date receipt of Tender | Date of opening of tender |
|---|---|---|---|---|---|
| 01. | Roada Roller | Executive Officer Balasore Municipality | 50000.00 | 17.01.2023 | 18.01.2023 |
| 02. | Lifting of garbags Bin (2Nos.) | --- do --- | 20000.00 (per each) | 17.01.2023 | 18.01.2023 |
| 03. | Tractor Dalla | --- do --- | 5000.00 | 17.01.2023 | 18.01.2023 |

The old & unserviceable materials are garaged in the office premises of Balasore Municipality which can be inspected during office hour on any working day. The bidders are requested to furnish the following particulars in a sealed cover separately super scribing "Auction of old & unserviceable materials "so as to reach the undersigned On date.**17.01..2023 by 5.P.M.** mentioned against old & unserviceable materials each by 5.P.M.through Regd.post/speed post. No tender will be received by hand. All the offers shall be opened on the consecutive day /date.**18.01..2023 at 4.00** P.M. The bidders or their authorized agents can be present during the opening of tender if they so desire.

1. **Name of the bidder with permanent address.**
2. **Present mailing address (Address proof such as copy of photo identity card/driving license/Pan Card/G.S.T. certificate etc has to be submitted)**
3. **Quoted price of old & unserviceable materials**
4. **Bank Draft No.& Dt. with E.M.D amount.**
5. **Full signature of the bidder with date.**

The offer must be accompanied by E.M.D. of **Rs.1000.00** (refundable in case of unsuccessful bidder) and another bank draft of **Rs.500/-**(non-refundable towards paper cost) for each vehicle in shape of Bank draft drawn in favour of the Executive Officer,Balasore Municipality payable at Balasore in any Nationalised Bank, separate bid with E.M.D has to be submitted for each item.

The highest bidder shall have to deposit minimum **25%** of the bid amount on the same day immediately after issue of the order .The balance amount can be paid within 7 (seven days) from the date of confirmation of the bid failing which the amount deposited including EMD will be forfeited. The successful bidder can take the after deposit of the entire amount. A separate order will be issued for lifting old & unserviceable materials of the within 7 days failing which ground rate **@1%** of the bid amount shall be charged per day or part thereof till removal of old & unserviceable materials . The undersigned will not be responsible for any damaged /pilferage caused to the old & unserviceable materials during the above period authority reserves the right to accept or reject any or all offers without assigning any reason thereof.

**Executive Officer**
**Balasore Municipality**

OIPR : 13154/11/0038/2223

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo